

**ରାମାୟଣ ଉପରେ ଟିପ୍ପଣୀ ଦେଇ ଫସିଲେ**
ପୃଷ୍ଠା ୪


# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 34 | ISSUE 31 ଭାଗ ୩୪ | ସଂଖ୍ୟା ୩୧ | Wednesday 22 April 2026 | Page 8 Rs. 5.00 | ଭୁବନେଶ୍ୱର ବୁଧବାର ୨୨ ଏପ୍ରିଲ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


### ଦିନିକିଆ ରାଉରକେଲା ଗସ୍ତରେ ମହାମହିମ

# ବିକାଶରେ ସବୁ ବର୍ଗର ଭାଗିଦାରୀ ଜରୁରୀ



**ହକିର ବିକାଶରେ ସୁନ୍ଦରଗଡ଼ର ଅବଦାନ ଅତୁଳନୀୟ**

**ପ୍ଲାନେଟରିୟମ୍ ଓ ବିଜ୍ଞାନ କେନ୍ଦ୍ର ଉଦଘାଟନ କଲେ ରାଷ୍ଟ୍ରପତି**

**ନିର୍ମଳ ମୁଣ୍ଡା ପରିବେଶ ପଥ, ଜନଜାତି ସଂଗ୍ରହାଳୟ ଉଦଘାଟିତ**

ରାଉରକେଲା,୨୧।୪(ସଂଚାର ବ୍ୟୁରୋ): ୨୦୪୭ ସୁଦ୍ଧା ବିକଶିତ ଭାରତ ଏବଂ ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା ଗଠନରେ ପ୍ରତ୍ୟେକ ଲୋକଙ୍କ ଭାଗିଦାରୀ ଜରୁରୀ। ବିକଶିତ ଭାରତ ଓ ବିକଶିତ ଓଡ଼ିଶା ଗଠନ ପାଇଁ ସର୍ବାଙ୍ଗୀନ ବିକାଶ ଓ ସମାଜର ପ୍ରତ୍ୟେକ ବର୍ଗର ଲୋକ ଏଥିରେ ସାମିଲ ହେବାକୁ ସେ ଆହ୍ୱାନ ଦେଇଛନ୍ତି। ଦେଶର ଚାଷୀ, ଶ୍ରମିକ, ଜନଜାତି ସମ୍ପ୍ରଦାୟ, ଅବହେଳିତ ବର୍ଗ, ବୁଦ୍ଧିଜୀବୀ, ଯୁବ ଓ ଛାତ୍ର ଏବଂ ସହରାଞ୍ଚଳ ଓ ଗ୍ରାମାଞ୍ଚଳ ଲୋକଙ୍କ ସାମୂହିକ ପ୍ରୟାସ ଏବଂ ସମର୍ପଣ ଦ୍ୱାରା ହିଁ ବିକଶିତ ଭାରତ ଗଠନ ସମ୍ଭବ ହେବ ବୋଲି ଆଜି ରାଉରକେଲା ଗସ୍ତରେ ଆସିଥିବା ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏକ ସାର୍ବଜନୀନ କାର୍ଯ୍ୟକ୍ରମରେ କହିଛନ୍ତି।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ରାଉରକେଲାଠାରେ ଆୟୋଜିତ ସାର୍ବଜନୀନ କାର୍ଯ୍ୟକ୍ରମରେ ଏକ ପ୍ଲାନେଟରିୟମ ଏବଂ ବିଜ୍ଞାନ କେନ୍ଦ୍ର ସହ ନିର୍ମଳ ମୁଣ୍ଡା ପରିବେଶ ପଥକୁ ଉଦ୍‌ଘାଟନ କରିଛନ୍ତି। ସେ ରାଉରକେଲାରେ ପୃଷ୍ଠା-୬

## ଇସ୍ପାତ ନଗରୀ ହେବ ଶିଳ୍ପ ପେଣ୍ଠ

**ଖୁବ୍‌ଶୀଘ୍ର ଆର୍‌ଏସ୍‌ପିର ସମ୍ପ୍ରସାରଣ**

**ସ୍ମାର୍ଟ ସିଟିକୁ ସ୍ମାର୍ଟର୍ କରିବ ଆଇସିସିସି**



ଖୁବ୍‌ଶୀଘ୍ର ରାଉରକେଲା ବିମାନବନ୍ଦରର ସମ୍ପ୍ରସାରଣ କାମ ଶେଷ ହେବ। ଏହି ବିମାନବନ୍ଦର ଘରୋଇ ବିମାନ ଚଳାଚଳ ପାଇଁ ବ୍ୟବହାର ହେବ। ଏଥିସହ ରାଉରକେଲା ଷ୍ଟିଲ ପ୍ଲାଣ୍ଟ (ଆର୍‌ଏସ୍‌ପି) ମଧ୍ୟ ଖୁବ ଶୀଘ୍ର ସମ୍ପ୍ରସାରିତ ହେବାକୁ ଯାଉଛି। ଏଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନିଆଯାଉଛି। ଆଜି ରାଉରକେଲାକୁ ରାଷ୍ଟ୍ରପତିଙ୍କ ଗସ୍ତ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗ ଦେଇ ଏହି ସୂଚନା ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

ରାଉରକେଲା କେବଳ ଏକ ଶିଳ୍ପ ସମୃଦ୍ଧ ସହର ନୁହେଁ। ଏହା ସ୍ୱପ୍ନ, ଶୃଙ୍ଖଳା, ବିବିଧତା ଏବଂ ବୈଭବରେ ପରିପୂର୍ଣ୍ଣ ସହର। ରାଉରକେଲା ଇସ୍ପାତ କାରଖାନା ସାରା ଦେଶରେ ସୁନାମ ଅର୍ଜନ କରିଛି। ଏହି ସହର ରାଷ୍ଟ୍ର ନିର୍ମାଣରେ ପୃଷ୍ଠା-୬

### ପୃଥକ ବାଣ କାରଖାନାରେ ବିସ୍ଫୋରଣ

# ୧୫ ମୃତ, ୪୪ରୁ ଉର୍ଦ୍ଧ୍ୱ ଶ୍ରମିକ ଆହତ

ନୂଆଦିଲ୍ଲୀ,୨୧।୪: ଦୁଇଟି ପୃଥକ୍ ଅଘଟଣରେ ମୋଟ ୧୫ ଜଣଙ୍କ ଜୀବନ ଯାଇଥିବା ବେଳେ ୪୪ରୁ ଉର୍ଦ୍ଧ୍ୱ ଗୁରୁତର ଭାବେ ଆହତ ହୋଇଛନ୍ତି। ଆଜି କେରଳର ତ୍ରିସୁର ଓ ମହାରାଷ୍ଟ୍ରର ପାଲଘରଠାରେ ବାଣ କାରଖାନାରେ ବିସ୍ଫୋରଣ ଘଟିବା ଫଳରେ ଏପରି ଜୀବନହାନି ଘଟଣା ଘଟିଛି।



**୨ ଲକ୍ଷ ଟଙ୍କାର କ୍ଷତିପୂରଣ ଘୋଷଣା କଲେ ପ୍ରଧାନମନ୍ତ୍ରୀ**

ସୂଚନାନୁସାରେ, କେରଳ ତ୍ରିସୁର ନିକଟସ୍ଥ ମୁଣ୍ଡଥିକୋଡ଼ ଅଞ୍ଚଳରେ ଏକ ବାଣ ତିଆରି ୟୁନିଟରେ ଭୟଙ୍କର ଅଗ୍ନିକାଣ୍ଡ ଏବଂ ସିରିଜ୍ ବିସ୍ଫୋରଣ ଘଟି ଅତି କମରେ ୧୩ ଜଣଙ୍କର ମୃତ୍ୟୁ ଘଟିଛି। ଆଜି ଅପରାହ୍ନ ପ୍ରାୟ ସାଢ଼େ ୩ଟା ସମୟରେ ଘଟିଥିବା ଏହି ବିସ୍ଫୋରଣରେ ୪୦ରୁ ଅଧିକ ଶ୍ରମିକ ଆହତ ହୋଇଛନ୍ତି। ସହରରେ ଆୟୋଜିତ ବାର୍ଷିକ ହିନ୍ଦୁ ମନ୍ଦିର ମହୋତ୍ସବ ତ୍ରିସୁର ପୁରମର ଥିରୁଭାମ୍ବାଡ଼ି ଗୋଷ୍ଠୀ ପାଇଁ ପ୍ରାୟ ୫ ଏକର ଧାନ କ୍ଷେତରେ ବାଣ ପ୍ରସ୍ତୁତ ହେଉଥିଲା। ବିସ୍ଫୋରଣ ଘଟିବା ଫଳରେ ବଡ଼ ଧରଣର ଅଗ୍ନିକାଣ୍ଡ ଘଟିଥିଲା ଓ ଚାହୁଁ ଚାହୁଁ ନିଆଁ ଚାରିଆଡ଼େ ବ୍ୟାପିଯାଇଥିଲା। ସେତେବେଳେ କାରଖାନାର ୮ଟି ସେଡ୍ ମଧ୍ୟରୁ ୫ଟିରେ ନିଆଁ ଲାଗିଯାଇଥିଲା। ସେଥିମଧ୍ୟରୁ ତିନୋଟି ସେଡ୍‌ରେ ବିପୁଳ ପରିମାଣର ବିସ୍ଫୋରକ ସାମଗ୍ରୀ ଥିବାରୁ ସିରିଜ ବିସ୍ଫୋରଣ ଘଟିଥିଲା। ଏହାର ପୃଷ୍ଠା-୬

### ଅନିଶ୍ଚିତତାରେ ମହାନଦୀର ଭବିଷ୍ୟତ

# ଦୁଇ ରାଜ୍ୟ ପାଖରେ ନାହିଁ ସର୍ବନିମ୍ନ ତଥ୍ୟ

**ମହାନଦୀକୁ କେତେ ପାଣି ଆସୁଛି ଜଣାନାହିଁ**

**ତେଲ୍ ଓ ଭେଡେନ ପାଇଁ ବଞ୍ଚିଛି ମହାନଦୀ**



ଭୁବନେଶ୍ୱର,୨୧।୪(ସଂଚାର ବ୍ୟୁରୋ): ମହାଦନୀ ଜଳବିବାଦକୁ ଏ ଭିତରେ ୮ ବର୍ଷରୁ ଅଧିକ ହେଲାଣି। ଓଡ଼ିଶା ଓ ଛତିଶଗଡ଼ ମଧ୍ୟରେ ମହାନଦୀ ଜଳ ଆବଣ୍ଟନକୁ ନେଇ ରାଜନୈତିକ ତୁମ୍ବିତୋଫାନ ପରେ ମାମଲା ଟ୍ରିବ୍ୟୁନାଲରେ ପହଞ୍ଚିଛି। ସରକାର ବଦଳିବା ପରେ ଏବେ ସହମତିରେ ସମାଧାନ କଥା କୁହାଯାଉଛି। ହେଲେ ବିଡ଼ମ୍ବନାର ବିଷୟ ହେଉଛି, ଦୁଇ ରାଜ୍ୟ ପକ୍ଷରୁ ସର୍ବନିମ୍ନ ଆବଶ୍ୟକ ତଥ୍ୟ ଏଯାଏଁ ସଂଗ୍ରହ କରାଯାଇନାହିଁ। ଏଥିରୁ ଓଡ଼ିଶାରେ ମହାନଦୀର ଭବିଷ୍ୟତ କ'ଣ ହେବ, ତାହା ସହଜେ ଅନୁମାନ କରାଯାଇପାରେ। ହୀରାକୁଦ ଉପର ମୁଣ୍ଡରେ ଛତିଶଗଡ଼ ସରକାର ଯେତେବେଳେ ଗୋଟିଏ ପରେ ଗୋଟିଏ ବ୍ୟାରେଜ ଓ ଡ୍ୟାମ ନିର୍ମାଣ କଲେ, ସେ ସମୟରେ ଓଡ଼ିଶା ସରକାର ପ୍ରତିବାଦ କଲେ ନାହିଁ। ଯେତେବେଳେ ଛତିଶଗଡ଼ ମହାନଦୀର ସବୁ ପାଣି ଅଟକାଇଦେଲା, ସେତେବେଳେ ଯାଇ ତତ୍କାଳୀନ ବିଜେଡି ସରକାରର ଚେତା ପଶିଲା ଆଉ ରାଜନୈତିକ ଲଢ଼େଇ ପରେ ଏବେ ମାମଲା ଟ୍ରିବ୍ୟୁନାଲରେ ପହଞ୍ଚିଛି। ଏବେ ମହାନଦୀର ପ୍ରବେଶ ଦ୍ୱାର କୁହାଯାଉଥିବା ଶୁଖାସୋଡ଼ା ପୂରାପୂରି ଶୁଖିଲା ପଡ଼ିଛି। ହୀରାକୁଦ ଉପର ମୁଣ୍ଡରେ ଥିବା ଛତିଶଗଡ଼ର କଲମା ବ୍ୟାରେଜର ୬୭ଟି ଯାକ ଗେଟ ବନ୍ଦ ପୃଷ୍ଠା-୬

### ୧୪୬ତମ ସିଙ୍ଗଲ ୱିଣ୍ଡୋ ବୈଠକରେ ୧୮ ପ୍ରକଳ୍ପକୁ ମଞ୍ଜୁରୀ

# ୩୮୭୭ କୋଟିର ନିବେଶ, ମିଳିବ ୭୫୬୫ ନିଯୁକ୍ତି

**ରାଜ୍ୟର ଶିଳ୍ପାୟନ ସଫଳତାରେ ଆଉ ଏକ ଫର୍ଦ୍ଦ**

**ଦୁଇ ବର୍ଷରେ କାର୍ଯ୍ୟକ୍ଷମ ହୋଇଛି ୧୫୦ରୁ ଅଧିକ ପ୍ରକଳ୍ପ**

**ଆଜି ୬ ପର୍ଯ୍ୟଟନ ଶିଳ୍ପ ସମ୍ପର୍କିତ ପ୍ରସ୍ତାବକୁ ମିଳିଲା ମଞ୍ଜୁରୀ**



ଭୁବନେଶ୍ୱର,୨୧।୪(ସଂଚାର ବ୍ୟୁରୋ): ଓଡିଶାକୁ ଏକ ଶିଳ୍ପ ସମୃଦ୍ଧ ରାଜ୍ୟରେ ପରିଣତ କରିବାକୁ ରାଜ୍ୟ ସରକାର ଯେଉଁ ମିଶନ ଆରମ୍ଭ କରିଛନ୍ତି, ସେଥିରେ ଆଜି ଆଉ ଏକ ସଫଳତାର ଫର୍ଦ୍ଦ ଯୋଡ଼ି ହୋଇଛି। ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ସହ ଅଧିକ ସଂଖ୍ୟକ ନିଯୁକ୍ତି ସୃଷ୍ଟି ଲକ୍ଷ୍ୟରେ ୧୪୬ତମ ସିଙ୍ଗଲ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି ବୈଠକରେ ୧୮ଟି ପ୍ରକଳ୍ପକୁ ମଞ୍ଜୁରୀ ଦିଆଯାଇଛି। ଏହି ପ୍ରକଳ୍ପ ଜରିଆରେ ରାଜ୍ୟରେ ଆଉ ୩୮୭୭ କୋଟି ଟଙ୍କାର ପୁଞ୍ଜି ନିବେଶ ହେବ। ଏଥିସହ ଏହିସବୁ ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ରାଜ୍ୟର ଯୁବକଯୁବତୀଙ୍କ ପାଇଁ ୭୫୬୫ଟି ନିଯୁକ୍ତି ସୁଯୋଗ ସୃଷ୍ଟି ହେବ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ରାଜ୍ୟ ସରକାର ଏବେ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି କରିପାରୁଥିବା, ତୁରନ୍ତ କାର୍ଯ୍ୟକ୍ଷମ ହୋଇପାରୁଥିବା, ଅଧିକ ନିବେଶ ଆଣିପାରୁଥିବା ମଡେଲର ଶିଳ୍ପକୁ ପ୍ରାଧାନ୍ୟ ଦେଉଛନ୍ତି। ଗତ ଦୁଇ ବର୍ଷ ମଧ୍ୟରେ ରାଜ୍ୟ ସରକାର ସଫଳତାର ସହ ୧୫୦ରୁ ଅଧିକ ଶିଳ୍ପ ପୃଷ୍ଠା-୬

### ପିଲାଙ୍କ ପ୍ୟାଣ୍ଟରେ ବିଛୁଆତି ପୂରାଇବା ଘଟଣା

# ନିଲମ୍ବିତ ହେଲେ ପ୍ରଧାନଶିକ୍ଷକ



**ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାନୁଷ୍ଠାନ**

**ସମ୍ବେଦନହୀନ ଆଚରଣକୁ କଡ଼ା ନିନ୍ଦା**

ଯାଜପୁର ରୋଡ୍,୨୧।୪(ସଂଚାର ବ୍ୟୁରୋ): ଦଣ୍ଡ ଦେବାକୁ ଯାଇ ପିଲାଙ୍କ ପ୍ୟାଣ୍ଟରେ ପ୍ରଧାନଶିକ୍ଷକ ବିଛୁଆତି ପୂରାଇ ଦେବା ଘଟଣାରେ ଆଜି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ବ୍ଲକ୍ ଶିକ୍ଷାଧିକାରୀ ଉକ୍ତ ସ୍କୁଲ୍‌ର ପ୍ରଧାନଶିକ୍ଷକଙ୍କୁ ଚାକିରିରୁ ନିଲମ୍ବିତ କରିଛନ୍ତି।

ମିଳିଥିବା ସୂଚନାନୁସାରେ, ଯାଜପୁର ଜିଲ୍ଲାର ସୁକିନ୍ଦା ବ୍ଲକ୍ ଅନ୍ତର୍ଗତ କାଳିଆପାଣି ସାରୁଆବିଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ବାସୁଦେବ ଦେହୁରୀ ଗତ ୧୭ ତାରିଖରେ ପିଲାମାନଙ୍କୁ ପ୍ୟାଣ୍ଟ୍‌ରେ ବିଛୁଆତି ଡାଳ ପୂରାଇବାକୁ ବାଧ୍ୟ କରିଥିଲେ। ଫଳତଃ ୧୦ରୁ ଉର୍ଦ୍ଧ୍ୱ ଛାତ୍ର ଯନ୍ତ୍ରଣାରେ ଛଟପଟ ହୋଇଥିଲେ। ଅଭିଭାବକମାନେ ଜାଣିବା ପରେ ସ୍କୁଲରେ ପହଞ୍ଚି ପ୍ରଧାନଶିକ୍ଷକଙ୍କୁ ଏ ସମ୍ପର୍କରେ ପଚାରିବା ସହ ପ୍ରତିବାଦରେ ଫାଟକ ଆଗରେ ଧାରଣା ଦେଇଥିଲେ। ପରେ ଅଭିଭାବକମାନେ ନିଜ ନିଜ ପିଲାଙ୍କ ଚିକିତ୍ସା କରାଇବା ସହ ଏନେଇ କାଳିଆପାଣି ଥାନାରେ ଉକ୍ତ ପ୍ରଧାନଶିକ୍ଷକଙ୍କ ନାଁରେ ଲିଖିତ ଅଭିଯୋଗ ପୃଷ୍ଠା-୬

### ପଶ୍ଚିମବଙ୍ଗରେ ପରିବର୍ତ୍ତନ ସଂକଳ୍ପର ନାରାଦେଲେ କେନ୍ଦ୍ରମନ୍ତ୍ରୀ

# ବଙ୍ଗରେ କବର ନେବ ଭୟ ଓ ଦୁର୍ନୀତିର ରାଜନୀତି



**ଶୋଭାଯାତ୍ରା, ରୋଡ୍ ଶୋ'ରେ କଲେ ପ୍ରଚାର**

କୋଲକାତା,୨୧।୪(ସଂଚାର ବ୍ୟୁରୋ): ପଶ୍ଚିମବଙ୍ଗ ପରିବର୍ତ୍ତନମୁହାଁ। ବଙ୍ଗଳାର ଜନସାଧାରଣ ଏଥର ଭୟ, ଭ୍ରଷ୍ଟାଚାର ଓ ବିଭାଜନର ରାଜନୀତିକୁ ଶେଷ କରି ବିକାଶ ଓ ସ୍ୱାଭିମାନର ସରକାର ଗଢ଼ିବାକୁ ନିଷ୍ପତ୍ତି ନେଇସାରିଛନ୍ତି ବୋଲି ଆଜି ବରନଗର ଓ ତାଲଡାଙ୍ଗରା ବିଧାନସଭା ନିର୍ବାଚନମଣ୍ଡଳୀରେ ରୋଡ୍ ଶୋ' ଓ ଶୋଭାଯାତ୍ରାରେ ସାମିଲ ହେବା ଅବସରରେ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

ସମ୍ପ୍ରତି ପଶ୍ଚିମବଙ୍ଗ ଗସ୍ତରେ ଥିବା ଶ୍ରୀ ପ୍ରଧାନ ଦଳୀୟ ପ୍ରାର୍ଥୀ ସଜଳ ଘୋଷଙ୍କ ସମର୍ଥନରେ ଆୟୋଜିତ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଏହି ଜନସ୍ରୋତ ବଙ୍ଗଳାରେ ପରିବର୍ତ୍ତନର ସ୍ପଷ୍ଟ ସଙ୍କେତ ବୋଲି ଶ୍ରୀ ପ୍ରଧାନ କହିଛନ୍ତି। ସେ କହିଛନ୍ତି ଯେ ଟିଏମସି ଯେତେ ଚେଷ୍ଟା କଲେ ବି ବିଜେପିର ସଂକଳ୍ପକୁ ନେଇ ଲୋକଙ୍କୁ ବିଭ୍ରାନ୍ତ କରିପାରିବ ନାହିଁ। ମମତା ଦିଦିଙ୍କ ଡରାଇବା ଓ ଧମକାଇବା ରାଜନୀତି ଏବେ ବିଫଳ ହେବ। ଅର୍ଥାତ୍ ଆଗାମୀ ନିର୍ବାଚନ ପରେ ବିଜେପି କ୍ଷମତାକୁ ଆସିଲେ ପଶ୍ଚିମବଙ୍ଗରେ ଭୟ ଓ ଦୁର୍ନୀତିର ରାଜନୀତି କବର ନେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ପଶ୍ଚିମବଙ୍ଗର ସୁରକ୍ଷା, ସୁଯୋଗ ଓ ସାମଗ୍ରିକ ବିକାଶ ପାଇଁ ସଂକଳ୍ପବଦ୍ଧ। ବଙ୍ଗଳାର ହଜିଯାଇଥିବା ଗୌରବକୁ ଫେରାଇ ଆଣିବା ଓ ଏକ ଆତ୍ମନିର୍ଭରଶୀଳ ରାଜ୍ୟ ପୃଷ୍ଠା-୬


# ଭକ୍ତଙ୍କୁ ଘାରିଛି ମୋକିମ ଭୟ



**ସୁଦର୍ଶନ ଦାସଙ୍କୁ ନୋଟିସ**

**ଶୃଙ୍ଖଳା ଭଙ୍ଗ ଅଭିଯୋଗ**

ଭୁବନେଶ୍ୱର,୨୧।୪(ସଂଚାର ବ୍ୟୁରୋ): ପିସିସି ସଭାପତି ଭକ୍ତ ଦାସ ଯେତେ ମୁହଁ ତୋଡ ଦେଖାଇଲେ କଣ ହେବ। ତାଙ୍କୁ ପୂର୍ବତନ ବିଧାୟକ ମହମ୍ମଦ ମୋକିମଙ୍କ ଭୟ ଘାରିଛି। ମୋକିମ କଂଗ୍ରେସର ବହୁ ନେତାଙ୍କ ସହ ସମ୍ପର୍କରେ ଥିବା ବାରମ୍ବାର କହୁଥିବାରୁ ଯିଏ ତାଙ୍କ ସହ ଯୋଗାଯୋଗ କରୁଛନ୍ତି ତାଙ୍କ ବିରୋଧରେ ଶୃଙ୍ଖଳା ଭଙ୍ଗ ଅଭିଯୋଗ ଆଣି ଶୃଙ୍ଖଳା କମିଟି ପକ୍ଷରୁ ନୋଟିସ ଜାରି କରାଯାଉଛି। ପୂର୍ବରୁ କ୍ରସ ଭୋଟିଂ ଅଭିଯୋଗରେ ୩ ଜଣ ବିଧାୟକଙ୍କୁ ଦଳରୁ ନିଲମ୍ବିତ କରାଯାଇଥିବା ବେଳେ ଏବେ ବରିଷ୍ଠ ନେତା ସୁଦର୍ଶନ ଦାସଙ୍କୁ ଦଳୀୟ ଶୃଙ୍ଖଳା ଭଙ୍ଗ ଅଭିଯୋଗରେ ନୋଟିସ କରାଯାଇଛି। ନିକଟରେ ମହାନଦୀ ଟ୍ରିବ୍ୟୁନାଲର ଓଡ଼ିଶା ଗସ୍ତକୁ ମହାନଦୀ ବଞ୍ଚାଅ ଅଭିଯାନ ପକ୍ଷରୁ ବିରୋଧ କରାଯାଇଥିଲା। ବିଭିନ୍ନ ସ୍ଥାନରେ ଏଥିପାଇଁ ବିକ୍ଷୋଭ ଓ ଜଳ ପ୍ରତିବାଦ ପୃଷ୍ଠା-୬



## କାନ ଡେରିଥା

ଖରା ବର୍ଷା ଶୀତ ମାଷ୍ଟର ଏଇଠି
ସରକାରୀ କଥା ମାନନ୍ତି
ଦରମା ଗଣ୍ଡାକ ବଢ଼ାଇବା ପାଇଁ
ଛଳ ର ଶିକାର ହୁଅନ୍ତି
ଜନଗଣନା ବି କରନ୍ତି...
ଶିକ୍ଷକଙ୍କୁ ଛାଡି ଅନ୍ୟ କର୍ମଚାରୀ
ବିଶ୍ୱାସ ଭାଜନ ନୁହଁନ୍ତି !

■ ଦେବାଶିଷ

# ଜାନକୀଙ୍କ କଥା ନମାନି ଏବେ ପସ୍ତଉଛନ୍ତି ବିଜୟ




**ମଞ୍ଚରେ କହିଲେ ମନର କଥା**

**ଲୋକେ ଶୁଣିଲେ ବିଜେଡି ଗଠନର ଗୁମର**

ଭୁବନେଶ୍ୱର,୨୧।୪(ସଂଚାର ବ୍ୟୁରୋ): ବିଜେଡି ଗଠନ ସମୟରେ ସେତେବେଳର ବରିଷ୍ଠ କଂଗ୍ରେସ ନେତା ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ସତର୍କବାଣୀକୁ ବେଖାତିର କରିବା ତାଙ୍କ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଛି। ଜାନକୀଙ୍କ କଥା ନ ମାନି ନବୀନଙ୍କୁ ଓଡ଼ିଶା ରାଜନୀତିକୁ ଆଣି ଆଜି ବି ସେ ପସ୍ତଉଛନ୍ତି। ଜାନକୀ ବଲ୍ଲଭଙ୍କ ଶ୍ରାଦ୍ଧ ଦିବସ ପାଳନ ଅବସରରେ ନାଗରିକ ମଞ୍ଚରୁ ବିଜୟ ମହାପାତ୍ର ଏଭଳି କଥା କହୁଥିବା ବେଳେ ମଞ୍ଚ ତଳେ ବସିଥିବା ଲୋକେ ବିଜେଡି ଗଠନର ଗୁମରକୁ କାନଡେରି ଶୁଣୁଥିବା ଲକ୍ଷ୍ୟ କରାଯାଇଥିଲା।

ନବଗଠିତ ନାଗରିକ ମଞ୍ଚ ଆଜି ପାଳନ କରିଥିଲା ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭଙ୍କ ଶ୍ରାଦ୍ଧ ଦିବସ। ଏହି ସଭାରେ ଉପସ୍ଥିତ ଥିଲେ ବିଜୟ ମହାପାତ୍ର ଓ ଅମର ପ୍ରସାଦ ଶତପଥୀଙ୍କ ଭଳି ବରିଷ୍ଠ ରାଜନେତା। ତେବେ ବିଜୟଙ୍କ କେଇପଦ କଥା ଉପସ୍ଥିତ ଲୋକଙ୍କୁ ବିସ୍ମିତ କରିଥିଲା। ଜାନକୀଙ୍କ ଗୁଣଗାନ କରି ବିଜୟ କହିଥିଲେ ଯେ ଜାନକୀ ଥିଲେ ଜଣେ ଦୂରଦୃଷ୍ଟିସମ୍ପନ୍ନ ରାଜନେତା। ବିଜେଡି ଗଠନ ପ୍ରକ୍ରିୟା ଯେତେବେଳେ ଆରମ୍ଭ ହୋଇଥିଲା, ସେତେବେଳେ ନବୀନଙ୍କୁ ଓଡ଼ିଶା ରାଜନୀତିକୁ ନ ଆଣିବା ପାଇଁ ଖୋଦ୍ ଜାନକୀ ବଲ୍ଲଭ ହିଁ ତାଙ୍କୁ ସତର୍କ କରାଇଥିଲେ।

ଜାନକୀ ସ୍ପଷ୍ଟ ଭାବେ କହିଥିଲେ, ନବୀନଙ୍କୁ କେନ୍ଦ୍ର ରାଜନୀତିରେ ରଖ। ଓଡ଼ିଶା ରାଜନୀତିକୁ ଆଣିଲେ ତୁମ ସମସ୍ତଙ୍କର କ୍ଷତି ହେବ। ହେଲେ ସେତେବେଳେ ବିଜୟ ମହାପାତ୍ର ଜାନକୀଙ୍କ ଏଭଳି କଥାକୁ ଅଣଦେଖା କରିଥିଲେ। ବିଜେଡି ଗଠନର ମଙ୍ଗ ଧରିଥିବା ବେଳେ ପୃଷ୍ଠା-୬

# ଖରା ଛୁଟି ପାଇଁ ଆସାଇନମେଣ୍ଟ
# ହ୍ୱାଟ୍ସଆପରେ ପଢ଼ିବେ ଛାତ୍ରଛାତ୍ରୀ

**ସମଗ୍ର ଶିକ୍ଷା ଅଭିଯାନ ପକ୍ଷରୁ ପ୍ରସ୍ତୁତି**

**ଏପ୍ରିଲ ୨୫ ସୁଦ୍ଧା ହେବ ହ୍ୱାଟ୍ସଆପ ଗ୍ରୁପ**

ଭୁବନେଶ୍ୱର,୨୧।୪(ସଂଚାର ବ୍ୟୁରୋ): ଖରା ଛୁଟିରେ ହେବ ପାଠପଢ଼ା। ସମର୍ ଲର୍ଣ୍ଣିଂ ପ୍ରୋଗ୍ରାମ ମାଧ୍ୟମରେ ପାଠ ପଢ଼ିବେ ଶିଶୁ ବାଟିକାରୁ ନେଇ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ। ଏନେଇ ସମଗ୍ର ଶିକ୍ଷା ଅଭିଯାନ ପକ୍ଷରୁ ସବୁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଚିଠି ଲେଖାଯାଇଛି। ସମଗ୍ର ରାଜ୍ୟରେ ଏହା ଚଳିତ ଖରା ଛୁଟିରେ କାର୍ଯ୍ୟକାରୀ କରାଯିବ। ଖରା ଛୁଟିରେ ପିଲାଙ୍କୁ ପାଠ ସହ ଯୋଡ଼ି ରଖିବାକୁ ଏଭଳି ଏକ ପଦକ୍ଷେପ ସମଗ୍ର ଶିକ୍ଷା ଅଭିଯାନ ପକ୍ଷରୁ ନିଆଯାଇଛି। ସବୁ ସରକାରୀ ସ୍କୁଲରେ ସମର ଲର୍ଣ୍ଣିଂ ପ୍ରୋଗ୍ରାମ ଚାଲିବ, ଏହା ଅଧୀନରେ ଛାତ୍ରଛାତ୍ରୀଙ୍କୁ ଅଭ୍ୟାସ ପାଇଁ ଅଡିଓ ଭିଡିଓ ପାଠ୍ୟକ୍ରମ ଯୋଗାଇ ଦିଆଯିବ। ଏଥିପାଇଁ ଶ୍ରେଣୀ ଅନୁସାରେ ବିଷୟ ନେଇ ଆସାଇନମେଣ୍ଟ ପ୍ରସ୍ତୁତ କରାଯାଇଛି। ଏହି ଆସାଇନମେଣ୍ଟକୁ ଶିଶୁ ବାଟିକାରୁ ନେଇ ଅଷ୍ଟମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ଘରେ ଅଭ୍ୟାସ ପାଇଁ ଦିଆଯିବ। ଏଥିପାଇଁ ବିଦ୍ୟାଳୟ କର୍ତ୍ତୃପକ୍ଷ ଅଭିଭାବକଙ୍କୁ ନେଇ ହ୍ୱାଟ୍ସଆପ ଗ୍ରୁପ ଖୋଲିବେ। ଏପ୍ରିଲ ୨୫ ତାରିଖ ସୁଦ୍ଧା ଗ୍ରେଡ୍ ଅନୁସାରେ ଅଭିଭାବକଙ୍କୁ ନେଇ ସମସ୍ତ ସରକାରୀ ସ୍କୁଲ ହ୍ୱାଟ୍ସଆପ ଗ୍ରୁପ ଖୋଲିବେ। ପୂର୍ବରୁ ଥିବା ଗ୍ରୁପକୁ ପୁନଃନାମିତ କରାଯିବ। ଏନେଇ ସମଗ୍ର ଶିକ୍ଷା ପକ୍ଷରୁ ଗାଇଡଲାଇନ ଜାରି କରାଯାଇଛି।

ପ୍ରତିବର୍ଷ ଭଳି ଛାତ୍ରଛାତ୍ରୀଙ୍କ ଲାଗି ଖରା ଛୁଟି ଅଭ୍ୟାସ ପାଠ୍ୟକ୍ରମ ଦିଆଯିବ। ଅଭ୍ୟାସ ସହ ପିଲାଙ୍କୁ ଅଡିଓ ଭିଡିଓ ପୃଷ୍ଠା-୬

### ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

# ହୀନ ମାନସିକତାକୁ ନାହିଁ ଭରସା

କାଶ୍ମୀରର ସୁନ୍ଦର ପର୍ଯ୍ୟଟନ କେନ୍ଦ୍ର ପହଲଗାମ, ଯେଉଁଠାରେ ପ୍ରକୃତିର ଶାନ୍ତି ଓ ସୌନ୍ଦର୍ଯ୍ୟ ଲୋକମାନଙ୍କୁ ଆକର୍ଷିତ କରେ, ସେହି ଭୂମି ବର୍ଷକ ତଳେ ରକ୍ତ ରଞ୍ଜିତ ହୋଇଥିଲା। ପହଲଗାମ ଆକ୍ରମଣ କେବଳ ଏକ ଆତଙ୍କବାଦୀ ଘଟଣା ନୁହେଁ,



ଏହା ଭାରତର ମନସପଟରେ ଏକ ଗଭୀର କ୍ଷତ ଭାବେ ରହିଗଲା। ଏହି ଘଟଣା ଦେଖାଇଦେଇଛି ଯେ ଆତଙ୍କବାଦ କେତେ ନିର୍ମମ ଓ ଅମାନବୀୟ ହୋଇପାରେ, ଏବଂ ଏହାର ପ୍ରଭାବ କେତେ ଦୀର୍ଘସ୍ଥାୟୀ। ପହଲଗାମ ଆକ୍ରମଣରେ ନିର୍ଦ୍ଦୋଷ ଯାତ୍ରୀମାନେ ଆତଙ୍କବାଦୀଙ୍କ ଲକ୍ଷ୍ୟ ହୋଇଥିଲେ। ଯେଉଁମାନେ ଶାନ୍ତି ଓ ଧାର୍ମିକ ଆସ୍ଥାକୁ ଭରସା କରି ସେଠାକୁ ଯାଇଥିଲେ, ସେମାନେ ହଠାତ ଗୁଳିର ଶବ୍ଦରେ ଭୟଭୀତ ହୋଇ ପଡ଼ିଥିଲେ। ଏହି ଆକ୍ରମଣ ଦେଶର ସାମୁହିକ ଚେତନାକୁ ଅନୁଭବ କରାଇଲା ଯେ ଆତଙ୍କବାଦ କୌଣସି ଧର୍ମ, ଜାତି କିମ୍ବା ମାନବତାକୁ ମାନେନାହିଁ। ଏହା କେବଳ ଧ୍ୱଂସ ଓ ଭୟ ସୃଷ୍ଟିର ଏକ ମାଧ୍ୟମ। ଏଭିତରେ ବର୍ଷେ ବିତିଯାଇଥିଲେ ମଧ୍ୟ, ପହଲଗାମ ଆକ୍ରମଣର ସ୍ମୃତି ଆଜି ପର୍ଯ୍ୟନ୍ତ ଲିଭିନାହିଁ। ପୀଡ଼ିତ ପରିବାରମାନଙ୍କ ପାଇଁ ଏହା ଅଶେଷ ଯନ୍ତ୍ରଣାଦାୟକ। ସେମାନେ ହାରାଇଥିବା ପ୍ରିୟଜନମାନଙ୍କୁ କେହି ଫେରାଇ ପାରିବେ ନାହିଁ। ଏହି ଘଟଣା ଆମକୁ ସ୍ମରଣ କରାଏ ଯେ ଆତଙ୍କବାଦର ବିରୋଧରେ ଯୁଦ୍ଧ କେବଳ ସୁରକ୍ଷା ବ୍ୟବସ୍ଥାର ଦାୟିତ୍ୱ ନୁହେଁ, ଏହା ସମଗ୍ର ସମାଜର ଦାୟିତ୍ୱ।

ଏହା ସହିତ, ପହଲଗାମ ଆକ୍ରମଣ ଦେଶର ସୁରକ୍ଷା ବ୍ୟବସ୍ଥାରେ ଥିବା ଦୁର୍ବଳତାକୁ ମଧ୍ୟ ପଦାରେ ପକାଇଥିଲା। ଏପରି ଘଟଣା ଆମକୁ ସଚେତନ କରେ ଯେ ଆମେ ଆମ ସୁରକ୍ଷା ନୀତିକୁ ଆହୁରି ସକ୍ରିୟ ଓ ଦୃଢ଼ କରିବା ଆବଶ୍ୟକ। ସେହିପରି, ଆତଙ୍କବାଦୀ ଚିନ୍ତାଧାରାକୁ ମୂଳରୁ ନଷ୍ଟ କରିବା ପାଇଁ ଶିକ୍ଷା, ସଚେତନତା ଓ ସାମାଜିକ ସମନ୍ୱୟ ଅତ୍ୟାବଶ୍ୟକ।

ଆଜିର ଦିନରେ, ପହଲଗାମ ଆକ୍ରମଣ ଆମ ପାଇଁ ଏକ ଶିକ୍ଷା ଭାବେ ରହିଛି। ଏହା ଆମକୁ ଏକତା, ସଚେତନତା ଓ ମାନବତାର ପଥରେ ଆଗେଇ ଯିବାକୁ ପ୍ରେରଣା ଦେଇଥାଏ। ଆମେ ଯଦି ଏହି ଘଟଣାରୁ ଶିକ୍ଷା ନେବାକୁ ବିଫଳ ହେବା, ତେବେ ଏପରି ଅଶୁଭ ଘଟଣା ପୁଣିଥରେ ଘଟିପାରେ। ସେହିପରି, ପହଲଗାମ ଆକ୍ରମଣ କେବଳ ଏକ ଦୁଃଖଦ ଇତିହାସ ନୁହେଁ; ଏହା ଆମ ପାଇଁ ଏକ ସତର୍କ ସଙ୍କେତ। ଏହା ଆମକୁ ଏକତାରେ ବାନ୍ଧିବା, ଆତଙ୍କବାଦର ବିରୋଧରେ ଦୃଢ଼ ହୋଇ ଦଣ୍ଡାୟମାନ ହେବା ଓ ଶାନ୍ତିର ସୁରକ୍ଷା କରିବାକୁ ଆହ୍ୱାନ କରେ। ଏହି କ୍ଷତ ସମ୍ଭବତଃ କେବେ ଲିଭିବ ନାହିଁ, କିନ୍ତୁ ଏହା ଆମକୁ ସଦା ସଚେତନ ରଖିବ ଓ ଆଗକୁ ବଢ଼ିବାର ଶକ୍ତି ଦେଇବ।

ଏହି ଆକ୍ରମଣ ପରେ ଭାରତ ଆରମ୍ଭ କରିଥିଲା ଅପରେସନ ସିନ୍ଦୁର। ପହଲଗାମରେ ଆତଙ୍କୀମାନେ ଯେଉଁମାନଙ୍କ ମଥାରୁ ସିନ୍ଦୁର ପୋଛି ଦେଇଥିଲେ, ତାର ଜବାବ ଦେଇଥିଲା ଭାରତ। ଏହି ଅପରେସନରେ ପାକିସ୍ତାନର ପ୍ରମୁଖ ଆତଙ୍କୀ ଆଡ୍ଡାକୁ ଟାର୍ଗେଟ କରାଯାଇଥିଲା ଓ ବହୁ ଓ୍ୱାଣ୍ଟେଡ ଆତଙ୍କବାଦୀ ମୃତ୍ୟୁବରଣ କରିଥିବା ସେନା ଦାବି କରୁଛି। କିନ୍ତୁ ପାକିସ୍ତାନର ହୀନ ମାନସିକତା ଉପରେ କାହାରି ଭରସା ନାହିଁ।

# ଭାଗବତର ମହତ୍ତ୍ୱ ଏବଂ ସାମାଜିକ ଆବଶ୍ୟକତା




ଡକ୍ଟର ଅମୂଲ୍ୟ କୁମାର ପଣ୍ଡା


ଭାଗବତ କେବଳ ଏକ ଧାର୍ମିକ ଗ୍ରନ୍ଥ ନୁହେଁ ବରଂ ଆଧ୍ୟାତ୍ମିକ ଏବଂ ନୈତିକ ଶିକ୍ଷାର ଏକ ଉତ୍ସ। ଭାଗବତ ପାଠ କରିବା ଦ୍ୱାରା ମନକୁ ଧର୍ଯ୍ୟ ଏବଂ ଶାନ୍ତି ମିଳିଥାଏ। ଆଜିର ବ୍ୟସ୍ତବହୁଳ ଏବଂ ଚାପପୂର୍ଣ୍ଣ ଜୀବନରେ ଲୋକମାନେ ମନର ଶାନ୍ତି ପାଇବା ପାଇଁ ବିଭିନ୍ନ ଉପାୟ ଖୋଜୁଛନ୍ତି। ଏପରି ପରିସ୍ଥିତିରେ, ଭାଗବତର ଶ୍ଳୋକ ଏବଂ ବାଣୀ ମନକୁ ଶାନ୍ତ କରିଥାଏ ଏବଂ ଆଧ୍ୟାତ୍ମିକ ସନ୍ତୋଷ ପ୍ରଦାନ କରିଥାଏ। ଏହା ଭକ୍ତିକୁ ବୃଦ୍ଧି କରିଥାଏ। ଭାଗବତ ବିଶେଷ ଭାବରେ ଭକ୍ତିର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରେ। ଏହା ଈଶ୍ୱରଙ୍କ ପ୍ରତି ଭକ୍ତି ଏବଂ ପ୍ରେମ ବିକଶିତ କରିବାର ସର୍ବୋତ୍ତମ ଉପାୟ। ଏହା ଲୋକମାନଙ୍କୁ ସେମାନଙ୍କର ଅହଂକାର ତ୍ୟାଗ କରି ଏକ ସରଳ ଏବଂ ନମ୍ର ଜୀବନଯାପନ କରିବାକୁ ପ୍ରେରଣା ଦିଏ। ଭାଗବତ ପାଠ କରିବା ଦ୍ୱାରା ନୈତିକ ମୂଲ୍ୟବୋଧରେ ଉନ୍ନତି ଆଣେ। ଏହି ପୁସ୍ତକ ଧାର୍ମିକତା, ସତ୍ୟବାଦୀତା, ଦୟା, କରୁଣା ଏବଂ ସଚ୍ଚୋଟତା ଭଳି ଗୁଣ ଉପରେ ବହୁତ ଗୁରୁତ୍ୱ ଦିଏ। ଏହାକୁ ପଢ଼ିବା ଦ୍ୱାରା ଲୋକଙ୍କୁ ଭଲ ମଣିଷ ହେବାକୁ ପ୍ରେରଣା ମିଳେ ଏବଂ ସମାଜରେ ଏକ ସକାରାତ୍ମକ ପରିବେଶ ସୃଷ୍ଟି ହୁଏ। ଏହା ଆତ୍ମ-ଜ୍ଞାନ ଏବଂ ଜୀବନର ସତ୍ୟକୁ ବୁଝିବାରେ ସାହାଯ୍ୟ କରେ। ଭାଗବତର ବାଣୀ ଜୀବନର ଅନିତ୍ୟତା, କର୍ମର ପରିଣାମ ଏବଂ ମୋକ୍ଷର ପଥ ବିଷୟରେ ସୂଚନା ପ୍ରଦାନ କରେ। ଏହା ଜଣେ ବ୍ୟକ୍ତିକୁ ସଠିକ ଦିଗରେ ଗତି କରିବାକୁ ପ୍ରେରଣା ଦିଏ। ଭାରତୀୟ ସଂସ୍କୃତି ଏବଂ ଧାର୍ମିକ ପରମ୍ପରାରେ, ଶ୍ରୀମଦ୍ ଭାଗବତ ପୁରାଣ ଏକ ଅତ୍ୟନ୍ତ ପବିତ୍ର ଏବଂ ଗୁରୁତ୍ୱପୂର୍ଣ୍ଣ ଗ୍ରନ୍ଥ। ଏହାକୁ ମହର୍ଷି ବ୍ୟାସଙ୍କ ଦ୍ୱାରା ରଚିତ ବୋଲି ବିଶ୍ୱାସ କରାଯାଏ। ଭାଗବତ ପୁରାଣ ଭଗବାନ ଶ୍ରୀକୃଷ୍ଣଙ୍କ କାରନାମା, ଧର୍ମ, ଭକ୍ତି ଏବଂ ଜୀବନର ଉଚ୍ଚ ଆଦର୍ଶ ଉପରେ ବିସ୍ତୃତ ଭାବରେ ବର୍ଣ୍ଣନା କରେ। ଏହା କେବଳ ଏକ ଧାର୍ମିକ ଗ୍ରନ୍ଥ ନୁହେଁ, ବରଂ ଜୀବନର ଏକ ଦର୍ଶନ ଯାହା ବ୍ୟକ୍ତିକୁ ସଠିକ ପଥ ଅନୁସରଣ କରିବାକୁ ପ୍ରେରଣା ଦିଏ। ଭାଗବତ ପୁରାଣ ଭକ୍ତି ଉପରେ ଆଧାରିତ। ଏହା ଈଶ୍ୱରଙ୍କ ପ୍ରତି ବିଶ୍ୱାସ ଏବଂ ଭକ୍ତି ରହିବାକୁ ଶିକ୍ଷା ଦିଏ। ଏହା ଦର୍ଶାଏ ଯେ ସରଳ ଭକ୍ତି ମୋକ୍ଷ ଆଡ଼କୁ ନେଇପାରେ। ଭାଗବତ ଅନେକ କାହାଣୀ ଏବଂ ଉଦାହରଣ ମାଧ୍ୟମରେ ନୈତିକ ଶିକ୍ଷା ପ୍ରଦାନ କରେ। ପ୍ରହ୍ଲାଦଙ୍କ ଭକ୍ତି, ଧ୍ରୁବଙ୍କ ଭକ୍ତି ଏବଂ ଅମ୍ବରୀଶଙ୍କ ଭକ୍ତି ସତ୍ୟ, ଧାର୍ମିକତା ଏବଂ ସହନଶୀଳତାର ମୂଲ୍ୟ ଶିକ୍ଷା ଦିଏ। ଭାଗବତର ଦଶମ ଅଧ୍ୟାୟ ଭଗବାନ ଶ୍ରୀକୃଷ୍ଣଙ୍କ ବାଲ୍ୟକାଳ, ଯୌବନ ଏବଂ ପରିଣତ ବୟସରେ ତାଙ୍କର କାରନାମା ବର୍ଣ୍ଣନା କରେ। ଗୋପୀମାନଙ୍କ ସହିତ ତାଙ୍କର ମିଳନ ସାକ୍ଷାତ, କଂସଙ୍କ ବଧ ଏବଂ ଗୀତାର ଶିକ୍ଷା ଧର୍ମ ଏବଂ କର୍ତ୍ତବ୍ୟର ଶିକ୍ଷା ଦିଏ। ଭଗବଦ୍ ଗୀତା ଆମକୁ କହେ ଯେ ଏହି ଜୀବନ ଅନିତ୍ୟ ଏବଂ ପ୍ରବଞ୍ଚନାପୂର୍ଣ୍ଣ। ତେଣୁ, ଜୀବନକୁ ସଫଳ କରିବା ପାଇଁ, ଧର୍ମ, କର୍ମ ଏବଂ ଭକ୍ତିରେ ବୁଡ଼ି ରହିବା ଉଚିତ। ଭଗବଦ୍ ଗୀତାର ମହତ୍ତ୍ୱ ଜନ୍ମ ଏବଂ ମୃତ୍ୟୁର ଶିକୁଳିରୁ ମୁକ୍ତି ଦେବାର କ୍ଷମତାରେ ରହିଛି। ଏହା ଆତ୍ମାର ପବିତ୍ରତା ଏବଂ ପରମ ଶାନ୍ତି ପ୍ରାପ୍ତ କରିବାର ଉପାୟ ପ୍ରଦାନ କରେ। ତେଣୁ ଭଗବଦ୍ ଗୀତାର ସାମାଜିକ ଆବଶ୍ୟକତା କ'ଣ ? ଆସନ୍ତୁ ଜାଣିବା। ଆଜିର ସମାଜ ଦୁର୍ନୀତି, ହିଂସା, ମିଥ୍ୟା ଏବଂ ଅନ୍ୟାନ୍ୟ ଅନେକ ଅନୈତିକ କାର୍ଯ୍ୟ ଦ୍ୱାରା ଜର୍ଜରିତ। ଭଗବଦ୍ ଗୀତାର ଶିକ୍ଷା ବ୍ୟକ୍ତିମାନଙ୍କୁ ନୈତିକ ଏବଂ ସତ୍ୟବାଦୀ ହେବାକୁ ସଶକ୍ତ କରେ, ଯାହା ଏକ ସୁସ୍ଥ ସମାଜ ଆଡ଼କୁ ନେଇଯାଏ। ଆଜିର ବିଶ୍ୱରେ, ଲୋକମାନେ ଚିନ୍ତା, ଚାପ ଏବଂ ଅଶାନ୍ତି ସହିତ ବଞ୍ଚନ୍ତି। ଭଗବଦ୍ ଗୀତା ପଢ଼ିବା ଏବଂ ଶୁଣିବା ଦ୍ୱାରା ଜୀବନରେ ମନର ଶାନ୍ତି ଏବଂ ସନ୍ତୁଳନ ଆସେ। ଭଗବଦ୍ ଗୀତା ଲୋକଙ୍କୁ ପ୍ରେମ, ସହଯୋଗ ଏବଂ ଭ୍ରାତୃତ୍ୱ ଶିଖାଏ। ଏହା ସମସ୍ତ ଜାତି, ଧର୍ମ ଏବଂ ବର୍ଗର ଲୋକଙ୍କୁ ଏକତ୍ର କରିବାରେ ସାହାଯ୍ୟ କରେ। ଭଗବଦ୍ ଗୀତା ଆମକୁ ପରିବାର ଏବଂ ସମ୍ପର୍କର ଗୁରୁତ୍ୱ ବିଷୟରେ ଅନେକ ଶିକ୍ଷା ଦିଏ। ଏହା ପରିବାର ମଧ୍ୟରେ ପ୍ରେମ, ସମ୍ମାନ ଏବଂ ଏକତାକୁ ପ୍ରୋତ୍ସାହିତ କରେ। ଆଜିର ଯୁବପିଢ଼ି ପ୍ରାୟତଃ ସଠିକ୍ ପଥରୁ ବିଚ୍ୟୁତ ହୁଅନ୍ତି। ଭଗବଦ୍ ଗୀତାର ଶିକ୍ଷା ଲୋକଙ୍କୁ ସଠିକ୍ ଦିଗରେ ମାର୍ଗଦର୍ଶନ କରେ ଏବଂ ସତ୍ୟ, ନୀତି ଏବଂ ଆଦର୍ଶ ଉପରେ ଆଧାରିତ ଜୀବନଯାପନ କରିବାକୁ ପ୍ରେରଣା ଦିଏ।

ଆଜିର ସମୟରେ, ବିଜ୍ଞାନ ଏବଂ ପ୍ରଯୁକ୍ତିର ଉନ୍ନତି ସତ୍ତ୍ୱେ, ଲୋକଙ୍କ ମନରେ ମାନସିକ ଶାନ୍ତିର ଅଭାବ ରହିଛି। ଏହି ସମୟରେ ଭଗବଦ୍ ଗୀତାର ବହୁତ ଆବଶ୍ୟକତା ଅଛି। ଏହା ଲୋକଙ୍କୁ ଆତ୍ମବିଶ୍ୱାସ, ସହନଶୀଳତା ଏବଂ ଧୈର୍ଯ୍ୟ ପ୍ରଦାନ କରେ। ଭଗବଦ୍ ଗୀତା ଆମକୁ ଶିକ୍ଷା ଦିଏ ଯେ ପ୍ରକୃତ ଧନ ଆଧ୍ୟାତ୍ମିକ ସମ୍ପତ୍ତିରେ ନାହିଁ, ଭୌତିକ ସମ୍ପତ୍ତିରେ ଅଛି। ଏହା ଲୋକଙ୍କୁ ନିଜ ମନକୁ ନିୟନ୍ତ୍ରଣ କରିବାକୁ ଏବଂ ସରଳ ଜୀବନଯାପନ କରିବାକୁ ପ୍ରେରଣା ଦିଏ। ଭଗବଦ୍ ଗୀତା ପଠନ ସାମାଜିକ ଏକତାକୁ ମଜବୁତ କରେ। ଏକାଠି ବସିବା, ଭଗବଦ୍ ଗୀତା ଶୁଣିବା କିମ୍ବା ପଠନ ସହଯୋଗ, ଭାଇଚାରା ଏବଂ ବନ୍ଧୁତାକୁ ପ୍ରୋତ୍ସାହିତ କରେ। ଭଗବଦ୍ ଗୀତା ପଠନ ଆଧ୍ୟାତ୍ମିକ ଶାନ୍ତି, ନୈତିକ ଶକ୍ତି ଏବଂ ଜୀବନରେ ସଠିକ୍ ଦିଗ ପ୍ରଦାନ କରେ। ଏହା ଆମ ଜୀବନକୁ ଶୁଭ ଏବଂ ସଫଳ କରିବା ପାଇଁ ଏକ ଅତ୍ୟାବଶ୍ୟକୀୟ ଉପକରଣ। ଶ୍ରୀମଦ୍ ଭଗବଦ୍ ଗୀତା ଏକ ମୂଲ୍ୟବାନ ଧାର୍ମିକ ଏବଂ ସାମାଜିକ ଗ୍ରନ୍ଥ। ଏହାର ମହିମା ଅପାର ଏବଂ ଏହା ଲୋକଙ୍କୁ ନୈତିକ, ଆଧ୍ୟାତ୍ମିକ ଏବଂ ସାମାଜିକ ଭାବରେ ସଶକ୍ତ କରେ। ଆଜିର ସମାଜରେ ଭଗବଦ୍ ଗୀତାର ବହୁତ ଆବଶ୍ୟକତା ଅଛି କାରଣ ଏହା ଲୋକଙ୍କୁ ସଠିକ୍ ପଥ ଦେଖାଏ ଏବଂ ଏକ ସୁନ୍ଦର, ଶାନ୍ତିପୂର୍ଣ୍ଣ ଏବଂ ସମୃଦ୍ଧ ସମାଜ ସୃଷ୍ଟି କରିବାରେ ସାହାଯ୍ୟ କରେ। ଆମ ସମସ୍ତଙ୍କୁ ଭାଗବତଙ୍କ ଶିକ୍ଷାକୁ ଆମ ଜୀବନରେ ଅନୁସରଣ କରିବା ଉଚିତ, ଯାହା ଆମକୁ ଏବଂ ସମାଜକୁ ଲାଭଦାୟକ ହେବ।


ଅରଙ୍ଗାବାଦ, ବରୀ, ଯାଜପୁର
ମୋବାଇଲ:୮୨୪୯୫୦୨୭୭୬





# ଧୈର୍ଯ୍ୟ ଏକ ଦୈବୀଶକ୍ତି




ସତୀଶ ବିଶ୍ୱାଳ




ମାଟିରେ ପଡ଼ିଥିବା ମଞ୍ଜିଟିକୁ କେହି ଗୁରୁତ୍ୱ ଦେଇ ନଥାନ୍ତି। ହେଲେ ଏହା ଅଦରକାରୀ ନୁହେଁ। ସମସ୍ତଙ୍କ ଅଗୋଚରରେ ଏହି ମଞ୍ଜି ବଞ୍ଚିବାକୁ ନିଜର ସାମର୍ଥ୍ୟ ଯୋଗାଡ କରେ। ପରେ ସମସ୍ତଙ୍କ ଦୃଷ୍ଟି ଆଢୁଆଳରେ ଭୂଇଁ ତଳେ ତଳେ ନିଜର ଚେର ବିସ୍ତାର କରି ଜୀବନ ଯୁଦ୍ଧ ଆରମ୍ଭ କରିଦିଏ। ଅନେକ ବର୍ଷର ଜୀବନ ଯୁଦ୍ଧରେ ସେ ମଞ୍ଜି କେତେବେଳେ ମହାଦ୍ରୁମରେ ପରିଣତ ହୁଏ, ତାହା କାହାକୁ ଜଣା ପଡ଼ି ନଥାଏ। ଯେଉଁ ବୃକ୍ଷଟି ଅକାଳରେ ଏବଂ ଯଥାଶିଘ୍ର ବଢ଼ିଥାଏ ତାହା ସାମାନ୍ୟ ତୋଫାନରେ ଭାଙ୍ଗିଯାଏ ଓ ନଷ୍ଟ ହୋଇଯାଏ। ହେଲେ ବର୍ଷ ବର୍ଷ ଧରି ଧୈର୍ଯ୍ୟର ସହ ବଢ଼ିଥିବା ବୃକ୍ଷଟି ଯେତେ ଝଡ ତୋଫାନ ଆସିଲେ ବି, ସେମିତି ଠିଆ ହୋଇ ରହିଥାଏ। ଅର୍ଥାତ କାନକୁ ଶୁଭୁଥିବା ଶବ୍ଦ, ଦେଖା ଯାଉଥିବା ସଫଳତା ବ୍ୟତୀତ ବାସ୍ତବ ଶକ୍ତି ଓ ସଫଳତା କିନ୍ତୁ ଅଦୃଶ୍ୟରେ ଥାଏ। ଯେମିତି ମଞ୍ଜିଟି ମହାଦ୍ରୁମରେ ପରିଣତ ହେବା ପାଇଁ ବାସ୍ତବ ଶକ୍ତି ମାଟି ତଳେ ଥିବା ଚେରରେ ଅଦୃଶ୍ୟରେ ଥାଏ। ପ୍ରକୃତିକୁ ମଧ୍ୟ ବିହନରୁ ବୃକ୍ଷ ସୃଷ୍ଟି କରିବା ପାଇଁ ଧୈର୍ଯ୍ୟର ଆବଶ୍ୟକ ଥାଏ। ସମୟ ସହିତ ଅପେକ୍ଷା କରିବାର ଧୈର୍ଯ୍ୟ ହିଁ ସଫଳତାର ଶକ୍ତି ପ୍ରଦାନ କରେ। ପ୍ରକୃତି କେବେ ବି କାହାକୁ ଶିଘ୍ର ବଢ଼ିବାକୁ ସୁଯୋଗ ଦିଏ ନାହିଁ। ଯଦି ବି କାହାକୁ ଶିଘ୍ର ବଢ଼ିବାକୁ ଦିଏ, ତେବେ ତାକୁ ପୁଣି ଶିଘ୍ର ଭାଙ୍ଗି ମାଟିରେ ମିଶାଇ ଦିଏ। ତାର ଚିହ୍ନ ବର୍ଣ୍ଣ ବି ରଖେ ନାହିଁ। ଏହା ପ୍ରକୃତିର ନିୟମ। ଭଗବାନଙ୍କ ସୃଷ୍ଟିରେ ସବୁକିଛି ସମୟ, ନିୟମ ଓ ଜଳବାୟୁ ଅନୁସାରେ ଅଭିବୃଦ୍ଧି ହୋଇଥାଏ।

ମଣିଷର ଉତୋରତର ଉନ୍ନତି ପାଇଁ 'ସହନଶୀଳତା' ଅତ୍ୟାବଶୀକ। ଏହି ସହନଶୀଳତା ଶବ୍ଦଟି 'ଧୈର୍ଯ୍ୟ'ର ସ୍ୱରୂପ। ଏହି ସହନଶୀଳତା ହିଁ ପରବର୍ତି ସମୟରେ ମଣିଷକୁ ବଡ ଲଢେଇର ସାମର୍ଥ୍ୟ ପ୍ରଦାନ କରେ। ନିଜ ବିରୋଧରେ ହେଉଥିବା ସମସ୍ତ ପ୍ରକାର ଷଡଯନ୍ତ୍ର ଏବଂ ଅତ୍ୟାଚାରକୁ ବରଦାସ୍ତ କରିବା ଶକ୍ତିଶାଳୀ ବ୍ୟକ୍ତିର ବଡ ପରିଚୟ ହୋଇଥାଏ। ଶକ୍ତିଶାଳୀ ବ୍ୟକ୍ତି ଏ କ୍ଷେତ୍ରରେ ପ୍ରତିକ୍ରିୟା ନଦେଇ ନିଜର ଧୈର୍ଯ୍ୟ ରୂପକ ଶକ୍ତିର ଦମ ଦେଖାଇଥାଏ। ଅତ୍ୟାଚାରକୁ ସହିଯିବା ମଧ୍ୟ ଶକ୍ତିଶାଳୀ ବ୍ୟକ୍ତିର ବ୍ୟକ୍ତିତ୍ୱର ଏକ ନିଦର୍ଶନ। ଉଣା ଅଧିକେ ବିଶ୍ୱର ବହୁ ମହାମାନବ ଏହା ନିଜ କ୍ଷେତ୍ରରେ କରି ଦେଖାଇଛନ୍ତି। ଭଗବାନ ଯିଶୁଙ୍କ ଜୀବନୀ ଠାରୁ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଅହିଂସା ଆନ୍ଦୋଳନ ଏ କ୍ଷେତ୍ରରେ ଗୋଟିଏ ଗୋଟିଏ ଦୃଷ୍ଟାନ୍ତ ମାତ୍ର। ଏଭଳି ଦନ୍ଥସମୟରେ ଶକ୍ତିଶାଳୀ ବ୍ୟକ୍ତିର ଧୈର୍ଯ୍ୟ ହିଁ ଚିନ୍ତା କରି ପଦକ୍ଷେପ ନେବାର ସମୟ ଓ ସୁଯୋଗ ଦେଇଥାଏ। ଏହି ସମୟ ମଧ୍ୟରେ ସେ ସଠିକ ନିଷ୍ପତି ନେଇଥାଏ। ଏହାପରେ ଠିକଣା ସମୟରେ ସେ ସଠିକ ପ୍ରତିକ୍ରିୟା ଦେଇଥାଏ।

ହେଲେ ଦୁର୍ବଳ ବ୍ୟକ୍ତି ତତକ୍ଷଣାତ ପ୍ରତିକ୍ରିୟାଶୀଳ ହୋଇଥାଏ। ଅଧୈର୍ଯ୍ୟ ବ୍ୟକ୍ତି ନିଜର ଶକ୍ତିକୁ କଳି-ଝଗଡ଼ା ଓ ନୀତିହୀନ କାର୍ଯ୍ୟରେ ନଷ୍ଟ କରେ। ବ୍ୟକ୍ତି ଓ ସମାଜର ମଙ୍ଗଳ ପାଇଁ ତାକୁ ଯେତେ ପ୍ରର୍ଯ୍ୟାପ୍ତ କ୍ଷମତା, ସୁଯୋଗ ଓ ସାଧନ ମିଳିଥିଲେ ମଧ୍ୟ ସେ ତାର ଦୁରୁପଯୋଗରେ ଆତ୍ମ ସନ୍ତୋଷ ଲାଭ କରେ। ଏହି ଧରଣର କ୍ଷମତାଶାଳୀ ବ୍ୟକ୍ତି ନିଜ କ୍ଷମତାର ଅପବ୍ୟବହାର କରି ତୁରନ୍ତ ଅଜସ୍ର ଧନ ସମ୍ପତି କେବଳ ଅନୈତିକ ଉପାୟରେ ଅର୍ଜନ କରିବାର ନିଶାରେ ମତୁଆଲା ହୁଅନ୍ତି। ଏହି ରାକ୍ଷାସ ପ୍ରକୃତିର ଇତିହାସକୁ ଭୟ ନଥାଏ। ନିଜ ପାଇଁ ସୁଖ ସମୃଦ୍ଧିର ଅନ୍ୟ ନାମ ଜୀବନ ବୋଲି ଧରିନିଏ। ଆତ୍ମା ଓ ପରମାତ୍ମା ଭିତରେ ଥିବା ସମ୍ପର୍କ ବୁଝେନାହିଁ। ଲୋକ ଦେଖାଣିଆ ଭାବେ ଭଗବାନଙ୍କ ଅସ୍ତିତ୍ୱକୁ ସ୍ୱୀକାର କରେ। କିଛି ସମୟ ପାଇଁ ଭୁଲିଯାଏ ଯେ, ବିଶ୍ୱର କାହିଁ କାହିଁ ପ୍ରବଳ ପ୍ରତାପୀ ଶକ୍ତିଶାଳୀ ଶାସକ ମାନଙ୍କ ଅସ୍ତିତ୍ୱ ଲୋପ ପାଇ ଯାଇଛି। ଏପରିକି ତାଙ୍କର ସାମ୍ରାଜ୍ୟ ଧରାଶାୟୀ ହୋଇଛି। ଆକାଶକୁ ଛୁଇଁଥିବା ଭଳି ତାଙ୍କର ସୁନାର ପ୍ରାସାଦ ବି ମାଟିରେ ମିଶି ଯାଇଛି। ସାଧାରଣ ଲୋକେ ଏହା ମାଟି ଉପରେ ମଳତ୍ୟାଗ କରିବାକୁ ବି ଘୃଣା କରିଥାନ୍ତି। ଏଭଳି କ୍ଷମତାଶାଳୀ ମାନେ କେବଳ ବର୍ତ୍ତମାନର ଲାଭ ଓ ଲୋଭକୁ ନେଇ ବଞ୍ଚନ୍ତି। ଲୋଭରୁ ମୃତ୍ୟୁ ବୋଲି ଯାହା କୁହାଯାଏ ତାହା ଠିକ ହୋଇପାରେ। ହେଲେ ମୃତ୍ୟୁ ତ ସମସ୍ତଙ୍କ ପାଇଁ ଦିନେ ଆସେ। କିନ୍ତୁ ଲୋଭରୁ ନିଜର 'ବ୍ୟକ୍ତିତ୍ୱର ମୃତ୍ୟୁ' ହୋଇଥାଏ। ଏହି ବ୍ୟକ୍ତିତ୍ୱର ମୃତ୍ୟୁ ହେଲେ ସମାଜ ଆଖିରେ ବ୍ୟକ୍ତି ନିନ୍ଦିତ ହୁଏ। ଫଳରେ ବର୍ତ୍ତମାନ ଠାରୁ ଇତିହାସ ତା ପାଇଁ ଅଧିକ ପୀଡା ଦେଇଥାଏ। ଏହି ପୀଡା ତାର ମଣିଷ ଜନମକୁ ନିରର୍ଥକ କରିଦିଏ।

ଧୈର୍ଯ୍ୟ ରଖୁଥିବା କ୍ଷମତାଶାଳୀ ବ୍ୟକ୍ତି ନିଜର ଶକ୍ତିକୁ ସୃଜନଶୀଳ କାର୍ଯ୍ୟରେ ବିନିଯୋଗ କରେ। ଏହି ସୃଜନଶୀଳତା କେବଳ ସମାଜର ବୃହତର ସ୍ୱାର୍ଥରକ୍ଷା ପାଇଁ ସମର୍ପିତ। ଶ୍ରୀ ଜଗନ୍ନାଥ ମହାପ୍ରଭୂଙ୍କ ଜଗତର କଲ୍ୟାଣ ପାଇଁ ସମର୍ପିତ ପ୍ରତ୍ୟେକ ବ୍ୟକ୍ତିଙ୍କ ସହ ମହାପ୍ରଭୂ ରହିଥାନ୍ତି। ପ୍ରଭୂ ବି ଧୈର୍ଯ୍ୟର ପରୀକ୍ଷା ନେଇଥାନ୍ତି। ମୁଁ ପ୍ରଭୂ ହୋଇ ବି ମୋତେ ଧୈର୍ଯ୍ୟ ଧରିବାକୁ ପଡ଼ିଛି ବୋଲି ଜଗତର ନାଥ ଜଗତବାସୀଙ୍କୁ ନିଜ କ୍ଷେତ୍ରରେ ବି ଦେଖାଇଛନ୍ତି। କଳିଯୁଗରେ ନିଜେ ଶ୍ରୀ ଜଗନ୍ନାଥ ମହାପ୍ରଭୂ ପ୍ରାୟ ବର୍ଷ ବର୍ଷ ପୂଜା ନପାଇ କେତେବେଳେ ପାତାଳି ତ କେତେବେଳେ ଅଜ୍ଞାତରେ ଲୁଚି ରହିଥିବାର ପ୍ରମାଣ ରହିଛି। ଏହା କୌଣସି ପୁରାଣ ନୁହେଁ ବରଂ ଇତିହାସ। ରାଜା ହେବାକୁ ଥିବା ଶ୍ରୀ ରାମଚନ୍ଦ୍ର ମହାପ୍ରଭୂ ରାତି ପାହିଲା ବେଳକୁ ବନବାସ ଯାଇଛନ୍ତି। ଭଗବାନଙ୍କ ପତ୍ନୀ ମା ଲକ୍ଷ୍ମୀଦେବୀଙ୍କ ସ୍ୱରୂପ ମା ସୀତାଦେବୀଙ୍କୁ ରାବଣ ବଣରେ ଘୋଷାଡି ଘୋଷାଡି ନେଇଛି। ନିଜେ ଭଗବାନ ଶ୍ରୀକୃଷ୍ଣଙ୍କ ପିତା, ମାତା ବର୍ଷ ବର୍ଷ ଧରି କାରାଗାରରେ ରହିଛନ୍ତି। ଅଭିମନ୍ୟୁ ବଦ୍ଧ, ପାଣ୍ଡବଙ୍କ ବନବାସ, ଦୌପଦୀଙ୍କୁ ଭରା ଦରବାରକୁ ଦଃଶାସନ ଘୋଷାଡି ଘୋଷାଡି ଆଣିବା ପର୍ଯ୍ୟନ୍ତ ହୃଦୟ ବିଦାରକ ଘଟଣାକୁ ପାଣ୍ଡବଙ୍କ ସାଥୀରେ ଥିବା ଶ୍ରୀକୃଷ୍ଣ ରୋକି ନାହାନ୍ତି। ସେଥିପାଇଁ ସେ ଦୃଷ୍ଟଙ୍କୁ ସଙ୍ଗେ ସଙ୍ଗେ ଦଣ୍ଡ ଦେଇ ନାହାନ୍ତି। ବରଂ ଧର୍ମକୁ ଯେତେବେଳେ ଅତ୍ୟାଚାର ହୋଇଛି, ଅଧର୍ମର ବିନାଶ ପାଇଁ ସେବେଠାରୁ ଓଲଟ ଗଣତି ଆରମ୍ଭ ହୋଇଛି। ନ୍ୟାୟ ଦେବାରେ ମଧ୍ୟ ଭଗବାନ ଧୈର୍ଯ୍ୟକୁ ପ୍ରଦର୍ଶନ କରିଛନ୍ତି। ନିଜର ଶ୍ରେଷ୍ଠ ସାଥୀ ସୁଦାମା ସର୍ବହରା ହେବା ପର୍ଯ୍ୟନ୍ତ ଶ୍ରୀକୃଷ୍ଣ ଅପେକ୍ଷା କରିଛନ୍ତି। ପ୍ରତିଟି କ୍ଷେତ୍ରରେ ମହାପ୍ରଭୂ ନିଜର, ନିଜ ଭକ୍ତ, ସାଥୀ ଓ ଅନୁଗତଙ୍କ ଧୈର୍ଯ୍ୟର ପରୀକ୍ଷା ନେଇଛନ୍ତି। ଆମେ କେହି ତ କହିପାରିବା ନାହିଁ ଏସବୁ କ୍ଷେତ୍ରରେ ଶ୍ରୀ ଜଗନ୍ନାଥ ମହାପ୍ରଭୂ, ଶ୍ରୀ ରାମଚନ୍ଦ୍ର, ମା ସୀତା ଦେବୀ, ଭଗବାନ ଶ୍ରୀକୃଷ୍ଣ, ପାଣ୍ଡବ, ଦୌପଦୀ, ସୁଦାମା କିଛି ଭୁଲ କରିଥିଲେ ବୋଲି ଦଣ୍ଡ ପାଉଥିଲେ। ସମାଜରେ ବଡ ପରିବର୍ତନ ଆଣିବାକୁ ହେଲେ ଭଗତ ସିଂ ମାନଙ୍କୁ ଫାସୀ ଖୁଣ୍ଟରେ ଝୁଲିବାକୁ ପଡେ, ଜୟ ରାଜଗୁର ମାନଙ୍କୁ ବରଗଛର ଦୁଇଡାଳରେ ଦୁଇ ଗୋଡକୁ ବାନ୍ଧି ଦେଇ ଶରୀରକୁ ଦୁଇଫାଳ କରି ଦିଆଯାଏ। ଏହା ବିଧିର ବିଧାନ। ଏ କ୍ଷେତ୍ରରେ ତ୍ୟାଗକୁ ହସି ହସି ସହୁଥିବା ପ୍ରତ୍ୟେକ ମଣିଷ ଭଲ ଭାବରେ ବୁଝିଥାଏ ଯେ, ତାର ଜନମ କେବଳ ଯନ୍ତ୍ରଣା ପାଇଁ। ଦେଶ ଓ ମାଟି ପାଇଁ ଏ ପ୍ରକାର ମଣିଷ ଅତ୍ୟାଚାରକୁ ନିଜର ସମ୍ପଦ ଓ ସୁଖ ବୋଲି ମନେକରେ। ନଚେତ ସେ ଏଭଳି କାର୍ଯ୍ୟ କରିବାର ଧୈର୍ଯ୍ୟ ପାଇ ନଥାଏ। ଧୈର୍ଯ୍ୟ ନଥିବା ମଣିଷ ନୀତିହୀନ ହୋଇଥାଏ। ନୀତିହୀନ ବ୍ୟକ୍ତି ଅତି ଶସ୍ତାରେ ନିଜର ନୈତିକତାକୁ ଜଳାଞ୍ଜଳୀ ଦେବାରେ ଆତ୍ମ ସନ୍ତୋଷ ଲାଭ କରେ। ସେ କେବଳ ଭଗବାନଙ୍କ ଉପସ୍ଥିତିକୁ ଅଷ୍ଟପ୍ରହରୀ କୁଞ୍ଜରେ କିମ୍ବା ଶ୍ରୀ ମନ୍ଦିର ପରି ପବିତ୍ର ତୀର୍ଥକ୍ଷେତ୍ରରେ ଉପଲବ୍ଧି ତ କରେ ନାହିଁ ବରଂ ଉପଲବ୍ଧି କରୁଥିବାର ମିଛ ଅଭିନୟ କରେ। ଅଷ୍ଟପ୍ରହରୀ କୁଞ୍ଜରେ ଜୋରରେ ଚିତ୍କାର କରି ହରିନାମ ଗାଇଲେ କିମ୍ବା ଶ୍ରୀ ମନ୍ଦିର ସମ୍ମୁଖରେ ହାତ ଟେକିଦେଲେ ମହାପ୍ରଭୂଙ୍କ ଭକ୍ତ ହୋଇଯାଏ ବୋଲି ଭାବି ନିଜକୁ ନିଜେ କେବଳ ଠକିଥାଏ। ତାର ଏହି ଠକିବା ଓ ପ୍ରବଞ୍ଚନା ମହାପ୍ରଭୂଙ୍କ ଅସ୍ତିତ୍ୱକୁ ଉପହାସ ନୁହେଁ ବରଂ ଅଟ୍ଟହାସ୍ୟ କରୁଥାଏ। ଆତ୍ମା ଭିତରେ ଥିବା ପରମାତ୍ମା ତାର ସମସ୍ତ କର୍ମକୁ ପ୍ରତି ମୁହୁର୍ତରେ ନିକିତିରେ ତଉଲୁ ଥିବାର ଚରମ ସତ୍ୟକୁ ଭୁଲିଯାଏ।

ଧୈର୍ଯ୍ୟ - ସ୍ୱର୍ଗ ପରି ଅସୀମ ଏବଂ ସମୁଦ୍ର ପରି ଅଥଳ। ପୃଥିବୀ ମାଆ ପରି ସବୁ ଅତ୍ୟାଚାରକୁ ସହିଯାଏ। ଗୋଟିଏ ଗୋଟିଏ କ୍ଷେପଣାସ୍ତ୍ର କେତେ କିଲୋମିଟର ବ୍ୟାପୀ ଧ୍ୱଂସ ବିଧ୍ୱଂସ କରି ଦେଇପାରେ। ହେଲେ ବ୍ୟକ୍ତି ଓ ସମାଜର ବୃହତର ସ୍ୱାର୍ଥ ପାଇଁ କାର୍ଯ୍ୟ କରି ସମସ୍ତ ପ୍ରକାର ଅତ୍ୟାଚାରକୁ ଧୈର୍ଯ୍ୟର ଅସ୍ତ୍ରରେ ମୁକାବିଲା କରୁଥିବା ମଣିଷଟି ଲକ୍ଷ ଲକ୍ଷ ହୃଦୟରେ କେତେବେଳେ ମଣିଷରୁ ଦେବତା ପାଲଟି ଯାଇଥାଏ, ମୁକୁଟ ବହୀନ ସମ୍ରାଟ ହୋଇଯାଏ, ସେ ଖବର ତା ନିଜ ପାଖରେ ବି ନଥାଏ। ସମସ୍ତ ପ୍ରକାର ନକାରାତ୍ମକ ତତ୍ତ୍ୱର ଆଧାର ପରମାଣୁ ବୋମା। ହେଲେ ଧୈର୍ଯ୍ୟ ହେଉଛି ସମସ୍ତ ପ୍ରକାର ସକାରାତ୍ମକ ଶକ୍ତିର ଉତ୍ସ। ଧୈର୍ଯ୍ୟ ହିଁ ପରୀକ୍ଷା, ସାଧନା ଓ ସିଦ୍ଧି। ଧୈର୍ଯ୍ୟ ହେଉଛି ତପସ୍ୟାର 'ଓଁ କାର' ଶବ୍ଦ। ଏହି ତପସ୍ୟାକୁ କେବଳ ଭଗବାନ ଏବଂ ମଣିଷ ପରି ମଣିଷ ମାନେ ବୁଝିଥାନ୍ତି କିମ୍ବା ଅନୁଭବ କରିଥାନ୍ତି। ଏହା ଭିତରେ ରହିଛି ଅସରନ୍ତି ଅପାର ଶକ୍ତି ଓ ସାମର୍ଥ୍ୟ। 'ଧ' ରୁ ଧୈର୍ଯ୍ୟ, 'ଧ' ରୁ ଧର୍ମ। ଏହାକୁ ଯିଏ ନ ଧରିଛି, ପାପର ରାକ୍ଷାସ ତାର ସର୍ବନାଶ କରିଛି। ଯେଉଁଠାରେ ଶାରିରୀକ, ଆସୁରିକ ବଳ, କ୍ଷମତାର ଅନ୍ଧ ଅହଂକାର ହାରିଯାଏ, ସେଠାରେ ଧୈର୍ଯ୍ୟ ଓ ଧର୍ମର ଆଧ୍ୟାତ୍ମିକ, ମାନସିକ ଓ ଦୈବୀବଳ କାର୍ଯ୍ୟ କରେ। ସେହିଠାରୁ ଯେତେସବୁ ଅପୂର୍ବ, ଅଦ୍ଭୁତ ଐଶ୍ୱରିକ ଶକ୍ତିର ବିଗୁଲ ବାଜେ। ଧୈର୍ଯ୍ୟ କଷ୍ଟକର ହୋଇପାରେ କିନ୍ତୁ ଏହାର ଫଳ ସର୍ବଦା ମଧୁର ଓ ଶକ୍ତିଶାଳୀ। ଏହା କୌଣସି ପରାଜୟ ନୁହେଁ, ବରଂ ବିଜୟ ପାଇଁ ଏକ ପ୍ରସ୍ତୁତି।



ଭୁବନପୁର, ମଧୁପୁରଗଡ଼, ଧର୍ମଶାଳା, ଯାଜପୁର, ମୋ-୯୪୩୭୦୧୯୧୧୭


# ପୃଥିବୀ ଦିବସ


ହରପ୍ରିୟା ମହାନ୍ତି




ପୃଥିବୀ ସୌରମଣ୍ଡଳରେ ଏକମାତ୍ର ଗ୍ରହ ଯେଉଁଠାରେ ଜୀବଜଗତ ସୃଷ୍ଟି ହୋଇପାରିଛି। ଏଥିପାଇଁ ଅନେକ ସହସ୍ର ବର୍ଷ ଲାଗିଛି। ପୃଥିବୀରେ ପ୍ରାୟ ତିନିଶହ ଲକ୍ଷ ପ୍ରଜାତିର ଜୀବଜନ୍ତୁ ବସବାସ କରିଥାନ୍ତି। "ପରସ୍ପରାଗ୍ରହୋ ଜୀବାନାମ୍" ଅର୍ଥାତ୍ ଜୀବମାନେ ଜଣେ ଅନ୍ୟ ଜଣଙ୍କର ମଙ୍ଗଳ କରିଥାନ୍ତି। ମଣିଷର ଅଜ୍ଞାନତା ଓ ଅପରିମାଣଦର୍ଶିତା ଯୋଗୁଁ ପୃଥିବୀକୁ ପ୍ରଦୂଷିତ କରିଚାଲିଛି। ନିଜର ଚାହିଦା ପୂରଣ ପାଇଁ ଆମେ ଜଙ୍ଗଲ ନଷ୍ଟ କରୁଛେ। ବିଷାକ୍ତ ବର୍ଜ୍ୟବସ୍ତୁ ଜଳକୁ ପ୍ରଦୂଷିତ କରୁଛି। କଳକାରଖାନାରୁ ନିର୍ଗତ ଧୂଆଁ ଓ ବିଷାକ୍ତ ବାଷ୍ପ ବାୟୁମଣ୍ଡଳକୁ ପ୍ରଦୂଷିତ କରୁଛନ୍ତି। ଏହାଦ୍ୱାରା ପୃଥିବୀର ଅସ୍ତିତ୍ୱ ବିପଦରେ ଅଛି। କାଳିଦାସଙ୍କ ପରି "ଯେଉଁ ଡାଳରେ ବସିଛ ସେହି ଡାଳ ହାଣୁଛ" ପରି ଆମେ ଯେଉଁ ପୃଥିବୀରେ




ବସବାସ କରୁଛୁ ସେଇ ପୃଥିବୀକୁ ନିଜ ହାତରେ ଧ୍ୱଂସ କରି ଚାଲିଛୁ। ଏହିପରି ଭାବେ ପୃଥିବୀ ପ୍ରଦୂଷିତ ହେଲେ କିଛି ବର୍ଷ ମଧ୍ୟରେ ଏହା ଧ୍ୱଂସ ପାଇବ।

ପୃଥିବୀକୁ ଏହି ଧ୍ୱଂସ ମୁଖରୁ ରକ୍ଷା କରିବା ପାଇଁ ୧୯୭୦ ମସିହା ଅପ୍ରେଲ ୨୨ ତାରିଖରେ ଆରମ୍ଭ କରାଯାଇଥିବା ଏହି "ପୃଥିବୀ ଦିବସ"ର ମୂଳ ଲକ୍ଷ୍ୟ ହେଲା ପ୍ରାକୃତିକ ଜିନିଷ ଗୁଡ଼ିକର ସୁରକ୍ଷା ପାଇଁ ସଚେତନତା ସୃଷ୍ଟି କରିବା ଓ ଏହାକୁ ଧ୍ୱଂସ ମୁଖରୁ ରକ୍ଷା କରିବା ପାଇଁ ପଦକ୍ଷେପ ନେବା। ପ୍ରଥମ ଥର ପାଇଁ ଏହି ଦିବସ ଅପ୍ରେଲ ୨୨ ତାରିଖରେ ଆମେରିକୀୟ ସିନେଟ୍‌ର ଗେର୍ଲ୍ଡ ନେଲସନ୍ ଓ ଆୟୋଜକ ଡେନିସ୍ ହେଜ୍ ଆରମ୍ଭ କରିଥିଲେ। 'ପୃଥିବୀ ଦିବସ' ନାମକରଣ ଲେଖକ ଜୁଲିଅନ୍ କୋଏଲିଙ୍ଗ୍ ଦ୍ୱାରା ପ୍ରଦାନ କରାଯାଇଥିଲା।

ବର୍ତ୍ତମାନ ଆମ ମାନବ ସଭ୍ୟତା ଏକ ଘଡ଼ିସନ୍ଧି ମୂହୂର୍ତ୍ତ ଦେଇ ଗତିକରୁଛି। ଚାରିଆଡ଼େ ଯୁଦ୍ଧର ତାଣ୍ଡବ ଲାଗିରହିଛି। ତେଜସ୍କ୍ରିୟ ବିକିରଣ ଓ ମାରାତ୍ମକ ଅସ୍ତ୍ରଶସ୍ତ୍ରର ପ୍ରଭାବ ସମଗ୍ର ପୃଥିବୀ ଉପରେ ପଡୁଛି। ଯାହାଦ୍ୱାରା ସାର୍ବଜନିକ ସ୍ୱାସ୍ଥ୍ୟ ଉପରେ କୁପ୍ରଭାବ ପଡୁଛି। ଏହି ଯୁଦ୍ଧ ସମୟରେ ବୃକ୍ଷଗୁଡ଼ିକ ବହୁଳ ମାତ୍ରାରେ କଟାଯାଉଛି। ସମୁଦ୍ରରେ ହେଉଥିବା ଅସ୍ତ୍ରଶସ୍ତ୍ରର ପରୀକ୍ଷଣ ଜଳକୁ ପ୍ରଦୂଷିତ କରୁଛି। ଅଙ୍ଗାରକାମ୍ଳ ସ୍ତର ବୃଦ୍ଧି ପାଉଛି, ବାୟୁର ଗୁଣବତ୍ତା ହ୍ରାସ ପାଇ ଓଜୋନ ସ୍ତରରେ ବୃଦ୍ଧି ଘଟୁଛି, ଭୂମି ଓ କୃଷି ଉପରେ ପ୍ରତିକୂଳ ପ୍ରଭାବ ପକାଉଛି। ଏହି ସବୁ ପ୍ରତିକୂଳ ପ୍ରଭାବର ଦୀର୍ଘସ୍ଥାୟୀ ପରିଣାମ ପୃଥିବୀ ଉପରେ ବର୍ଷ ବର୍ଷ ଧରି ରହିବ।

ପୃଥିବୀକୁ ଏହିସବୁରୁ ରକ୍ଷା କରିବା ପାଇଁ ଜଳବାୟୁ ପରିବର୍ତ୍ତନ ବା 'ଗ୍ଲୋବାଲ୍ ୱାର୍ମିଂ'ରୁ ରକ୍ଷା ପାଇବା ପାଇଁ ଆମେ ଏହି ପୃଥିବୀ ଦିବସକୁ ପଳନ କରୁଛେ। ଆମର ଭବିଷ୍ୟତର ବଂଶଧରଙ୍କ ପାଇଁ ଏକ ସୁସ୍ଥ ସୁନ୍ଦର ପୃଥିବୀ ଉପହାର ଦେବା ପାଇଁ ଆମ ସମସ୍ତଙ୍କୁ ଏଥିପାଇଁ ତୃଣମୂଳ ସ୍ତରରୁ ଚେଷ୍ଟା କରିବାକୁ ପଡ଼ିବ। ଏହି ଦିନ ଆମକୁ ମନେ ପକାଇ ଦିଏ ଯେ ଆମର ଆଶ୍ରୟସ୍ଥଳୀ ବିପଦରେ ଅଛି। ଆଉ ସେଥିପାଇଁ ମିଳିତ ଭାବରେ ଆମେ ସମସ୍ତେ ଯୁଦ୍ଧ ବଦଳରେ ଶାନ୍ତି ପାଇଁ ପ୍ରଚେଷ୍ଟା କରିବା ଦରକାର। ଏହି ସବୁ ଘଡ଼ିସନ୍ଧି ମୂହୁର୍ତ୍ତରେ ଶାନ୍ତି ବଜାୟ ରଖି ଯୁଦ୍ଧ ବନ୍ଦ କରିବା, ଗ୍ୟାସ ଓ ତୈଳ ଆଜିର ବ୍ୟବହାର କମ୍ କରିବା ବାୟୁ ଏବଂ ସୌରଶକ୍ତି ଉପରେ ନିର୍ଭର କରିବା, ବୃକ୍ଷରାଜିକୁ ଧ୍ୱଂସ ନ କରିବା, ଅଦ୍ରବ୍ୟଭୂତ ବସ୍ତୁକୁ ପୁନଃ ପ୍ରକ୍ରିୟାକରଣ କରି ବ୍ୟବହାର ଉପଯୋଗୀ କରିବା। ପରିବହନ କ୍ଷେତ୍ରରେ ତୈଳର ଖର୍ଚ୍ଚକୁ କମ୍ କରିବା ପାଇଁ ଇଲେକ୍‌ଟ୍ରିକ୍ ଯାନବାହନ ବ୍ୟବହାର କରିବା, ସର୍ବସାଧାରଣଂ ପରିବହନରେ ଯାତାୟତ ବ୍ୟବହାର କରିବା, ସର୍ବସାଧାରଣ ପରିବହନରେ ଯାତାୟତ କରିବା ଓ ପାଦରେ ଚାଲିବାକୁ ଅଗ୍ରାଧିକାର ଦେବା ପାଇଁ ସଚେତନତା ସୃଷ୍ଟି କରିବା। ପୃଥିବୀର ଏହି ବିପର୍ଯ୍ୟୟ ସମୟରେ ଭାରତର ଭୂମିକା ଗୁରୁତ୍ୱପୂର୍ଣ୍ଣ ଅଟେ। ପ୍ରକୃତିର ଉପାସକ ଭାବେ ଆମ ଭାରତୀୟମାନଙ୍କର ଏକ ଗୌରବମୟ ଓ ଦିଗ୍‌ଦର୍ଶନକାରୀ ଇତିହାସ ରହିଛି। ପୂର୍ବ କାଳରୁ ମଧ୍ୟ ଭାରତୀୟମାନେ ପ୍ରକୃତି ଓ ପରିବେଶର ସୁରକ୍ଷା ପାଇଁ ପ୍ରେରଣା ଯୋଗାଇଛନ୍ତି। ମହାତ୍ମାଗାନ୍ଧୀ କହିଛନ୍ତି "ପୃଥିବୀ ଆମ ସମସ୍ତଙ୍କ ଜୀବନଧାରଣ ପାଇଁ ସବୁ ପ୍ରକାର ସମ୍ପଦ ରଖିଛି, କିନ୍ତୁ ଆମର ଲୋଭ ପାଇଁ ନୁହେଁ।" ଯେଉଁସବୁ କାର୍ଯ୍ୟ ଦ୍ୱାରା ପରିବେଶ ଓ ପରିସଂସ୍ଥାନ ବିପର୍ଯ୍ୟୟର ସମ୍ମୁଖୀନ ହେବାର ସମ୍ଭାବନା ଅଛି। ଜାତିଗତ, ଗୋଷ୍ଠୀଗତ ବା ବ୍ୟକ୍ତିଗତ ଭାବନା ନ ନେଇ 'ବସୁଧୈବ କୁଟୁମ୍ବକମ୍'ର ଭାବନା ନେଇ ଆମ ସମସ୍ତଙ୍କୁ ନିଜ ନିଜ କ୍ଷମତାନୁସାରେ ସହଯୋଗ କରି 'ପୃଥିବୀ ଦିବସ'ର ଏହି ଲକ୍ଷ୍ୟକୁ ପାଳନ କରି ପରିବେଶ ପ୍ରଦୂଷଣ ବୃଦ୍ଧିକୁ ରୋକି ପାରିଲେ ଆମେ ନିଜେ ତଥା ନିଜର ଏହି ସୁନ୍ଦର ପୃଥିବୀକୁ ବଞ୍ଚାଇବା ସହ ନିଜେ ବଞ୍ଚିପାରିବା।


ଏ-୩୦/ଏଚ୍.ଆଇ.ଜି ଡୁପ୍ଲେକ୍ସ
ବରମୁଣ୍ଡା ହାଉସିଂ ବୋର୍ଡ କଲୋନୀ
ଭୁବନେଶ୍ୱର-୩

# ବିଏମ୍‌ସି ପରିମଳ କର୍ମଚାରୀଙ୍କ ପାଇଁ ବିଶ୍ରାମସ୍ଥଳୀ ଲୋକାର୍ପିତ

ଭୁବନେଶ୍ୱର,୨୧।୪(ସଂଚାର ବ୍ୟୁରୋ): ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) କର୍ତ୍ତୃପକ୍ଷ ସଫେଇ କର୍ମଚାରୀଙ୍କ ପାଇଁ ଆଜି ଦୁଇଟି ଆଟେଣ୍ଡେନ୍ସ କିଓସ୍କ ତଥା ବହୁମୁଖୀ ବିଶ୍ରାମସ୍ଥଳୀ ଲୋକାର୍ପିତ କରିଛନ୍ତି। ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ମେୟର ସୁଲୋଚନା ଦାସ, ଫାଇନାନ୍ସ ଓ ଟ୍ୟାକ୍ସେସନ ଅଧ୍ୟକ୍ଷ ତଥା ୩୦ ନମ୍ବର ୱାର୍ଡ କର୍ପୋରେଟର ରାଜକିଶୋର ଦାସ, ବିଶିଷ୍ଟ ଶିଶୁରୋଗ ବିଶେଷଜ୍ଞ ଡାକ୍ତର ଅରବିନ୍ଦ ମହାନ୍ତି, ଅତିରିକ୍ତ କମିଶନର ରତ୍ନାକର ସାହୁ, ପରିମଳ ଡେପୁଟି କମିଶନର ଏନ୍. ଗଣେଶ ବାବୁ, ପରିମଳ ନିର୍ବାହୀ ଯନ୍ତ୍ରୀ ବିପ୍ଳବ କିଷାନ ମଞ୍ଚାସୀନ ଥିଲେ। ସେହିପରି ୨୩ ନମ୍ବର ୱାର୍ଡ ବହୁମୁଖୀ ବିଶ୍ରାମସ୍ଥଳୀ ଉଦ୍‌ଘାଟନ କାର୍ଯ୍ୟକ୍ରମରେ କର୍ପୋରେଟର କିରଣବାଳା ମାଝୀ ଉପସ୍ଥିତ ଥିଲେ। ଏକ ନିର୍ଦ୍ଦିଷ୍ଟ ୱାର୍ଡର ସଫେଇ କର୍ମଚାରୀମାନେ ପ୍ରତିଦିନ ଉପସ୍ଥିତି ଓ ସୁପରଭାଇଜରଙ୍କ ସହ ସମନ୍ୱୟ ପାଇଁ ଏକ ନିର୍ଦ୍ଦିଷ୍ଟ ସ୍ଥାନକୁ ଆସନ୍ତି। ତେଣୁ ସେମାନଙ୍କ ପାଇଁ ଏକ ନିର୍ଦ୍ଦିଷ୍ଟ ସୁରକ୍ଷିତ ସ୍ଥାନ ଜରୁରୀ ବୋଲି ବିଚାର କରି ବିଏମ୍‌ସି ପକ୍ଷରୁ ଏପରି ଏକ ପଦକ୍ଷେପ ନିଆଯାଇଛି। ବିଏମ୍‌ସି ବିଭିନ୍ନ ୱାର୍ଡରେ ସଫେଇ କର୍ମଚାରୀଙ୍କ ପାଇଁ ଆଟେଣ୍ଡେନ୍ସ କିଓସ୍କ ତଥା ବହୁମୁଖୀ ବିଶ୍ରାମ ଗୃହ ନିର୍ମାଣ କରିବା ପାଇଁ ଏହି ପଦକ୍ଷେପ ଗ୍ରହଣ କରିଛି। ଏହି କିଓସ୍କ ତଥା ବିଶ୍ରାମସ୍ଥଳୀ ପରିମଳ କର୍ମଚାରୀମାନଙ୍କୁ ଏକାଠି କରିବା ସହ ମୌଳିକ ସୁବିଧା ଓ ଯେକୌଣସି ଋତୁରେ ବା ପାଗରେ ସୁରକ୍ଷା ଦେଇପାରିବ।




# ଓକାକ୍‌କୁ ଆକ୍ସନ ଟେକେନ ରିପୋର୍ଟ ମାଗିଲେ ଆଇଟି ମନ୍ତ୍ରୀ

ଭୁବନେଶ୍ୱର,୨୧।୪(ସଂଚାର ବ୍ୟୁରୋ): ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳ ପକ୍ଷରୁ ଅଣାଯାଇଥିବା ଆଭାସୀ କ୍ଲାସରୁମ ପ୍ରକଳ୍ପ ଟେଣ୍ଡର ଦୁର୍ନୀତି ଘଟଣାର ଅଭିଯୋଗ ଉପରେ ସ୍ପଷ୍ଟୀକରଣ ରଖିବା ସହ ଏହି ପ୍ରସଙ୍ଗରେ ଓକାକକୁ ଆକ୍ସନ ଟେକେନ ରିପୋର୍ଟ ମାଗିଛନ୍ତି ଇଲେକ୍ଟ୍ରୋନିକ୍ସ ଓ ଆଇଟି ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ। ସେ ଗଣମାଧ୍ୟମକୁ କହିଛନ୍ତି ଯେ ଏପରି ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ, କାରଣ ଓକାକ୍ ଏକ ସ୍ୱୟଂଶାସିତ ଅନୁଷ୍ଠାନ। ଏହା ସୋସାଇଟି ରେଜିଷ୍ଟ୍ରେସନ ଆକ୍ଟ ୧୮୬୦ ଅନୁସାରେ ଗଠିତ, ଯେଉଁଥିରେ ଇଲେକ୍ଟ୍ରୋନିକ୍ସ ଓ ଆଇଟି ବିଭାଗ ସଚିବ ଅଧ୍ୟକ୍ଷ ଅଛନ୍ତି। ଆଭାସୀ କ୍ଲାସରୁମ ପ୍ରକଳ୍ପ ଟେଣ୍ଡର ଦୁର୍ନୀତି ଘଟଣା ବିଷୟରେ ବିଭାଗୀୟ ମନ୍ତ୍ରୀ ଜାଣିବା ପରେ ସପ୍ତାହକ ଭିତରେ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କୁ ଆକ୍ସନ ଟେକେନ ରିପୋର୍ଟ ଦାଖଲ ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

ସେହିପରି ମନ୍ତ୍ରୀ ଡ. ମହାଲିଙ୍ଗ କହିଛନ୍ତି ଯେ ବିଭିନ୍ନ ବିଭାଗର ଆଇଟି ସମ୍ବନ୍ଧୀୟ କାମ ଓକାକ ଦ୍ୱାରା ସମ୍ପାଦିତ ହୋଇଆସିଛି। ଏଥିରେ ହେଉଥିବା କାମ ଓକାକ ଅଧ୍ୟକ୍ଷଙ୍କ ଦ୍ୱାରା ସିଧାସଳଖ ଅନୁମୋଦନ ହୋଇଥାଏ। ଆମ ସରକାର ଦୁର୍ନୀତିକୁ ପ୍ରଶ୍ରୟ ଦିଏନାହିଁ। ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରି ଏହି ସଂସ୍ଥାରେ କିପରି ସୁଧାର ଅଣାଯାଇପାରିବ, ସେ ଦିଗରେ ପଦକ୍ଷେପ ନେବେ ବୋଲି ମନ୍ତ୍ରୀ କହିଛନ୍ତି। ଏଥିସହ ଯେଉଁମାନେ ଦୋଷୀ ସାବ୍ୟସ୍ତ ହେବେ ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।

# ଜାନକୀ ବଲ୍ଲଭଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ



ଜଗତପୁର,୨୧।୪(ସଂଚାର ବ୍ୟୁରୋ): ଜଗତପୁର କଂଗ୍ରେସ ପକ୍ଷରୁ କଟକ ନଗର ୮ ନଂ ବ୍ଲକ୍ କଂଗ୍ରେସ ସଭାପତି ଅଲେଖଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ତିରୋଧାନ ଦିବସ ପାଳିତ ହୋଇଯାଇଛି। ଜଗତପୁର ଗୋଲେଇଛକଠାରେ ଜଗତପୁର ଶାନ୍ତି କମିଟିର ସଭାପତି ନିରଞ୍ଜନ ବିଶ୍ୱାଳ ଜାନକୀ ବଲ୍ଲଭଙ୍କ ଏକ ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ। ମୁଖ୍ୟ ଅତିଥି ଭାବରେ କଟକ ନଗର କଂଗ୍ରେସ ସଭାପତି ସାତ୍ତାୟନ୍ ମିଶ୍ର, ମୁଖ୍ୟବକ୍ତା ଭାବେ ସାହିତ୍ୟିକ ଗୋବିନ୍ଦ ଚନ୍ଦ୍ର ଭୂୟାଁ, ସମ୍ମାନୀୟ ଅତିଥି ଭାବରେ ସିଏମସିର ଡେପୁଟୀ ମେୟର ସୁଶ୍ରୀ ଦମୟନ୍ତୀ ମାଝୀ, ବରେଣ୍ୟ ଅତିଥି ଭାବରେ ବରିଷ୍ଠ କଂଗ୍ରେସ୍ ନେତା ସୁରେଶ ମହାପାତ୍ର ଓ ବିଶିଷ୍ଟ ଅତିଥି ଭାବରେ କଟକ ସହରର ପ୍ରାକ୍ତନ ଉପ ନଗରପାଳ ପୁଷ୍ପା ସାମଲ ଓ ଓଡ଼ିଶା ଶିଳ୍ପସଂଘ ସଭାପତି ଅବନୀ କାନୁନଗୋ ଯୋଗଦେଇ ଜାନକୀବଲ୍ଲଭଙ୍କ ଅବଦାନ ସମ୍ପର୍କରେ କହିଥିଲେ। ଏହି କାର୍ଯ୍ୟକ୍ରମରେ କଟକ ନଗର କଂଗ୍ରେସ ମୁଖପାତ୍ର ମାନସ ପରିଡ଼ା କାର୍ଯ୍ୟକ୍ରମ ସଞ୍ଚାଳନ କରିଥିବା ବେଳେ କଂଗ୍ରେସ ନେତା ରଶ୍ମିକାନ୍ତ ସାମଲ ସ୍ୱାଗତ ଭାଷଣ ଓ ଧନ୍ୟବାଦ ଅର୍ପଣ କରିଥିଲେ।

# ରାମଲୀଳା ଉଦ୍‌ଯାପିତ



କଟକ,୨୧।୪(ସଂଚାର ବ୍ୟୁରୋ): କଟକ ଜିଲ୍ଲାର ଆଠଗଡ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଜେନାପୁର ଗ୍ରାମରେ ୪ ଦିନ ଧରି ଚାଲିଥିବା ରାମଲୀଳା ଉଦଯାପିତ ହୋଇଯାଇଛି। ଗ୍ରାମର ପ୍ରାୟ ୫୦ ରୁ ୬୦ କଳାକାର ଏଥିରେ ଅଂଶ ଗ୍ରହଣ କରିଥିଲେ। ସଭାପତି ବିକ୍ରମ କୁମାର ଜେନା, ସମ୍ପାଦକ ସୌମ୍ୟରଞ୍ଜନ ମାହାନ୍ତ, ଚନ୍ଦ୍ରଭାନୁ ସାହୁ, ସୁନିଲ୍ ବସ୍ତିଆ, ବିକାଶ ସାହୁ, ବିଶ୍ୱଜିତ ରାଉତ, ଚିନ୍ମୟ ବସ୍ତିଆ, ପ୍ରକାଶ ବସ୍ତିଆ, ବିପିନ ସେନାପତିଙ୍କ ସହ ଗ୍ରାମବାସୀ ଏଥିରେ ସହଯୋଗ କରିଥିଲେ।

# ଭୋଟ୍‌ଦିନ ବାହାରିଲେ ଓଲଟା ଝୁଲାଇ ଦେବୁ: ଶାହ

କୋଲକାତା,୨୧।୪(ସଂଚାର ବ୍ୟୁରୋ): ଯଦି ରାଜ୍ୟରେ ବିଜେପି କ୍ଷମତାକୁ ଆସେ, ତୃଣମୂଳ କଂଗ୍ରେସ ସହିତ ଜଡିତ ଅପରାଧୀମାନଙ୍କୁ ଜେଲକୁ ପଠାଯିବ ବୋଲି କେନ୍ଦ୍ର ଗୃହମନ୍ତ୍ରୀ ମଙ୍ଗଳବାର ପଶ୍ଚିମ ବର୍ଦ୍ଧମାନର କୁଲଟିରେ ଅମିତ ଶାହ କହିଛନ୍ତି। ସେ କହିଛନ୍ତି ଯେ, ଯଦି ତୃଣମୂଳର ଅପରାଧୀ ଏବଂ ଗୁଣ୍ଡାମାନେ ନିର୍ବାଚନ ଦିନ ଅସୁବିଧା ସୃଷ୍ଟି କରିବାକୁ ରାସ୍ତାକୁ ଓହ୍ଲାଇବେ, ତେବେ ସେମାନଙ୍କୁ ଓଲଟା ଝୁଲାଇ ଦିଆଯିବ। 'ସବକା ସାଥ, ସବକା ବିକାଶ'ର ମୂଳମନ୍ତ୍ର ସହିତ ବିଜେପି କ୍ଷମତାକୁ ଆସିଲେ, 'ସବକା ହିସାବ' ହେବ। ସେହିପରି କାର୍ସିୟାଙ୍ଗର ସୁକନାରେ ଭାଷଣ ଦେଇ ସେ କହିଥିଲେ, ଗୋର୍ଖାମାନଙ୍କ ଇତିହାସକୁ ପୁନରୁଦ୍ଧାର କରିବାର ସମୟ ଆସିଛି। ପାହାଡ଼ଗୁଡ଼ିକରେ ଲାଗି ରହିଥିବା ସମସ୍ୟାଗୁଡ଼ିକ ଛଅ ମାସ ମଧ୍ୟରେ ସମାଧାନ କରାଯିବ ବୋଲି ସେ କହିଥିଲେ। ଶାଳବଣିରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରି କହିଛନ୍ତି, ରାଜ୍ୟ ସରକାର ସ୍କୁଲ ପାଠ୍ୟପୁସ୍ତକରେ ଖୁଦିରାମଙ୍କୁ 'ଆତଙ୍କବାଦୀ' ବୋଲି ଲେବଲ୍ ଦେଇଛନ୍ତି। ସେମାନେ କେଉଁ ସାହସରେ ଖୁଦିରାମଙ୍କ ଭଳି ଜଣେ ମହାନ ବିପ୍ଳବୀଙ୍କୁ ଉଗ୍ରବାଦୀ ବୋଲି ଚିହ୍ନିତ କରିଛନ୍ତି ବୋଲି ଶାହ ପ୍ରଶ୍ନ କରିଥିଲେ। ଏହି ଅବସରରେ ସେ ପୁଣି ଥରେ 'ଅନୁପ୍ରବେଶ ମୁକ୍ତ ବଙ୍ଗଳା' ଗଠନ କରିବାକୁ ଆହ୍ୱାନ ଦେଇଛନ୍ତି।

## ବେଦାନ୍ତ ଆଲୁମିନିୟମ ଝାରସୁଗୁଡ଼ାରେ ବିଶ୍ୱ କଳା ଦିବସ ପାଳିତ

# ପ୍ରକଳ୍ପ ବେଦକଳା ମାଧ୍ୟମରେ ସଶକ୍ତ ହୋଇଛନ୍ତି ୫୦ କାରିଗର



ଝାରସୁଗୁଡ଼ା,୨୧।୪(ସଂଚାର ବ୍ୟୁରୋ): ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ଝାରସୁଗୁଡ଼ାର ସିରିଆପାଲିରେ ଐତିହ୍ୟ ଏବଂ ଶିଳ୍ପର ସୃଜନଶୀଳତା ସହ ବିଶ୍ୱ କଳା ଦିବସ ପାଳନ କରିଛି। ଏହାର ବେଦକଳା ସମ୍ପ୍ରଦାୟ ବିକାଶ ପଦକ୍ଷେପ ଅଧୀନରେ କମ୍ପାନୀ ବାଉଁଶ ହସ୍ତଶିଳ୍ପ ନିର୍ମାଣ କର୍ମଶାଳା, ଚିତ୍ରାଙ୍କନ ଓ ରଙ୍ଗୋଲି ପ୍ରତିଯୋଗିତା, ବିଦର୍ଭ ଏବଂ ସାଂସ୍କୃତିକ ନୃତ୍ୟ ପ୍ରଦର୍ଶନ ସମେତ ଏକ ସକ୍ରିୟ କାର୍ଯ୍ୟକଳାପ ମାଧ୍ୟମରେ ୧୫୦ ରୁ ଅଧିକ ସମ୍ପ୍ରଦାୟ ସଦସ୍ୟଙ୍କୁ ନିୟୋଜିତ କରିଛି। ବେଦକଳା ପ୍ରକଳ୍ପ ଅଧୀନରେ ଝାରସୁଗୁଡ଼ାର ୫୦ଜଣ ସ୍ଥାନୀୟ କାରିଗରଙ୍କୁ ଏବେ ବାଉଁଶ, ସୌରା ଓ ସବାଇ ଘାସ ହସ୍ତଶିଳ୍ପରେ ତାଲିମ ଦିଆଯାଉଛି। ବ୍ୟାପକ ବଜାର ପ୍ରବେଶ ମାଧ୍ୟମରେ ସ୍ଥିର ଆୟ ସୁଯୋଗ ସୃଷ୍ଟି କରିବା ସହ ପାରମ୍ପରିକ ଦକ୍ଷତାକୁ ସୁଦୃଢ଼ କରିବା ଏହି ପଦକ୍ଷେପର ଲକ୍ଷ୍ୟ। କାର୍ଯ୍ୟକ୍ରମରେ ସିରିଆପାଲି ପଞ୍ଚାୟତର ମାଷ୍ଟର ବୁକକିପର ରଶ୍ମିତା ସୁନାନୀ ଓ ଶୁଭଲକ୍ଷ୍ମୀ ସମବାୟର ବୋର୍ଡ ସଦସ୍ୟ ପୁଷ୍ପାଞ୍ଜଳି ସେଠ ଯୋଗ ଦେଇଥିଲେ। ସେମାନେ ସମ୍ପ୍ରଦାୟର ସଦସ୍ୟଙ୍କ ସହିତ ଓଡ଼ିଶାର କଳା ଓ କାରିଗରୀର ସମୃଦ୍ଧ ଐତିହ୍ୟକୁ ସମ୍ମାନିତ କରିଥିଲେ। ଏହି ଅବସରରେ ବେଦାନ୍ତ ଝାରସୁଗୁଡ଼ାର ସିଇଓ ସି. ଚନ୍ଦ୍ରୁ କହିଛନ୍ତି ଯେ ଆମର ସମୃଦ୍ଧ ସାଂସ୍କୃତିକ ଐତିହ୍ୟକୁ ସଂରକ୍ଷଣ କରିବା ସାମୁଦାୟିକ ସଶକ୍ତିକରଣ ସହ ହାତ ମିଳାଇ ଚାଲିଛି। ପ୍ରୋଜେକ୍ଟ ବେଦକଳା ଆମର ସ୍ଥାନୀୟ କାରିଗରଙ୍କ ପାଇଁ ଜୀବିକା ନିର୍ବାହର ସୁଯୋଗ ସୃଷ୍ଟି କରିବା ସହ ପାରମ୍ପରିକ କଳା ଫର୍ମଗୁଡ଼ିକୁ ପୋଷଣ କରିବା ପ୍ରତି ଆମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ। ସମ୍ପ୍ରଦାୟ ସ୍ତରରେ ପ୍ରତିଭାକୁ ବ୍ୟାପକ ବଜାର ସହ ସଂଯୋଗ କରି ଆମର ଲକ୍ଷ୍ୟ ହେଉଛି ଆମର ସମ୍ପ୍ରଦାୟଗୁଡ଼ିକୁ ଏକ ଆତ୍ମନିର୍ଭରଶୀଳ ଭବିଷ୍ୟତ ଗଠନ କରିବାରେ ସାହାଯ୍ୟ କରିବା। ଏନେଇ ରଶ୍ମିରେଖା ସୁନାନୀ ଆହୁରି କହିଛନ୍ତି ଯେ ଏହିଭଳି ପ୍ଲାଟଫର୍ମଗୁଡ଼ିକ କେବଳ ଆମର ପାରମ୍ପରିକ କଳାକୁ ପାଳନ କରନ୍ତି ନାହିଁ ବରଂ ମହିଳା ଓ ପିଲାମାନଙ୍କୁ ଏକ ବୃହତ ମଞ୍ଚରେ ସେମାନଙ୍କର ପ୍ରତିଭା ପ୍ରଦର୍ଶନ କରିବା ପାଇଁ ଆତ୍ମବିଶ୍ୱାସ ମଧ୍ୟ ପ୍ରଦାନ କରନ୍ତି। ଆମର ସ୍ଥାନୀୟ ଐତିହ୍ୟକୁ ସକ୍ରିୟ ଭାବରେ ସଂରକ୍ଷିତ ଓ ସମର୍ଥିତ ହେଉଥିବା ଦେଖିବା ପ୍ରେରଣାଦାୟୀ, ଯାହା ଆମର କାରିଗରମାନଙ୍କ ପାଇଁ ପ୍ରକୃତ ସୁଯୋଗ ସୃଷ୍ଟି କରେ।

# ଆଉ ବଙ୍ଗଳାରେ ରହିହେବନି: ମିଥୁନ

କୋଲକାତା,୨୧।୪(ସଂଚାର ବ୍ୟୁରୋ): ମୁଁ ଭାବୁଛି ଯେ ଆମେ ଆଉ ବଙ୍ଗଳାରେ ରହିପାରିବୁ ନାହିଁ। ବିଜେପିର ଭୋଟ୍ ପ୍ରଚାରକୁ ଆସି ଏମିତି କହିଛନ୍ତି ଅଭିନେତା ମିଥୁନ ଚକ୍ରବର୍ତ୍ତୀ। ମିଥୁନ କୋଚ୍ ବିହାରରେ ଏକ ସଭାକୁ ସମ୍ବୋଧିତ କରି କହିଥିଲେ, ଯଦି ବିଜେପି ଏଥର କ୍ଷମତାକୁ ନ ଆସେ, ତେବେ ମୁଁ ଭାବୁଛି ଆମେ ଆଉ ବଙ୍ଗଳାରେ ରହିପାରିବୁ ନାହିଁ। କାରଣ ବର୍ତ୍ତମାନ ଏକ ବଡ଼ ଷଡ଼ଯନ୍ତ୍ର ଚାଲିଛି। ସେ ଆହୁରି ମଧ୍ୟ କହିଛନ୍ତି, ପଶ୍ଚିମବଙ୍ଗକୁ 'ପଶ୍ଚିମ ବାଂଲାଦେଶ'ରେ ପରିଣତ କରିବାର ପ୍ରୟାସ କରାଯାଉଛି। ମୁଁ ଯେପର୍ଯ୍ୟନ୍ତ ବଞ୍ଚିଛି ସେପର୍ଯ୍ୟନ୍ତ ମୁଁ ଏହା ହେବାକୁ ଦେବି ନାହିଁ। ଆମେ ସମସ୍ତେ କ'ଣ ଅସ୍ତିତ୍ୱ ହରାଇବୁ? ଅବ୍ୟାପକରେ, ମିଥୁନ ଲୋକମାନଙ୍କୁ ବିଜେପି ଦ୍ୱାରା ଦିଆଯାଇଥିବା ପ୍ରତିଶ୍ରୁତି ମନେ ପକାଇ ଦେଇଥିଲେ। ବିଶେଷ ଭାବରେ ମହିଳା ଏବଂ ବେକାର ଯୁବକମାନଙ୍କ ପାଇଁ ଭତ୍ତା ପ୍ରଦାନ କରିବା ସହିତ ମହିଳାମାନଙ୍କୁ ମାଗଣାରେ ବସ୍‌ରେ ଯାତ୍ରା କରିବାର ସୁଯୋଗ ଦେବା ବିଷୟରେ ଉଲ୍ଲେଖ କରିଥିଲେ।

# ୬୫ଯୋଡ଼ା ବରବଧୂଙ୍କ ସମୂହ ବିବାହ

କଟକ,୨୧।୪(ସଂଚାର ବ୍ୟୁରୋ): ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନାରେ ଆଜି କଟକ ବାରବାଟୀ ପ୍ୟାଲେସ ପରିସରରେ ଦ୍ୱିତୀୟ ପର୍ଯ୍ୟାୟ ଜିଲ୍ଲାସ୍ତରୀୟ ସାମୂହିକ ବିବାହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଯୋଗଦେଇ ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦୋଷ ନବଦମ୍ପତିଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ। ଏହି ଯୋଜନା ଅଧିନରେ ୧୮-୩୫ ବର୍ଷର ଝିଅ ଏବଂ ୨୧- ୩୫ ବର୍ଷ ପୁଅଙ୍କର ଆଇନଗତ ଓ ପାରମ୍ପରିକ ରୀତି ଅନୁଯାୟୀ ବିବାହ ସମ୍ପନ୍ନ ହୋଇଛି। ଯୋଗ୍ୟା କନ୍ୟାମାନଙ୍କୁ ୬୦ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଉଛି, ଯେଉଁଥିରୁ ୪୫ ହଜାର ଟଙ୍କା ସିଧାସଳଖ କନ୍ୟାମାନଙ୍କ ବ୍ୟାଙ୍କ୍ ଖାତାକୁ ପଠାଇ ଦିଆଯାଉଛି। ଅବଶିଷ୍ଟ ୧୫ ହଜାର ଟଙ୍କା ବିବାହ ଆୟୋଜନ ଓ ପରିଚାଳନା ନିମନ୍ତେ ଖର୍ଚ୍ଚ କରାଯାଉଛି। ଆଜିର ଏହି ସମୂହ ବିବାହ କାର୍ଯ୍ୟକ୍ରମରେ ୬୫ ଯୋଡା ବରବଧୂଙ୍କ ମଧ୍ୟରେ ୨ ଜଣ ମୁସଲିମ, ଜଣେ ଖ୍ରୀଷ୍ଟିୟାନ, ଜଣେ ବିଧବା ମହିଳା ଅନ୍ତର୍ଭୁକ୍ତ ଥିବା ବେଳେ ପୂର୍ବରୁ ବାଲ୍ୟ ବିବାହରୁ ଉଦ୍ଧାର ହୋଇଥିବା ନାବାଳିକାଙ୍କୁ ବିବାହ କରାଯାଇଛି।

# ପୁଣି ଉଠିଲାଣି ସ୍ୟାଟ୍ ପୁନଃସ୍ଥାପନ ଦାବି

ଭୁବନେଶ୍ୱର,୨୧।୪: ଚାକିରି ଓ ପେନସନ୍ ସଂକ୍ରାନ୍ତୀୟ ମାମଲାଗୁଡିକର ଦ୍ରୁତ ଫଇସଲା ପାଇଁ ରାଜ୍ୟ ସରକାର ଓଡିଶା ପ୍ରଶାସନିକ ନ୍ୟାୟାଧିକରଣ (ସ୍ୟାଟ୍)ର ପୁନଃ ପ୍ରତିଷ୍ଠା କରିବା ଲାଗି ଏବେ ବିଭିନ୍ନ ମହଲରୁ ପୁଣି ଦାବି ହେଉଛି। ବିଜେଡି ସରକାର ସମୟରେ ସ୍ୟାଟ୍ ଉଚ୍ଛେଦ ପାଇଁ ନିଷ୍ପତ୍ତି ନିଆଯିବା ବେଳେ ବିଜେପି ଏହାର ବିରୋଧ କରୁଥିଲା। ଏମିତିକି ୨୦୧୯ର ନିର୍ବାଚନ ଇସ୍ତାହାରରେ ମଧ୍ୟ ସ୍ୟାଟ୍ ପୁନଃ ପ୍ରତିଷ୍ଠା ଲାଗି ପ୍ରତିଶ୍ରୁତି ଦେଇଥିବା ପରିପ୍ରେକ୍ଷୀରେ ଓଡ଼ିଶାରେ କ୍ଷମତାସୀନ ବିଜେପି ସରକାର ତାଙ୍କର ପୂର୍ବ ପ୍ରତିଶ୍ରୁତି ପାଳନ କରିବା ଲାଗି ବିଭିନ୍ନ ମହଲରୁ ମତ ପ୍ରକାଶ ପାଉଛି। ଏଠାରେ ଉଲ୍ଲେଖନୀୟ ଯେ କିଛି ନିର୍ଦ୍ଦିଷ୍ଟ ଅଫିସରଙ୍କ ଜିଦ୍ ଯୋଗୁଁ ବିଜେଡି ସରକାର ସମୟରେ ସ୍ୟାଟ୍ ଉଚ୍ଛେଦ ଲାଗି ନିଷ୍ପତ୍ତି ନିଆଯାଇଥିଲା। ବିଜେପିର ବିରୋଧ ଯୋଗୁଁ ପ୍ରାୟ ୪ ବର୍ଷ ଏହି ନିଷ୍ପତ୍ତି କାର୍ଯ୍ୟକାରୀ ହୋଇପାରି ନ ଥିଲା। ତେବେ ପରବର୍ତ୍ତୀ ସମୟରେ ରାଜ୍ୟ ସରକାର ସ୍ୟାଟ୍ ଉଚ୍ଛେଦ ଜିଦ୍‌ରେ ଅଟଳ ରହି ଏହି ବିଚାର ବିଭାଗୀୟ ସଂସ୍ଥାକୁ ଭାଙ୍ଗି ଦେଇଥିଲେ। ୧୯୮୬ରେ ଦେଶର ପ୍ରଥମ ରାଜ୍ୟ ପ୍ରଶାସନିକ ନ୍ୟାୟାଧିକରଣ ଭାବେ ସ୍ୟାଟ୍ ପ୍ରତିଷ୍ଠା କରାଯାଇଥିଲା। ସମ୍ବିଧାନର ୩୨୩ ଧାରା ଅନୁଯାୟୀ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରୀ କର୍ମଚାରୀ, ଚାକିରି ପ୍ରତ୍ୟାଶୀ ଓ ପେନ୍‌ସନଭୋଗୀଙ୍କ ସମସ୍ୟାର ସମାଧାନ ଲାଗି କ୍ୟାଟ୍ ଓ ସ୍ୟାଟ୍ ସାରା ଦେଶରେ ଗଢାଯାଇଥିଲା। ଏବେ କଟକରେ କ୍ୟାଟ୍ ଅଦାଲତ କାର୍ଯ୍ୟକ୍ଷମ ଥିବା ବେଳେ ଭୁବନେଶ୍ୱର, କଟକ, ସମ୍ବଲପୁର ଓ ବ୍ରହ୍ମପୁରରେ ଚାଲିଆସୁଥିବା ସ୍ୟାଟ୍ ଅଦାଲତ କିନ୍ତୁ ବନ୍ଦ ରହିଛି। ସ୍ୟାଟରେ କାର୍ଯ୍ୟରତ ଅନେକ କର୍ମଚାରୀ ଏବେ ମଧ୍ୟ ବେତନ ପାଉଛନ୍ତି। ୩ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ସ୍ୟାଟ୍ ସଫଳତାର ସହ କାର୍ଯ୍ୟ କରୁଥିଲା। ସମ୍ବଲପୁର ଓ ବ୍ରହ୍ମପୁରରେ ଏହାର ଦୁଇଟି ସର୍କିଟ୍ ବେଞ୍ଚରେ ଉଭୟ ଉତ୍ତରାଞ୍ଚଳ ଓ ଦକ୍ଷିଣାଞ୍ଚଳ ଲୋକେ ମାମଲା ରୁଜୁ କରୁଥିଲେ। ପଶ୍ଚିମଓଡିଶା ଓ ଦକ୍ଷିଣ ଓଡିଶାରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା କରାଯାଇ ପାରୁନଥିବାବେଳେ ସେଠାରେ ସର୍କିଟ୍ ବେଞ୍ଚ୍ ବି ବସିପାରୁନାହିଁ। ଫଳରେ ଚାକିରି ଓ ପେନସନ୍ ସଂକ୍ରାନ୍ତୀୟ ସମସ୍ୟାରେ ଛନ୍ଦି ହେଉଥିବା ସେଠାକାର ଲୋକେ ମାମଲା ରୁଜୁ କରିବାପାଇଁ କଟକ ଦଉଡି ବ୍ୟାପକ ଖର୍ଚ୍ଚାନ୍ତ ହେଉଛନ୍ତି। କଟକ ଓ ଭୁବନେଶ୍ୱରରେ ନିର୍ମିତ ହୋଇଥିବା ସ୍ୟାଟ୍‌ର ସୌଧ ଅସ୍ଥାୟୀଭାବେ ଭିନ୍ନ କାମରେ ଲାଗୁଛି। ଏବେ ପଶ୍ଚିମଓଡିଶା ଓ ଦକ୍ଷିଣ ଓଡ଼ିଶାର ବହୁ କର୍ମଚାରୀ ସଂଗଠନ ଏବଂ ଜନପ୍ରତିନିଧି ସମ୍ବଲପୁର ଓ ବ୍ରହ୍ମପୁରରେ ସ୍ୟାଟ୍ ବେଞ୍ଚ ପୁନଃ କାର୍ଯ୍ୟକ୍ଷମ କରିବା କିମ୍ବା ଏଠାରେ ତୁରନ୍ତ ହାଇକୋର୍ଟର ସର୍କିଟ୍ ବେଞ୍ଚ ଖୋଲିବା ଲାଗି ଦାବି ଉଠାଉଛନ୍ତି। ହାଇକୋର୍ଟରେ ମାମଲାର ଚାପ ଅଧିକ ରହୁଥିବା ସ୍ଥଳେ ଅନୁମୋଦିତ ବିଚାରପତି ପଦବୀର ଅଧାରୁ ଅଧିକ ପୂରଣ ହୋଇପାରୁନାହିଁ। ଏହା ସତ୍ତ୍ୱେ ବି ହାଇକୋର୍ଟର ବିଚାରପତିମାନେ ମାମଲା ଫଇସଲା ଧାରା ଅବ୍ୟାହତ ରଖିଛନ୍ତି। ସ୍ୟାଟ୍ ପୁନଃ କାର୍ଯ୍ୟକ୍ଷମ ହେଲେ ହାଇକୋର୍ଟ ଉପରେ ଚାକିରି ସଂକ୍ରାନ୍ତୀୟ ମାମଲାର ବୋଝ କମିବ। ସେ ସମୟରେ କେନ୍ଦ୍ରରେ ବିଜେପି ଓ ରାଜ୍ୟରେ ବିଜେଡି ସରକାର ଥିବା ପରିପ୍ରେକ୍ଷୀରେ ସ୍ୟାଟ୍ ଉଚ୍ଛେଦ ହୋଇଥିଲା। (ତଥ୍ୟ)

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ବିକାଶରେ...

ଜନଜାତି ସଂଗ୍ରହାଳୟ ଏବଂ ସମନ୍ୱିତ ନିର୍ଦ୍ଦେଶ ଓ ନିୟନ୍ତ୍ରଣ କେନ୍ଦ୍ର ମଧ୍ୟ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଆୟୋଜିତ ଏକ ଜନସଭାରେ ରାଷ୍ଟ୍ରପତି କହିଥିଲେ ଯେ ସୁନ୍ଦରଗଡ଼ର ପ୍ରାକୃତିକ ସୌନ୍ଦର୍ଯ୍ୟ, ଲୋକ ସଂସ୍କୃତି ଓ ଐତିହ୍ୟରେ ଏକ ଗଭୀର ଆକର୍ଷଣ ରହିଛି। ଏହାର ଘଞ୍ଚ ଜଙ୍ଗଲ, ପାହାଡ଼, ଜଳପ୍ରପାତ ଓ ନଦୀଗୁଡ଼ିକ ମଧ୍ୟ ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥାଏ। ସୁନ୍ଦରଗଡ଼ର କଳା ଓ ସଂସ୍କୃତି ଓଡ଼ିଶାର ସାଂସ୍କୃତିକ ପ୍ରାଚୁର୍ଯ୍ୟକୁ ଆହୁରି ସମୃଦ୍ଧ କରିଛି। ସୁନ୍ଦରଗଡ଼ ସାହସୀ ବ୍ୟକ୍ତି ଓ କ୍ରୀଡ଼ାପ୍ରେମୀଙ୍କ ଭୂମି ବୋଲି ସେ କହିଛନ୍ତି।

## ୧୫ ମୃତ...

ପ୍ରଭାବ ଏତେ ତୀବ୍ର ଥିଲା ଯେ ସେଡ୍‌ଗୁଡିକ ପୂରାପୂରି ଉଡ଼ିଯାଇଥିଲା। ଏପରିକି ମୃତ ଶ୍ରମିକମାନଙ୍କ ଶରୀରର ବିଭିନ୍ନ ଅଂଶ ଚାରିଆଡ଼େ ବିଛାଡ଼ି ହୋଇ ପଡ଼ିଥିଲା। ତ୍ରିସୁର ସରକାରୀ ମେଡିକାଲ କଲେଜ ପକ୍ଷରୁ ମିଳିଥିବା ସୂଚନାନୁସାରେ, ଆହତମାନଙ୍କ ମଧ୍ୟରୁ ୫ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ଜଣେ ପୀଡ଼ିତଙ୍କ ଶରୀର ୯୦ ପ୍ରତିଶତରୁ ଅଧିକ ପୋଡ଼ିଯାଇଛି। ଅନ୍ୟ ୪ ଜଣଙ୍କ ଶରୀର ପ୍ରାୟ ୭୦ ପ୍ରତିଶତ ପୋଡ଼ିଯାଇଛି। ଆହତମାନଙ୍କୁ ସମସ୍ତ ପ୍ରକାର ଚିକିତ୍ସା ସହାୟତା ପ୍ରଦାନ କରିବାକୁ ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ତ୍ରିସୁର ଜିଲ୍ଲାପାଳ ଘଟଣାର ତଦନ୍ତ ପାଇଁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦୁଃଖ ପ୍ରକାଶ କରିବା ସହ ମୃତକଙ୍କ ପରିବାର ଲୋକଙ୍କୁ ୨ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି। ଏହାଛଡ଼ା ଆହତଙ୍କ ପାଇଁ ମଧ୍ୟ ୫୦ ହଜାର ଟଙ୍କାର ସହାୟତା ଘୋଷଣା କରାଯାଇଛି। ସେହିପରି ମହାରାଷ୍ଟ୍ରର ପାଲଘର ଜିଲ୍ଲାରେ ଏକ ବାଣ ତିଆରି କାରଖାନାରେ ବିସ୍ଫୋରଣ ଘଟି ୨ ଜଣଙ୍କର ମୃତ୍ୟୁ ଘଟିଛି ଓ ୪ ଜଣ ଗୁରୁତର ହୋଇଛନ୍ତି। ମୃତକ ଦ୍ୱୟ ହେଉଛନ୍ତି ଭବେଶ ଦିଲୀପ ବାବରେ (୩୫) ଏବଂ ମୋନିକା ସଚିନ ପଡୱାଲେ (୩୦)। ନିଗମର ବିପର୍ଯ୍ୟୟ ପରିଚାଳନା ସେଲର ମୁଖ୍ୟ ବିବେକାନନ୍ଦ କଦମ କହିଛନ୍ତି, ୱାଡା ତାଲୁକାର କୋଂସାଇ ଗାଁର ଏକ ପୁରୁଣା ଫାର୍ମହାଉସର ଟିଣ ସେଡରେ ଥିବା ଏକ ବାଣ ତିଆରି ୟୁନିଟରେ ମଧ୍ୟାହ୍ନ ପ୍ରାୟ ୧୨ଟା ସମୟରେ ବିସ୍ଫୋରଣ ଘଟିଥିଲା। ସେହି ସମୟରେ ପ୍ରାୟ ୩୫ ଜଣ ଶ୍ରମିକ ବାଣ ପ୍ରସ୍ତୁତିରେ ନିୟୋଜିତ ଥିବା ବେଳେ ସେମାନଙ୍କ ମଧ୍ୟରେ ଅଧିକାଂଶ ମହିଳା ଥିଲେ। ରାସାୟନିକ ମିଶ୍ରଣ କରାଯାଉଥିବା ସମୟରେ ଏହି ଦୁର୍ଘଟଣା ଘଟିଥିବା ୱାଡା ଥାନାର ଜନୈକ ଅଧିକାରୀ କହିଛନ୍ତି। ଘଟଣାସ୍ଥଳରେ ଜଣେ ଶ୍ରମିକଙ୍କ ମୃତ୍ୟୁ ହୋଇଥିବା ବେଳେ ଜଣେ ମହିଳା ୯୦ ପ୍ରତିଶତ ପୋଡ଼ି ଯାଇଥିଲେ। ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଅନ୍ୟ ୪ ଜଣ ଶ୍ରମିକଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ୱାଡା ପ୍ରାଥମିକ ଚିକିତ୍ସାଳୟକୁ ନିଆଯାଇଥିଲା। ସେମାନଙ୍କ ମଧ୍ୟରୁ କେତେକଙ୍କୁ ପରେ ଉନ୍ନତ ଚିକିତ୍ସା ପାଇଁ ଭିୱଣ୍ଡି ଉପଜିଲ୍ଲା ହସ୍ପିଟାଲ ଓ ଅନ୍ୟ ଏକ ମେଡିକାଲ ସେଣ୍ଟରକୁ ସ୍ଥାନାନ୍ତର କରାଯାଇଛି। ପୁଲିସ ଓ ଅଗ୍ନିଶମ ବାହିନୀ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିବା ସହ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ।

## ୩୮୭୭ କୋଟିର...

ପ୍ରକଳ୍ପକୁ କାର୍ଯ୍ୟକ୍ଷମ କରାଇବାରେ ସଫଳ ହୋଇଛନ୍ତି। ଏହା ସରକାରଙ୍କ ପୁଞ୍ଜିନିବେଶ ଆଗ୍ରହକୁ କାର୍ଯ୍ୟକାରୀ କରାଇବାର ପ୍ରତିବଦ୍ଧତାକୁ ପ୍ରମାଣିତ କରୁଛି।

ଆଜି ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସିଙ୍ଗିଲ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି ବୈଠକରେ ବାଲେଶ୍ୱର, ଦେବଗଡ଼, ଗଞ୍ଜାମ, ଯାଜପୁର, ଝାରସୁଗୁଡ଼ା, କେନ୍ଦୁଝର, ଖୋର୍ଦ୍ଧା, କୋରାପୁଟ, ପୁରୀ, ସମ୍ବଲପୁର ଓ ସୁନ୍ଦରଗଡ଼ ଭଳି ୧୧ଟି ଜିଲ୍ଲାରେ ହେବାକୁ ଥିବା ୧୮ଟି ଶିଳ୍ପ ପ୍ରକଳ୍ପକୁ ଅନୁମୋଦନ ଦେଇଛନ୍ତି। ଆଜି ଅନୁମୋଦିତ ପ୍ରକଳ୍ପଗୁଡିକ ଭିତ୍ତିଭୂମି, ସ୍ୱାସ୍ଥ୍ୟସେବା, ପର୍ଯ୍ୟଟନ, ଉତ୍ପାଦନ ଓ ସବୁଜ ଶକ୍ତି ସମ୍ବନ୍ଧିତ। ଧାତବ୍ୟ ଶିଳ୍ପରେ ରୁନାକ୍ୟ ଇକାର୍ଟ ଆଲୁମିନିୟମ ପାଉଡର୍ସ ପ୍ରାଇଭେଟ ଲିମିଟେଡ ଆଲୁମିନିୟମ କ୍ଷେତ୍ରରେ ଆନୁଷଙ୍ଗିକ ଶିଳ୍ପ ବିକାଶ କରିବାକୁ ପ୍ରସ୍ତାବ ରଖିଛି। ସେହିଭଳି ସ୍କାନ ଷ୍ଟିଲ୍, ଜୟ ଜଗନ୍ନାଥ ଷ୍ଟିଲ ଆଣ୍ଡ ପାୱାର ଲିମିଟେଡ, ଏସଏସ ଆଲୁଫୋଲିସ ଲିମିଟେଡ ଇସ୍ପାତ, ଲୁହା ଓ ଫେରୋ ଆଲୟ ଉତ୍ପାଦନରେ ନିଜ ନିଜର କ୍ଷମତା ବୃଦ୍ଧି କରିବାକୁ ପ୍ରସ୍ତାବ ରଖିଛନ୍ତି। ସିଙ୍ଗିଲ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି ଆଜି ପର୍ଯ୍ୟଟନ ଶିଳ୍ପର ବିକାଶ ପାଇଁ ୬ଟି ପ୍ରକଳ୍ପକୁ ମଞ୍ଜୁରୀ ପ୍ରଦାନ କରିଛନ୍ତି। ଜାସ୍ କନଷ୍ଟ୍ରକସନ ପ୍ରାଇଭେଟ ଲିମିଟେଡ ପକ୍ଷରୁ ସମ୍ବଲପୁରରେ ଏକ ପଞ୍ଚତାରକା ହୋଟେଲ ନିର୍ମାଣର ଯୋଜନା ରଖିଛି। ଏହି ପ୍ରକଳ୍ପ ପାଇଁ ୧୯୬ କୋଟି ୨୫ ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଛି। ରଥ ହସ୍ପିଟାଲିଟି ପ୍ରାଇଭେଟ ଲିମିଟେଡ ପକ୍ଷରୁ ଖୋର୍ଦ୍ଧାରେ ଏକ ପଞ୍ଚତାରକା ହୋଟେଲ ନିର୍ମାଣ ପାଇଁ ପ୍ରସ୍ତାବ ରହିଥିବା ବେଳେ କେନ୍ଦୁଝର ରିଗାଲ ପାରାଡାଇଜ ପକ୍ଷରୁ କେନ୍ଦୁଝରରେ ଏକ ଚାରି ତାରକା ହୋଟେଲ ନିର୍ମାଣର ପ୍ରସ୍ତାବ ରହିଛି। ସେହିପରି କାର୍ଯ୍ୟନ ଭେଞ୍ଚର୍ସ ପ୍ରାଇଭେଟ ଲିମିଟେଡ ପକ୍ଷରୁ ପୁରୀରେ ଏକ ପଞ୍ଚତାରକା ହୋଟେଲ ନିର୍ମାଣର ଯୋଜନା ରହିଥିବା ବେଳେ ସୂର୍ଯ୍ୟ ଇକୋ ରିସର୍ଟ୍ସ ପକ୍ଷରୁ କୋରାପୁଟରେ ଏକ ଅତ୍ୟନ୍ତ ଆମୋଦଦାୟକ ମାଉଣ୍ଟେନ ରିସର୍ଟ ପ୍ରକଳ୍ପ ପାଇଁ ଯୋଜନା ରଖିଛି। ଏହିସବୁ ପ୍ରକଳ୍ପକୁ ଆଜି ରାଜ୍ୟ ସରକାର ମଞ୍ଜୁରୀ ଦେଇଛନ୍ତି। ଏହାଛଡ଼ା ବାଲେଶ୍ୱର ସିପୟାର୍ଡ ଆଣ୍ଡ ଇନଫ୍ରା ପ୍ରାଇଭେଟ ଲିମିଟେଡ ପକ୍ଷରୁ ବାଲେଶ୍ୱରରେ ଏକ ଜାହାଜ ତିଆରି ଓ ମରାମତି କାରଖାନା ପ୍ରତିଷ୍ଠା କରାଯିବ। ସୋଲାର ଇଣ୍ଡଷ୍ଟ୍ରିଜ ଇଣ୍ଡିଆ ପକ୍ଷରୁ ଦେବଗଡ଼ରେ ଏକ ସାମରିକ ବିସ୍ଫୋରକ ଉତ୍ପାଦ କାରଖାନା ପ୍ରତିଷ୍ଠା କରାଯିବ।

## ଶିଳ୍ପ ନଗରୀ...

ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି। ଏହା ଲକ୍ଷ ଲକ୍ଷ ଲୋକଙ୍କୁ ନିଯୁକ୍ତି ସୁଯୋଗ ଏବଂ ପରିଚୟ ଦେଇଛି। ଏହା ସହ ରାଉରକେଲା ତା'ର ପ୍ରାକୃତିକ ସୌନ୍ଦର୍ଯ୍ୟ, ସମୃଦ୍ଧ ଆଦିବାସୀ ସଂସ୍କୃତି ଏବଂ ବିଶେଷକରି ହକି ପାଇଁ ସ୍ୱତନ୍ତ୍ରତା ଅର୍ଜନ କରିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଆଜି ରାଷ୍ଟ୍ରପତି ୪୮ କୋଟି ଟଙ୍କା ବ୍ୟୟରେ ନିର୍ମିତ ଇଣ୍ଟିଗ୍ରେଟେଡ କମାଣ୍ଡ ଆଣ୍ଡ କଣ୍ଟ୍ରୋଲ ସେଣ୍ଟର (ଆଇସିସିସି)ର ଉଦ୍‌ଘାଟନ କରିଛନ୍ତି। ସ୍ମାର୍ଟ ସିଟି ରାଉରକେଲାକୁ ଅଧିକ ଉନ୍ନତ (ସ୍ମାର୍ଟର୍) କରିବା ସହ ଆଇସିସିସି ସ୍ମାର୍ଟ ପ୍ରଶାସନକୁ ବିଶ୍ୱସ୍ତରୀୟ କରିବ। ଏହି ବ୍ୟବସ୍ଥା ରାଉରକେଲାକୁ ସୁରକ୍ଷିତ, ସ୍ମାର୍ଟ ଓ ଅଧିକ ନାଗରିକ-ଅନୁକୂଳ କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେ ଆହୁରି କହିଛନ୍ତି ଯେ ଓଡ଼ିଶା ହେଉଛି ଅନେକ ଆଦିବାସୀ ସମ୍ପ୍ରଦାୟର ଭୂମି, ଯେଉଁମାନଙ୍କର ପରମ୍ପରା, କଳା, ସଙ୍ଗୀତ ଏବଂ ଜ୍ଞାନ ଅମୂଲ୍ୟ ସମ୍ପତ୍ତି। ଆଜି ଆଦିବାସୀ ସଂଗ୍ରହାଳୟ, ରାଉରକେଲା-୧ ରାଷ୍ଟ୍ରପତିଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଛି। ଏହି ସଂଗ୍ରହାଳୟ ଓଡ଼ିଶାର ଗୌରବମୟ ଆଦିବାସୀ କଳା, ସାହିତ୍ୟ, ସଂସ୍କୃତି, ପରମ୍ପରା ଓ ଐତିହ୍ୟର ପ୍ରତୀକ। ଏହି ସଂଗ୍ରହାଳୟ ସେମାନଙ୍କର ଐତିହ୍ୟକୁ ସଂରକ୍ଷଣ କରିବ ଓବଂ ଭବିଷ୍ୟତ ପିଢ଼ିକୁ ପ୍ରୋତ୍ସାହିତ କରିବ ବୋଲି ସେ କହିଛନ୍ତି। କୋଏଲ ରିଭରଫ୍ରଣ୍ଟ ରିକ୍ରିଏସନ୍ ପାର୍କ, ରାଉରକେଲାର ବ୍ୟସ୍ତବହୁଳ ଜନସାଧାରଣ ସେମାନଙ୍କର ଅବସର ବିନୋଦନ ନିମନ୍ତେ ଏକ ସୁନ୍ଦର ଓ ସୁସ୍ଥ ପରିବେଶମୟ ସାର୍ବଜନୀନ ସ୍ଥାନ ପାଇବେ। ଏହାକୁ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଏବଂ ଆମ୍କୋ-ସିମ୍କୋ ଆନ୍ଦୋଳନର ନାୟକ ନିର୍ମଳ ମୁଣ୍ଡାଙ୍କ ନାମରେ ନାମିତ କରାଯାଇଛି। ଏହି ପ୍ରକଳ୍ପ ରାଉରକେଲାର ପର୍ଯ୍ୟଟନ ବିଭବକୁ ଆହୁରି ଋଦ୍ଧିମନ୍ତ କରିବ। ସାଇନ୍ସ ପାର୍କ ଓ ପ୍ଲାନେଟୋରିୟମ ଛାତ୍ରଛାତ୍ରୀ ଏବଂ ଯୁବ ପିଢ଼ିଙ୍କୁ ଆମ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ଉତ୍ତମ ନିଦର୍ଶନ ଦେଖାଇବ ବୋଲି ସେ କହିଛନ୍ତି।

## ଦୁଇ ରାଜ୍ୟ...

ରହିଛି। ତେଣୁ ଯେତିକି ବି ପାଣି ଆସୁଛି, ତାହା ଶୁଖାସୋଡ଼ା ପର୍ଯ୍ୟନ୍ତ ପହଞ୍ଚିପାରୁନି। ତଳମୁଣ୍ଡରେ ମହାନଦୀ କେବଳ ତେଲ ଓ ଭେଡେନ ନଦୀ ଉପରେ ନିର୍ଭର କରି ବଞ୍ଚି ରହିଛି। ବିବାଦକୁ ନେଇ ଟ୍ରିବ୍ୟୁନାଲରେ ଏକାଧିକ ଶୁଣାଣି ହୋଇସାରିଲାଣି। ଦୁଇ ଦୁଇ ଥର ଟ୍ରିବ୍ୟୁନାଲ ଉଭୟ ରାଜ୍ୟକୁ ଗସ୍ତ କରି ସ୍ଥିତି ପରଖିଛନ୍ତି। ହେଲେ ଦୁଇ ରାଜ୍ୟର ଜଳସମ୍ପଦ ଅଧିକାରୀ ସର୍ବନିମ୍ନ ତଥ୍ୟ ବି ସଂଗ୍ରହ କରି ଟ୍ରିବ୍ୟୁନାଲଙ୍କ ନିକଟରେ ଦାଖଲ କରିନାହାନ୍ତି। ତାହା ହେଉଛି ଉଭୟ ରାଜ୍ୟ ଏପର୍ଯ୍ୟନ୍ତ ମହାନଦୀର ଏକ ଲକ୍ଷ ୪୧ ହଜାର ବର୍ଗ କିମି ଅବବାହିକାରେ ବର୍ଷା ଦିନେ କେତେ ଜଳ ଆସୁଛି, ତା'ର ଆକଳନ କରିନାହାଁନ୍ତି। ଗତକାଲି ଶୁଣାଣି ସମୟରେ ଟ୍ରିବ୍ୟୁନାଲ ଏହି ତଥ୍ୟ ମାଗିଥିଲେ। ଉଭୟ ରାଜ୍ୟ ଏହି ତଥ୍ୟ ଯୋଗାଡ଼ କରିବାକୁ ସପ୍ତାହେ ସମୟ ମାଗିଛନ୍ତି। ଆସନ୍ତା ୨ ତାରିଖରେ ହେବାକୁ ଥିବା ଶୁଣାଣି ପୂର୍ବରୁ ଦୁଇ ରାଜ୍ୟ ନିଜ ନିଜର ତଥ୍ୟ ଦାଖଲ କରିବେ। ଦୁଇ ରାଜ୍ୟର ଜଳସମ୍ପଦ ଅଧିକାରୀଙ୍କ ଏଭଳି ଖାମଖିଆଲ ମନୋଭାବକୁ ନେଇ ବର୍ଷିଛନ୍ତି ମହାନଦୀ ବଞ୍ଚାଅ ଅଭିଯାନର ଆବାହକ ସୁଦର୍ଶନ ଦାସ। ଯଦି ସର୍ବନିମ୍ନ ତଥ୍ୟ ରାଜ୍ୟ ପାଖରେ ନାହିଁ, ତେବେ ସେମାନେ ଟ୍ରିବ୍ୟୁନାଲରେ କି ଯୁକ୍ତି ଉପସ୍ଥାପନା କରିବେ ବୋଲି ସେ ପ୍ରଶ୍ନ କରିଛନ୍ତି। ଏଥିସହ ଦୁଇ ରାଜ୍ୟ ମଧ୍ୟରେ ଚାଲିଥିବା ଆଲୋଚନାକୁ ସେ ସହମତି ନୁହେଁ ଓଡ଼ିଶାର ସରେଣ୍ଡର ବୋଲି ବି କହିଛନ୍ତି। ସେ ଆକଳନ କରିଛନ୍ତି ଯେ ଓଡ଼ିଶାରେ ମହାନଦୀର ଭବିଷ୍ୟତ ଛତିଶଗଡ଼ ଦୟା ଉପରେ ନିର୍ଭରଶୀଳ ହେବ।

## ଜାନକୀଙ୍କ...

ଅନ୍ୟ ନେତାମାନେ ମଧ୍ୟ ଏଭଳି ପରାମର୍ଶ ପ୍ରତି ଗୁରୁତ୍ୱ ଦେଇ ନ ଥିଲେ। ନବୀନ ଓଡ଼ିଶା ରାଜନୀତିକୁ ଆସି ପାଦ ଥାପିବା ପରେ କିଭଳି ଜଣକ ପରେ ଜଣେ ବିଜେଡି ପ୍ରତିଷ୍ଠାତା ସଦସ୍ୟଙ୍କୁ ଦଳରୁ ବିଦା କରିଥିଲେ, ବିଜୟ ତାହା କହିଥିଲେ। ଯଦି ସେତେବେଳେ ଜାନକୀଙ୍କ ପରାମର୍ଶ ଗ୍ରହଣ କରାଯାଇଥାନ୍ତା, ତେବେ ଆଜି ଓଡ଼ିଶା ରାଜନୀତିରେ ଏଭଳି ଅବସ୍ଥା ଦେଖିବାକୁ ମିଳି ନ ଥାନ୍ତା। ଉଲ୍ଲେଖନୀୟ ଯେ ବିଜୁ ପଟ୍ଟନାୟକଙ୍କର ୧୯୯୭ ମସିହାରେ ପରଲୋକ ପରେ ନବୀନ ପଟ୍ଟନାୟକ ଓଡ଼ିଶା ରାଜନୀତିରେ ପ୍ରବେଶ କରିଥିଲେ। ହେଲେ ପ୍ରଥମେ ସେ ବ୍ରହ୍ମପୁର ଲୋକସଭା ଆସନରୁ ଲୋକସଭାକୁ ଯାଇ କେନ୍ଦ୍ରରେ ମନ୍ତ୍ରୀ ହୋଇଥିଲେ। ସେତେବେଳେ ଓଡ଼ିଶାରେ କଂଗ୍ରେସ ସରକାର ଥିଲା। ୨୦୦୦ ମସିହାରେ ସାଧାରଣ ନିର୍ବାଚନରେ କଂଗ୍ରେସର ପରାଜୟ ପରେ ବିଜେଡି କ୍ଷମତାକୁ ଆସିଲା ଓ ବିଜେଡି ଗଠନ କରିଥିବା ନେତାମାନେ ନବୀନଙ୍କୁ ଦିଲ୍ଲୀରୁ ଆଣି ଓଡ଼ିଶାର ମୁଖ୍ୟମନ୍ତ୍ରୀ ଚଉକିରେ ବସାଇଥିଲେ। ସେତେବେଳେ ବିଜେଡି ରାଜନୀତିର ସବୁଠାରୁ ଆଗରେ ଥିବା ବିଜୟ ମହାପାତ୍ରଙ୍କ ନିର୍ଦ୍ଦେଶରେ ହିଁ ସବୁକିଛି ହେଉଥିଲା। ଆଜି ନାଗରିକ ମଞ୍ଚରୁ ବିଜୟ ବିଜେଡି ଗଠନ, ନବୀନଙ୍କ ଓଡ଼ିଶା ରାଜନୀତିରେ ପ୍ରବେଶ, ପରବର୍ତ୍ତୀ ସମୟରେ ବିଜେଡି ପ୍ରତିଷ୍ଠାତା ସଦସ୍ୟଙ୍କୁ ଦଳରୁ ବିଦା କରିବା ଆଦି ଘଟଣାକୁ ବଖାଣିବା ସହ ଜଣେ ଦୂରଦୃଷ୍ଟିସମ୍ପନ୍ନ ରାଜନେତା ଭାବେ ଜାନକୀ ବଲ୍ଲଭ କିଭଳି ଏହାର ଆଗୁଆ ଆଭାସ ପାଇଥିଲେ, ତାହା କହିଥିଲେ ବିଜୟ। ସଭାସ୍ଥଳରେ ଉପସ୍ଥିତ ଥିବା ଅନେକ ଏ ବିଷୟରେ ଅଜ୍ଞ ଥିବାରୁ ବିଜୟଙ୍କ କଥାକୁ ବେଶ୍ ମନଦେଇ ଶୁଣୁଥିବା ଲକ୍ଷ୍ୟ କରାଯାଇଥିଲା। ବିଜେଡି ଗଠନର ପ୍ରାୟ ତିନି ଦଶନ୍ଧି ପରେ ଏହାର ପ୍ରତିଷ୍ଠାତା ସଦସ୍ୟ ବିଜୟ ମହାପାତ୍ର ଆଜି ଯେଉଁ ଗୁମର ଖୋଲିଲେ, ତାହା ଏବେ ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି।

## ନିଲମ୍ବିତ...

କରିଥିଲେ। ଏହି ଘଟଣାରେ ସ୍ଥାନୀୟ ସରପଞ୍ଚ ଓ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ଓ କର୍ମକର୍ତ୍ତା ହସ୍ତକ୍ଷେପ କରିଥିଲେ। ସମ୍ପୃକ୍ତ ପ୍ରଧାନଶିକ୍ଷକ ନିଜ ଦୋଷ ସ୍ୱୀକାର କରି ଏଭଳି ଘଟଣାର ପୁନରାବୃତ୍ତି କରିବେ ନାହିଁ ବୋଲି ଲିଖିତ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ମାମଲାର ଆପୋଷ ସାମାଧାନ ହୋଇଥିଲା। ତେବେ ଏଭଳି ଏକ ସମ୍ବେଦନହୀନ ଘଟଣାକୁ ସାଧାରଣରେ ଦୃଢ଼ ନିନ୍ଦା କରାଯିବା ସହ ଅଭିଯୁକ୍ତ ପ୍ରଧାନଶିକ୍ଷକଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସକାଶେ ଅଭିଭାବକମାନେ ଦାବି କରିଥିଲେ। ଶେଷରେ ସୁକିନ୍ଦା ବ୍ଲକ୍ ଶିକ୍ଷାଧିକାରୀ ନାରାୟଣ ଦାସ ପ୍ରାଥମିକ ତଦନ୍ତ ପରେ ପ୍ରଧାନଶିକ୍ଷକଙ୍କୁ ନିଲମ୍ବନ କରିଥିବା ସୂଚନା ଦେଇଛନ୍ତି।

## ବଙ୍ଗରେ କବର...

ଗଠନ କରିବା ପାଇଁ ବିଜେପି ପ୍ରତି ଜନସାଧାରଣଙ୍କ ଭରସା ବଢ଼ିବାରେ ଲାଗିଛି। ପଶ୍ଚିମବଙ୍ଗର ଯୁବପିଢ଼ି ଆଜି ରୋଜଗାର ଓ ଭଲ ସୁଯୋଗ ପାଇବା ପାଇଁ ଇଚ୍ଛୁକ। ବିଜେପିର ସଂକଳ୍ପ ପତ୍ରରେ ଥିବା ଷ୍ଟାର୍ଟଅପ୍ ପ୍ରୋତ୍ସାହନ ଓ ନିଯୁକ୍ତି ସୁଯୋଗ ଏହି ଆଶାକୁ ପୂରଣ କରିବା ପାଇଁ ଏକମାତ୍ର ମାର୍ଗ। ଯେଉଁ ଭୟ ଓ ଘୃଣାର ରାଜନୀତି ପାଇଁ ବେଙ୍ଗଲବାସୀ ଦିନେ ବାମପନ୍ଥୀଙ୍କୁ ପ୍ରତ୍ୟାଖ୍ୟାନ କରିଥିଲେ, ଆଜି ସମାନ କାରଣ ପାଇଁ ଟିଏମସିକୁ ମଧ୍ୟ ବିଦା କରିବାକୁ ମନସ୍ଥ କରିଛନ୍ତି ବୋଲି ଶ୍ରୀ ପ୍ରଧାନ କହିଛନ୍ତି। କେନ୍ଦ୍ରମନ୍ତ୍ରୀ ଆଜି ବରନଗରସ୍ଥିତ ଶ୍ରୀ ଜଗନ୍ନାଥ ମନ୍ଦିରରେ ଦର୍ଶନ କରିବା ସହ ସମସ୍ତଙ୍କ ସୁଖ, ଶାନ୍ତି ଓ ସମୃଦ୍ଧି କାମନା କରିଛନ୍ତି। ଗତକାଲି ବାଙ୍କୁଡ଼ା ଜିଲ୍ଲାର ତାଲଡାଙ୍ଗରାଠାରେ ବିଜେପି ପ୍ରାର୍ଥୀ ସୌଭିକ ପାତ୍ରଙ୍କ ସମର୍ଥନରେ ଆୟୋଜିତ ରୋଡ୍ ଶୋ'ରେ ମଧ୍ୟ ଶ୍ରୀ ପ୍ରଧାନ ସାମିଲ ହୋଇଥିଲେ।

## ଭକ୍ତଙ୍କୁ...

କରାଯାଇଥିଲା। ୨୦୧୬ରୁ ଗଠିତ ମହାନଦୀ ବଞ୍ଚାଅ ଅଭିଯାନର ଆବାହକ ହେଉଛନ୍ତି ସୁଦର୍ଶନ ଦାସ। ସେ କଟକରେ ଟ୍ରିବ୍ୟୁନାଲ ଗସ୍ତକୁ ବିରୋଧ କରିବା ସମୟରେ ସବୁ ରାଜନୈତିକ ଦଳ ସମେତ ମୋକିମଙ୍କ ନବଗଠିତ ଓଡ଼ିଶା ଜନତା କଂଗ୍ରେସ ସହ ମଧ୍ୟ ଯୋଗାଯୋଗ କରିଥିଲେ। ତାଙ୍କ ଅନୁରୋଧରେ ମୋକିମ ମଧ୍ୟ ଏହି ଆନ୍ଦୋଳନରେ ସାମିଲ ହୋଇଥିଲେ। ମହାନଦୀ ପାଇଁ ସୁଦର୍ଶନଙ୍କ ଏହି ଲଢ଼େଇରେ ମୋକିମ ସାମିଲ ହେବା ଦଳର ଶୃଙ୍ଖଳା ବିରୋଧୀ ବୋଲି କହି ତାଙ୍କୁ ନୋଟିସ କରାଯାଇଛି। ତେବେ ସୁଦର୍ଶନ ଦାସ ଏହାକୁ ଦଳୀୟ ବ୍ୟାପାର ବୋଲି କହିବା ସହ ଏନେଇ ମିଡିଆରେ ମୁହଁ ଖୋଲିବାକୁ ମନା କରିଦେଇଛନ୍ତି। ତେବେ ମହାନଦୀ ବଞ୍ଚାଅ ଅଭିଯାନରେ କଂଗ୍ରେସ ସହ ବିଜେପି, ବିଜେଡି, ବାମ ଦଳ ଓ ଅନ୍ୟ ବହୁ ରାଜନୈତିକ ବ୍ୟକ୍ତି ଯୋଗ ଦିଅନ୍ତି। ମହାନଦୀ ଅଭିଯାନ ସହ ଦଳୀୟ ଶୃଙ୍ଖଳାର କୌଣସି ସମ୍ପର୍କ ନାହିଁ ବୋଲି ସେ କହିଛନ୍ତି।

## ହ୍ୱାଟ୍ସଆପରେ...

ପାଠ୍ୟକ୍ରମ ଦିଆଯିବ। ଫଳରେ ଖରାଛୁଟିରେ ପିଲା ଘରେ ରହି ପାଠ ପଢ଼ିପାରିବେ। ଏହାଦ୍ୱାରା ପିଲା ପାଠ ସହ ଯୋଡ଼ି ହୋଇ ରହିବେ। ଘରେ ପିଲାଙ୍କୁ ଗାଇଡ କରିବେ ଅଭିଭାବକ। ସମର ଲର୍ଣ୍ଣିଂ ପ୍ରୋଗ୍ରାମ ଅଧିନରେ ଗ୍ରେଡ୍‌ଭିତ୍ତିକ ବିଷୟ ପଢ଼ାଯିବ। ଏଥିପାଇଁ ବିଷୟକୁ ବିଭିନ୍ନ ଶ୍ରେଣୀରେ ରଖାଯାଇଛି।

# ଠାକୁରାଣୀ ଯାତ୍ରା ଆରମ୍ଭ



ଫୁଲବାଣୀ,୨୧।୪ (ସଂଚାର ବ୍ୟୁରୋ)ଃ ପବିତ୍ର ଅଖିତୃତୀୟା ଅବସରରେ ଶ୍ରୀଶ୍ରୀ ଶ୍ରୀ ମା ନାରାୟଣୀ ଠାକୁରାଣୀଙ୍କ ସପ୍ତବିଂଶ ତମ ଯାତ୍ରା ଆରମ୍ଭ ହୋଇ ଆସନ୍ତା ମେ ମାସ ୨୦ଯାଏ ଦୀର୍ଘ ଏକ ମାସ ଧରି ଚାଲିବ। ସଭାପତି କାବୁଲା ସେନାପତିଙ୍କ ନେତୃତ୍ୱରେ ଯାତ୍ରା ପରିଚାଳନା କମିଟିର ସମସ୍ତ କର୍ମକର୍ତ୍ତାଙ୍କ ସମେତ ପୂଜକ ମାନଙ୍କ ଉପସ୍ଥିତିରେ ସମସ୍ତ ରୀତି ନୀତି ପୂଜା ପଦ୍ଧତି ପ୍ରକ୍ରିୟା କରାଯାଇ ପ୍ରଥମେ ବ୍ରାହ୍ମଣୀ ଦେବୀ, ବରାଳ ଦେବୀ, ବ୍ୟାଘ୍ର ଦେବୀ, ଗ୍ରାମ୍ୟ ଦେବୀ ଓ ଶେଷରେ ମା ଦକ୍ଷିଣକାଳୀ ଆଦିଙ୍କୁ ଆବାହନ କରି ଅସ୍ଥାୟୀ ମଣ୍ଡପ ଯାତ୍ରା ପଡ଼ିଆକୁ ଅଣାଇଥିଲା । ପରେ ସଂନ୍ଧ୍ୟାରେ ବିଶାଳ ୨୦ ପ୍ରକାର ପଟୁଆରରେ ବାଜା ବାଣ ସହ ନାରାୟଣୀ ମନ୍ଦିରକୁ ଯାଇ ସେଠାରେ ପୂଜାର୍ଚ୍ଚନା କରାଯାଇଥିଲା ।

ମା'ଙ୍କ ଆଗମନ ସମୟରେ କନ୍ଧମାଳ ସାଂସଦ ସୁକାନ୍ତ ପାଣିଗ୍ରାହୀ, ଫୁଲବାଣୀ ବିଧାୟକ ଉମା ଚରଣ ମଲ୍ଲିକ, ବିଡ଼ିଓ ସୋମ୍ୟ ରଞ୍ଜନ ପାତ୍ର, ଏସ୍‌ଡ଼ିପିଓ ଶୁଭ୍ରଜିତ ବିଶ୍ୱାଳ, କାର୍ଯ୍ୟ ନିର୍ବାହୀ ଅଧିକାରୀ ସମରେଶ ମହାନ୍ତି, ଭଗବାନ ମହାନ୍ତି ଅଜିତ ପଟ୍ଟନାୟକ, ରମେଶ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ । ଆଜି ଠାରୁ ପ୍ରତ୍ୟହ ସନ୍ଧ୍ୟାରେ ସ୍ଥାନୀୟ ଏବଂ ଜିଲ୍ଲା ବାହାରର ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମମାନ ମଣ୍ଡପରେ ଅନୁଷ୍ଠିତ ହେବ ବୋଲି ସାଂସ୍କୃତିକ ସମ୍ପାଦକ ଅଶୋକ କୁମାର ମହାନ୍ତି କହିଛନ୍ତି ।

# ଗାଡ଼ି ଡିକି ଭାଙ୍ଗି ୨ଲକ୍ଷ ଟଙ୍କା ଲୁଟ୍



ଛତ୍ରପୁର,୨୧।୪ (ସଂଚାର ବ୍ୟୁରୋ)ଃ ସ୍ପଷ୍ଟ ଦିବାଲୋକରେ ଗାଡି ଡିକି ଭାଙ୍ଗି ପ୍ରାୟ ଦୁଇ ଲକ୍ଷ ଟଙ୍କା ଲୁଟ ଘଟଣା ଗଞ୍ଜାମ ସହରରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଗଞ୍ଜାମ ଥାନା ଅନ୍ତର୍ଗତ ଦୁର୍ଗାଦେବୀ ସାହିରେ ଥିବା ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ଗଞ୍ଜାମ ଶାଖା ସମ୍ମୁଖରେ ଏହି ସାହସିକ ଲୁଟ ଘଟଣା ଘଟିଥିବା ଜଣାପଡିଛି।

ସୂଚନା ଅନୁସାରେ, ଗଞ୍ଜାମ ବ୍ଲକର ରାମଗଡ଼ ପଞ୍ଚାୟତ ଅନ୍ତର୍ଗତ ରଘୁନାଥପୁର ଗ୍ରାମର ସୁଧୀର କୁମାର ପଣ୍ଡା ଓ ଦିଲ୍ଲୀପ କୁମାର ସାହୁ ଆଜି ଅପରାହ୍ନ ପ୍ରାୟ ୧୨ଟା ସମୟରେ ନିଜ ବାଇକ (ଓଡ଼ି୦୭ବିସି୭୯୩) ବ୍ୟାଙ୍କ ସମ୍ମୁଖରେ ରଖି ଭିତରକୁ ଯାଇଥିଲେ। କିଛି ସମୟ ପରେ ଫେରି ଆସିବା ବେଳେ ଡିକି ଭାଙ୍ଗି ଟଙ୍କା ଗାୟବ ହୋଇଥିବା ଦେଖି ସେମାନେ ଅବାକ ହୋଇଯାଇଥିଲେ। ଏହାପରେ ସେମାନେ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇବା ସହ ଗଞ୍ଜାମ ଥାନାରେ ଅଭିଯୋଗ ଦାଖଲ କରିଥିଲେ। ବ୍ୟାଙ୍କରେ ସିସିଟିଭି କ୍ୟାମେରା ଓ ସୁରକ୍ଷାକର୍ମୀ ଥିବା ସତ୍ତ୍ୱେ ଦୁର୍ବୃତ୍ତମାନଙ୍କ ଏପରି ସାହସିକ କାରନାମା ସୁରକ୍ଷା ବ୍ୟବସ୍ଥାକୁ ଚ୍ୟାଲେଞ୍ଜ କରିଛି। ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଥିବା ବେଳେ ସିସିଟିଭି ଫୁଟେଜ ଯାଞ୍ଚ ଚାଲିଛି। ପୋଲିସଙ୍କ ତଦନ୍ତ ସମୟରେ ଜଣେ ସନ୍ଦେହଭାଜନ ବ୍ୟକ୍ତି ମୁଣ୍ଡରେ ଟୋପି ପିନ୍ଧି ଡିକି ଭାଙ୍ଗୁଥିବା ଦୃଶ୍ୟ କ୍ୟାମେରାରେ ଧରାପଡ଼ିଥିବା ଜଣାପଡିଛି।

### ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା

# ବିବାହ ବନ୍ଧନରେ ବାନ୍ଧି ହେଲେ ୬୦ ଯୋଡ଼ି ବରକନ୍ୟା



ଯାଜପୁର,୨୧।୪ (ସଂଚାର ବ୍ୟୁରୋ)ଃ ଯାଜପୁର ଜିଲାରେ ପ୍ରଶାସନ ପକ୍ଷରୁ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନାର ଆଜି ଶୁଭାରମ୍ଭ ହୋଇଯାଇଛି। ଗୋଟିଏ ଜାଗାରେ ୬୦ ଯୋଡ଼ା ବର କନ୍ୟାଙ୍କ ଏକା ସାଙ୍ଗରେ ବାହାଘର ହୋଇଛି। ଏଥିରେ ବାଜା ରୋଷଣୀ ସହ ନୃତ୍ୟ ସଙ୍ଗୀତର ଆସର ଅଧିକ ଚିତ୍ତାକାର୍ଷକ ଥିଲା। ଖୁବ୍ ଧୁମଧାମରେ ପାରମ୍ପରିକ ରୀତିନୀତିରେ ହୋଇଥିଲା ବିବାହ କାର୍ଯ୍ୟକ୍ରମ। ବରଯାତ୍ରୀରେ ସାମିଲ ହୋଇଥିଲେ ଜିଲ୍ଲା ପ୍ରଶାସନର ଅଧିକାରୀ ଏବଂ କର୍ମଚାରୀଗଣ। ସରକାରଙ୍କ ପକ୍ଷରୁ ଯାଜପୁର ଜିଲ୍ଲାରେ ଏଭଳି ଏକ ନିଆରା ସାମୂହିକ ବିବାହ ଅନୁଷ୍ଠିତ ହେବା ଘଟଣା ସାରା ଜିଲ୍ଲାବାସୀଙ୍କ ଠାରେ ଆନନ୍ଦର ଲହରୀ ଖେଳି ଯାଇଛି । ଏହି କ୍ରମରେ ଆଜି ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ସମାଜ କଲ୍ୟାଣ ବିଭାଗ ପକ୍ଷରୁ ଯାଜପୁର ଜିଲ୍ଲାର ଷଠିପୁର ସ୍ଥିତ ଲିଙ୍ଗେଶ୍ୱର ମନ୍ଦିର ପ୍ରାଙ୍ଗଣରେ ୬୦ ଯୋଡ଼ା ଦମ୍ପତିଙ୍କ ବିବାହ କାର୍ଯ୍ୟ ଆୟୋଜିତ ହୋଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ଅମ୍ବର କୁମାର କର ଯୋଗ ଦେଇ କହିଥିଲେ ଯେ, ଉତ୍କଳ ଜନନୀ, ଲିଙ୍ଗେଶ୍ୱର ମହାଦେବ ଏବଂ ମାଆ ବିରଜାଙ୍କ ଆଶୀର୍ବାଦ ନେଇ ଆଜି ସାମୂହିକ ବିବାହ କର୍ମ ସମ୍ପନ୍ନ ହୋଇଛି।

### ସିଆରମାଲ ବିସ୍ଥାପିତଙ୍କ ଧାରଣା ୩୫ତମ ଦିନରେ

# ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହକୁ ବି ଖାତିର୍ ନାହିଁ




ସୁନ୍ଦରଗଡ଼,୨୧।୪ (ସଂଚାର ବ୍ୟୁରୋ)ଃ ଅସହ୍ୟ ଗ୍ରୀଷ୍ମ ପ୍ରବାହ ସତ୍ତ୍ୱେ ନିଜ ଅଧିକାର ଦାବିରେ ଜିଦ୍‌ରେ ରହିଛନ୍ତି ସିଆରମାଲ ବିସ୍ଥାପିତ ମହିଳାମାନେ। ହେମଗିର ବ୍ଲକର ସିଆରମାଲ ଗ୍ରାମର ୨୯ଟି ପରିବାର ଗତ ମାର୍ଚ୍ଚ ୧୭ ତାରିଖରୁ ସୁନ୍ଦରଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ଡିଆରଡିଏ ଛକରେ ଦିନରାତି ଧାରଣା ଜାରି ରଖିଛନ୍ତି। ବର୍ତ୍ତମାନ ସେମାନଙ୍କ ଧାରଣାକୁ ୩୫ ଦିନ ବିତିଯାଇଥିବା ସତ୍ତ୍ୱେ ମଧ୍ୟ ସେମାନେ କୌଣସି ସୁଫଳ ପାଇ ପାରିନାହାନ୍ତି। ଦିନ ଦିପହର ଅସହ୍ୟ ଗରମ ଓ ରାତିରେ ମଶାରି ଟାଙ୍ଗି ଖୋଲା ଆକାଶ ତଳେ ରାତି କାଟୁଛନ୍ତି ମହିଳାମାନେ। ରାଜ୍ୟରେ ଗ୍ରୀଷ୍ମ ପ୍ରବାହର ପ୍ରଭାବରେ ସାଧାରଣ ଲୋକ ଘରୁ ବାହାରୁ ନ ହେଉଥିବା ବେଳେ, ଏହି ବିସ୍ଥାପିତମାନେ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଧାରଣାସ୍ଥଳରେ ଅବିରତ ବସିରହୁଛନ୍ତି।


ବିସ୍ଥାପିତମାନେ କହିଛନ୍ତି, 'ମୁଖ୍ୟମନ୍ତ୍ରୀଙ୍କୁ ଆମେ ଗୁହାରି କରିଥିଲୁ, କିନ୍ତୁ ଆମ କଥା ଶୁଣାଯାଉନି। ଆପଣ ମଧ୍ୟ ଜଣେ ଆଦିବାସୀ, ଆମ ଦୁଃଖ ବୁଝନ୍ତୁ।' ରାଷ୍ଟ୍ରପତିଙ୍କ ରାଉରକେଲା ଗସ୍ତକୁ ନଜରରେ ରଖି, ଧାରଣାରେ ବସିଥିବା ମହିଳାମାନେ ମହାମହିମଙ୍କ ନିକଟରେ ମଧ୍ୟ ନିଜ ଦାବି ଉଠାଇଛନ୍ତି।

ଅଭିଯୋଗ ଅନୁସାରେ, ଏମ୍‌ସିଏଲ୍‌ର ସିଆରମାଲ କୋଇଲା ଖଣି ପାଇଁ ଜମି ନେଇଯିବା ପରେ ୪ରୁ ୫ ବର୍ଷ ବିତିଯାଇଛି। ତଥାପି ଜଙ୍ଗଲ ଜମି ପଟ୍ଟା, ପୁନର୍ବାସ ଓ କ୍ଷତିପୂରଣ ନେଇ ପ୍ରଶାସନ ପକ୍ଷରୁ କେବଳ ପ୍ରତିଶ୍ରୁତି ମାତ୍ର ମିଳୁଛି। ଜଙ୍ଗଲ ଅଧିକାର ଆଇନ ଅନୁଯାୟୀ ଗ୍ରାମସଭା ଓ ଜିଲ୍ଲାସ୍ତରୀୟ କମିଟିର ଅନୁମୋଦନ ମିଳିଥିବା ସତ୍ତ୍ୱେ ମଧ୍ୟ ପଟ୍ଟା ଦିଆଯାଇନଥିବାରୁ ଅସନ୍ତୋଷ ବଢ଼ିଛି। "ପଟ୍ଟା ମିଳିଲେ ଧାରଣାରୁ ଉଠିବୁ" ବୋଲି ଆନ୍ଦୋଳନକାରୀମାନେ ସ୍ପଷ୍ଟ କରିଛନ୍ତି।

ଏପରିସ୍ଥିତିରେ ସୋମବାର ସୁନ୍ଦରଗଡ଼ ବିଧାୟକ ଯୋଗେଶ କୁମାର ସିଂ ସମ୍ବଲପୁରରେ ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କୁ ଭେଟି ବିସ୍ଥାପିତ ଆଦିବାସୀଙ୍କୁ ତୁରନ୍ତ ଜଙ୍ଗଲ ଜମି ପଟ୍ଟା ପ୍ରଦାନ ପାଇଁ ଦାବି ଜଣାଇଛନ୍ତି।

ତଥାପି ଦୀର୍ଘଦିନ ଧରି ଅପେକ୍ଷା କରୁଥିବା ବିସ୍ଥାପିତମାନଙ୍କ ପାଇଁ ଏଯାଏ ଯାଏଁ କୌଣସି ସ୍ପଷ୍ଟ ସମାଧାନ ମିଳିନଥିବାରୁ ସେମାନଙ୍କର ଆନ୍ଦୋଳନ ଆଗକୁ ଆଉ ତୀବ୍ର ହେବାର ସମ୍ଭାବନା ଦେଖାଯାଉଛି।

# ପଶ୍ଚିମବଙ୍ଗରେ ବିଜେପି ପ୍ରାର୍ଥୀଙ୍କ ଲାଗି ପ୍ରଚାର କଲେ କୋରେଇ ବିଧାୟକ



ଯାଜପୁର ରୋଡ଼,୨୧।୪ (ସଂଚାର ବ୍ୟୁରୋ)ଃ ଆଉ କେଇଟା ଦିନ ପରେ ପଶ୍ଚିମବଙ୍ଗରେ ନିର୍ବାଚନ ହେବାକୁ ଯାଉଛି। ଏହି ପରିପ୍ରେକ୍ଷୀରେ ଓଡ଼ିଶାରୁ ବିଜେପି ଦଳର, କୋରେଇର ଲୋକପ୍ରିୟ ବିଧାୟକ ଆକାଶ ଦାସନାୟକ ସେଠାରେ ପହଁଚି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହ ମିଶି ଖଡଗପୁରରେ ଦଳୀୟ ପ୍ରାର୍ଥୀଙ୍କ ପାଇଁ ଭୋଟ ପ୍ରଚାର କରିଛନ୍ତି। ଖଡକପୁରରେ ବସବାସ କରୁଥିବା ଓଡ଼ିଆ ଭାଇଭଉଣୀ ମାନଙ୍କୁ ବଙ୍ଗଳାରେ ଦୁର୍ନୀତିଗ୍ରସ୍ତ ସରକାର ଯୋଗୁଁ ଅରାଜକତା, ଚାକିରି ନାହିଁ, ମହିଳା ସୁରକ୍ଷା ବିପର୍ଯ୍ୟସ୍ତ ଏବଂ ଚାଷୀମାନେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଆଧାରରେ ଓଡ଼ିଆଙ୍କ ଜନସଭାରେ ସାମିଲ ହୋଇ ବିଜେପି ପ୍ରାର୍ଥୀଙ୍କ ଲାଗି ଭୋଟ ମାଗିଛନ୍ତି । ଏହିସବୁ ସମସ୍ୟାକୁ ଦୂର କରିବାକୁ ହେଲେ ତେବେ ଏଠାରେ ବିଜେପି ସରକାର ଆସିଲେ ଏ ସବୁର ଅନ୍ତ ଘଟିବ ବୋଲି ପଶ୍ଚିମବଙ୍ଗର ଖଡ଼ଗପୁରରେ ରହୁଥିବା ପ୍ରବାସୀ ଓଡ଼ିଆ ଭାଇ ଭଉଣୀ ମାନଙ୍କୁ ଏଠାକାର ବିଜେପି ପ୍ରାର୍ଥୀଙ୍କୁ ଭୋଟ ଦେଇ ଜିତାଇବାକୁ ପ୍ରଚାର କରିବା ସହିତ ମନ୍ଦିରରେ ପୂଜାର୍ଚ୍ଚନା କରିଛନ୍ତି କୋରେଇ ବିଧାୟକ ଆକାଶ ଦାସନାୟକ।

# ଯୋଡ଼ା ଫ୍ଲାଏଓଭରରେ ଫାଟ

### ୨୧୦ କୋଟିର ପ୍ରକଳ୍ପ ଉପରେ ପ୍ରଶ୍ନଚିହ୍ନ



ଯୋଡ଼ା୨୧।୪ (ସଂଚାର ବ୍ୟୁରୋ)ଃ କେନ୍ଦୁଝର ଜିଲ୍ଲାର ଯୋଡ଼ା ସହରରେ ନିର୍ମିତ ବହୁ ପ୍ରତୀକ୍ଷିତ ଫ୍ଲାଏଓଭର ପୁଣିଥରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ହୋଇପଡ଼ିଛି। ପ୍ରାୟ ୨୧୦ କୋଟି ଟଙ୍କା ବ୍ୟୟରେ ତିଆରି ହୋଇଥିବା ଏହି ଫ୍ଲାଏଓଭରକୁ ୧୦ ମାର୍ଚ୍ଚ ୨୦୨୪ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଲୋକାର୍ପଣ କରିଥିଲେ। ଲୋକାର୍ପଣ ସମୟରେ ଏହାକୁ ଦୀର୍ଘ ୧୦୦ ବର୍ଷ ସ୍ଥାୟୀ ରହିବ ବୋଲି ଠିକା ସଂସ୍ଥା ପକ୍ଷରୁ ଦାବି କରାଯାଇଥିଲା। କିନ୍ତୁ ଦୁଃଖର କଥା, ମାତ୍ର କେଇ ଦିନ ନ ପୂରୁଣୁ ନିର୍ମାଣ ହୋଇଥିବା ଏହି ବ୍ରିଜର କେତେକ ସ୍ଥାନରେ ଫାଟି ରଡ ଦେଖାଦେଇଥିବାରୁ ଏହାର ଗୁଣଗତ ମାନ ଓ ସ୍ଥାୟୀତ୍ୱ ଉପରେ ଗଭୀର ସନ୍ଦେହ ସୃଷ୍ଟି ହୋଇଛି।

ଏହି ଫ୍ଲାଏଓଭରଟି ପ୍ରାୟ ୩ କିଲୋମିଟର ଲମ୍ବା। ନିର୍ମାଣ କାର୍ଯ୍ୟ ଓଡ଼ିଶା ବ୍ରିଜ କନ୍‌ଷ୍ଟ୍ରକସନ୍ କର୍ପୋରେସନ୍ ଲିମିଟେଡ୍ ମାଧ୍ୟମରେ ହୋଇଥିବା ବେଳେ ଗୁଜୁରାଟର ଚୋରଭଲେଟ ନାମକ ଏକ କମ୍ପାନୀକୁ ଠିକା ଦିଆଯାଇଥିଲା। ତଥାପି ଏତେ ବଡ଼ ପ୍ରକଳ୍ପରେ ଏପରି ଅବସ୍ଥା ଦେଖାଦେବା ଏକ ଗୁରୁତର ପ୍ରଶ୍ନ ଉଠାଇଛି।

ଯୋଡ଼ା ସହରରେ ଏହି ଫ୍ଲାୟଓଭର ନିର୍ମାଣକୁ ନେଇ ଆରମ୍ଭରୁ ହିଁ ବିବାଦ ଥିଲା। ପ୍ରାରମ୍ଭିକ ଯୋଜନା ଅନୁସାରେ ଏହା ସହରର ପରିଧି ଦେଇ ଯିବାକୁ ଥିଲା, ଯାହା ଫଳରେ ଯାତାୟାତ ସୁବିଧା ହେବା ସହ ନଗର ଭିତରେ ଭିଡ଼ ହ୍ରାସ ପାଇଥାନ୍ତା। କିନ୍ତୁ ପରେ ଏହି ପ୍ରକଳ୍ପର ରୁଟ୍ ପରିବର୍ତ୍ତନ କରି ସହର ମଝିରେ ନିର୍ମାଣ କରାଯାଇଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯାଇଛି। ଏବେ ଫ୍ଲାୟଓଭରରେ ଫାଟ ଦେଖାଦେବା ପରେ ଲୋକମାନଙ୍କ ମନରେ ଭୟ ବଢ଼ିଯାଇଛି। ଦିନକୁ ହଜାର ହଜାର ଗାଡ଼ି ଚଳାଚଳ କରୁଥିବା ଏହି ସେତୁର ସୁରକ୍ଷା ନେଇ ପ୍ରଶ୍ନ ଉଠୁଛି।

ସ୍ଥାନୀୟ ବାସିନ୍ଦାଙ୍କ କହିବା ଅନୁସାରେ, ଏହି ଫାଟ ଯଦି ଶୀଘ୍ର ମରାମତି ନହୋଇ, ତେବେ ଆଗାମୀ ଦିନରେ ଏହା ଗୁରୁତର ଦୁର୍ଘଟଣାର ରୂପ ନେଇପାରେ।

# ପ୍ରହସନ ପାଲଟିଛି ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

### ପ୍ରଚାର ପ୍ରସାର ଅଭାବରୁ ଜାଣିପାରିଲେନି ଅନେକ ଦିବ୍ୟାଙ୍ଗ



ଗୋପ,୨୧।୪ (ସଂଚାର ବ୍ୟୁରୋ)ଃ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଗୋପ ବ୍ଲକରେ ଭିନ୍ନକ୍ଷମଙ୍କ ପାଇଁ ଉପାହାସ ପାଲଟିଛି। ସରକାର ଭିନ୍ନକ୍ଷମମାନଙ୍କୁ ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ବିଭିନ୍ନ ଯୋଜନା କରୁଥିବା ବେଳେ ଗୋପ ବ୍ଲକ ପ୍ରଶାସନର ଆନ୍ତରିକତା ଅଭାବ ସାଙ୍ଗକୁ ପ୍ରଚାର ପ୍ରସାର ଅଭାବ ଯୋଗୁଁ ଆଜି ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଂଶକ୍ତିକରଣ ବିଭାଗ ପକ୍ଷରୁ ବ୍ଲକ ପ୍ରଶାସନ ତତ୍ତ୍ୱାବଧାନରେ ଗୋପ ନିଗମାନନ୍ଦ ଉଚ୍ଚ ବିଦ୍ୟାଳୟ ପରିସରରେ ଆୟୋଜିତ ଶିବିର ସଂପର୍କରେ ଜାଣିପାରିଲେନି ଦିବ୍ୟାଙ୍ଗ। ଫଳରେ ଶତାଧିକ ଦିବ୍ୟାଙ୍ଗ ଆଜି ଏହି ଯୋଜନା ବଞ୍ଚିତ ହୋଇଛନ୍ତି ।

ଦିବ୍ୟାଙ୍ଗମାନେ ଅନଲାଇନ ପ୍ରମାଣପତ୍ର ନପାଇଲେ ସମସ୍ତ ସରକାରୀ ସୁବିଧାରୁ ବଞ୍ଚିତ ହେବେ। ତେଣୁ ଗୋପ ବ୍ଲକର ୩୧ ଗୋଟି ପଂଚାୟତରେ ଶହଶହ ଭିନ୍ନକ୍ଷମ ଅନଲାଇନ୍ ପ୍ରମାଣପତ୍ର ପାଇବା ପାଇଁ ଦୀର୍ଘ ଦିନ ହେଲା ଚାତକ ପରି ଚାହିଁ ରହିଥିବା ବେଳେ ବ୍ଲକ ପ୍ରଶାସନର ଖାମଖିଆଲି ଓ ଦୁର୍ନୀତିଖୋର ମନଭାବ ଯୋଗୁଁ ଆଜି ଶତାଧିକ ଭିନ୍ନକ୍ଷମଙ୍କ ଆଶା ନିରାଶା ହୋଇଛି ବୋଲି କହିଛନ୍ତି ଭିନ୍ନକ୍ଷମ ରଶ୍ମିତା ପାତ୍ର, ସୁଶାନ୍ତ ସାହୁ।

ଏହି ଶିବିରକୁ ବିଡିଓ ଦାୟିତ୍ୱରେ ଥିବା ତହସିଲଦାର ସୂର୍ଯ୍ୟ ଶଙ୍କର ଦାସ, ଚେୟାରମ୍ୟାନ ଝୁନୁ ମଲ୍ଲିକ, ଜିଲ୍ଲା ପରିଷଦ ପ୍ରମୋଦ କୁମାର ରାୟ, ବରିଷ୍ଠ ବିଜେପି ନେତା ଅଶ୍ୱିନୀ ପଟ୍ଟନାୟକ ବିଡ଼ିଓ ଦୀପକ କୁମାର ଜେନା ପ୍ରମୁଖ ଉପସ୍ଥିତ ରହି ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ।

ଉକ୍ତ ଶିବିରକୁ ୩୧ ଗୋଟି ପଂଚାୟତରୁ ୯୭ ଜଣ ଭିନ୍ନକ୍ଷମ ଚିହ୍ନଟ ପାଇଁ ଆସିଥିଲେ । ସେମାନଙ୍କ ମଧ୍ୟରୁ ଏହି ଶିବିରରେ ଅସ୍ଥିଶଲ୍ୟ ବିଭାଗରେ ୪୫ ଜଣ ଭିନ୍ନକ୍ଷମ ଚିହ୍ନଟ ପାଇଁ ଆସିଥିବା ବେଳେ, ମାନସିକ ଅନଗ୍ରସରରେ ୧୬ ଜଣ, ଶ୍ରବଣ ବାଧିତରେ ୧୮ଜଣ, ଦୃଷ୍ଟି ବାଧିତ ୧୫ଜଣ, ଭେସଜ ବିଭାଗରେ ୩ଜଣ ମୋଟ ୯୭ ଜଣ ଭିନ୍ନକ୍ଷମଙ୍କୁ ବିଭାଗୀୟ ଡାକ୍ତର ପରୀକ୍ଷା ନିରୀକ୍ଷା କରିଥିଲେ। ସେମାନଙ୍କ ମଧ୍ୟରୁ ଯେଉଁମାନଙ୍କୁ ଡାକ୍ତର ବିବେଚିତ କରିଥିଲେ ସେମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯିବ ଅବ୍ୟବସ୍ଥା ଭିତରେ ଚାଲିଥିଲା।

# ଜୟପୁରରେ ରଥ କାଠ ଅନୁକୂଳ



ଜୟପୁର/ବୋରିଗୁମ୍ମା,୨୧।୪ (ସଂଚାର ବ୍ୟୁରୋ)ଃ ପବିତ୍ର ଅକ୍ଷୟ ତୃତୀୟା ଅବସରରେ ଅପରାହ୍ନରେ ଜୟପୁର ଠାରେ ରଥ କାଠ ଅନୁକୂଳ କରାଯାଇଛି। ଶ୍ରୀମନ୍ଦିରରୁ ରଥଖଳାକୁ ଆଜ୍ଞାମାଳ ଆସିବା ପରେ ରଥନିର୍ମାଣ ପାଇଁ ରଥ କାଠ ଅନୁକୂଳ ହୋଇଯାଇଛି । ପୂଜା ଅର୍ଚ୍ଚନା ସାଙ୍ଗକୁ ହୋମ ଯଜ୍ଞ କରାଯାଇଥିଲା। ସ୍ରୋତ୍ରୀୟ ବ୍ରାହ୍ମଣ ଓ ମୁଖ୍ୟ ପୂଜକଙ୍କ ଡମ୍ବରୁ ଧର ପଣ୍ଡାଙ୍କ ଦ୍ୱାରା ବନଜାଗ ନୀତିରେ କାଠ ଅନୁକୂଳ କରାଯାଇଥିଲା। ପବିତ୍ର ଅକ୍ଷୟ ତୃତୀୟା ଅବସରରେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତିଙ୍କ ସମେତ ଦେବତ୍ତର ବିଭାଗ ଅଧିକାରୀ ତଥା ତହସିଲଦାର ସବ୍ୟସାଚୀ ଜେନା ଙ୍କ ସମେତ ମନ୍ଦିର ପ୍ରଶାସନ ଓ ପୁରୋହିତ ଶୀଧେଶ୍ୱର ଦାସ, ଜଗନ୍ନାଥ ତ୍ରିପାଠୀ ଓ ସ୍ଥାନୀୟ ବାସିନ୍ଦା ଉପସ୍ଥିତରେ ଏହି ପୂଜାର୍ଚ୍ଚନା ହୋମ ଯୋଜ୍ଞ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ମଙ୍ଗଳବାର ଠାରୁ ବିଧିବଦ୍ଧ ଭାବେ ରଥ ନିର୍ମାଣ କାର୍ଯ୍ୟ କରାଯିବ । ଚଳିତ ବର୍ଷ ରଥ ମରାମତି ପାଇଁ ଯାହା ଟଙ୍କା ଲାଗିବ ବିଧାୟକ ପାଣ୍ଠିରୁ ଯୋଗାଇ ଦିଆଯିବ ବୋଲି ବିଧାୟକ ଶ୍ରୀ ବାହିନୀପତି ପ୍ରତିଶୃତି ଦେଇଛନ୍ତି।

# ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଅଚାନକ ନୀଳଗିରି ମେଡିକାଲ ପରିଦର୍ଶନ



ନୀଳଗିରି,୨୧।୪ (ସଂଚାର ବ୍ୟୁରୋ)ଃସ୍ୱାସ୍ଥ୍ୟ ପରିବାର କଲ୍ୟାଣ ଓ ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ ଓ ସ୍ଥାନୀୟ ବିଧାୟକ ସନ୍ତୋଷ ଖଟୁଆ ନୀଳଗିରି ନିର୍ବାଚନ ମଣ୍ଡଳୀରେ ଏକ ସାମାଜିକ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଆଜି ଅପରାହ୍ନ ପ୍ରାୟ୩ଘଟିକା ସମୟରେ ଅଚାନକ ନୀଳଗିରି ଉପଖଣ୍ଡ ଚିକିତ୍ସାଳୟ ପରିଦର୍ଶନ ଆସି ମେଡିକାଲରେ ପହଞ୍ଚି ମେଡିକାଲର କଣ କଣ ସମାସ୍ୟା ଅଛି ପଚାରିବୁଝି ଥିଲେ।

ଠିକି ସେହିପରି ଉପଖଣ୍ଡ ଚିକିତ୍ସାଳୟ ଉଦଳାରେ ଡାକ୍ତରଙ୍କ ସଂଖ୍ୟା ୨୫, ରାଇରଙ୍ଗ ପୁର ଡାକ୍ତର ସଂଖ୍ୟା୩୨, କରଂଜିଆ ଡାକ୍ତର ଖାନାରେ ୨୯ଏବଂ ଗୁଣୁପୁର ଉପଖଣ୍ଡ ଡାକ୍ତର ଖାନାରେ ୫୩ ଡାକ୍ତର ରଥିବାବେଳେ ନୀଳଗିରି ଉପଖଣ୍ଡ ଚିକିତ୍ସାଳୟ ସବୁଠାରୁ କମ ରହିଛନ୍ତି। ସେହିପରି ନିଦାନ ବିଭାଗର ଯକ୍ଷାଂଶ ଠାରୁ ଆରମ୍ଭ କରି ବେଡ଼ ସଂଖ୍ୟା କମ ଥିବାରୁ ରୋଗୀମାନେ ଚଟାଣରେ ପଡି ଚିକିତ୍ସିତ ହେଉଛନ୍ତି। ଡାକ୍ତର ଖାନାରେ ଥିବା ଅନ୍ୟ ସମସ୍ୟା ନେଇ ସିଡିଏମଓ ଡା. ଅମୁଲ୍ୟ କୁମାର ଦାସ ଦୃଷ୍ଟି ଆକର୍ଷଣ କରାଇଥିଲେ। ଉକ୍ତ ସମାସ୍ୟା ପ୍ରତି ବିଶେଷ ଭାବେ ଦୃଷ୍ଟି ଦେବେ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି।

# କଙ୍କଣହାର ପଲ୍ଲୀ ମହୋତ୍ସବ ଅକ୍ଷୟ ତୃତୀୟା ୨୦୨୬ ଉଦ୍‌ଘାଟିତ



ଖୋର୍ଦ୍ଧା,୨୧।୪ (ସଂଚାର ବ୍ୟୁରୋ)ଃ ଖୋର୍ଦ୍ଧା କଙ୍କଣହାର ପଲ୍ଲୀ ମହୋତ୍ସବ ଅକ୍ଷୟ ତୃତୀୟା ୨୦୨୬ ମାନ୍ୟବର ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ଜଗଦେବଙ୍କ ଦ୍ୱାରା ଉଦଘାଟିତ ହୋଇଯାଇଛି। ମହୋତ୍ସବ କମିଟିର ଅଧ୍ୟକ୍ଷ ମାଧବ ଚନ୍ଦ୍ର ରାଉତରାୟଙ୍କ ଅନୁଷ୍ଠିତ ଉତ୍ସବରେ ପ୍ରଶାନ୍ତ କୁମାର ଜଗଦେବ ପ୍ରଦୀପ ପ୍ରଜ୍ୱଳନ କରି ପ୍ରଭୁ ଜଗନ୍ନାଥଙ୍କ ଫୋଟୋ ଚିତ୍ରରେ ପୁଷ୍ପାଧୁପ ଅର୍ପଣ କରି ଅନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ସୌର୍ଯ୍ୟ ରଂଜନ ମହାନ୍ତି, ଉପାଧ୍ୟକ୍ଷ, ପୌରପରିଷଦ ଖୋର୍ଦ୍ଧା, ସମାଜସେବୀ ରମାକାନ୍ତ ମହାପାତ୍ର ଯୋଗ ଦେଇଥିଲେ। ମଞ୍ଚସିନ ସମସ୍ତ ଅତିଥି ମାନଙ୍କୁ ପୁଷ୍ପାଗୁଚ୍ଛା ସହ ଉତ୍ତରୀୟ ଦେଇ ସାନମାନିତ କରାଯାଇଥିଲା।

ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ ତରଫରୁ ପୁରୀର ଗୁରୁକୁଳ ଗୋଟିପୁଅ ନୃତ୍ୟ ଏବଂ ନର୍ତ୍ତକୀ ଡ୍ୟାନ୍ସ ଏକାଡେମୀ ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରଜନୀକାନ୍ତ ରଣବିଜୁଳି, ଶ୍ରୀଧର ବେହେରା, ଶ୍ରୀକାନ୍ତ କୁମାର ସାହୁ, ଭବାନୀ ଶଙ୍କର ରାଉତରାୟ, ଦିବାକର ପ୍ରଧାନ, ସମୀର ବଡ଼ଜେନା ପ୍ରମୁଖ ସହଯୋଗ କରିଥିଲେ।

# ଗୁରୁଭକ୍ତି ସମ୍ମିଳନୀ ପାଳିତ



ଅସ୍ତରଙ୍ଗ/କାକଟପୁର,୨୧।୪ (ସଂଚାର ବ୍ୟୁରୋ)ଃ ପୁରୀ ଜିଲ୍ଲା ନୟାହାଟ ସ୍ଥିତ ନୂଆ ମଠ ଠାରେ ପ୍ରାଚୀ ଗୁରୁ ଧର୍ମ କ୍ଷେତ୍ରରେ ରାଜ୍ୟସ୍ତରୀୟ ୬୦ତମ ବାର୍ଷିକ ଗୁରୁ ଭକ୍ତି ସମ୍ମିଳନୀ ପାଳିତ ହୋଇଯାଇଛି। ପବିତ୍ର ଅକ୍ଷୟ ତୃତୀୟର ପ୍ରତ୍ୟୁଷରୁ ମଙ୍ଗଳ ଆଳତି, ବିଶ୍ୱଶାନ୍ତି ପାର୍ଥନା ପରେ ପରେ ଭକ୍ତ, ଶ୍ରଦ୍ଧାଳୁ ମାନଙ୍କ ଗ୍ରହଣରେ ଶ୍ରୀ ଶ୍ରୀ ଗୁରୁ ଦେବଙ୍କ ଶ୍ରୀବିଗ୍ରହ ଓ ପାଦୁକା ୬୦ଜଣ ମାତୃଭକ୍ତ ମାନଙ୍କ ଦ୍ୱାରା ବନ୍ଦାପନା କରାଯିବା ପରେ ସ୍ୱତନ୍ତ୍ର ପୂଜା ମଣ୍ଡପକୁ ଅଣାଯାଇଥିଲା। ହରିବୋଲ, ହୁଳହୁଳି,ଓଁ କୃଷ୍ଣ ମଧୁସୂଦନ ବାସୁ ଦେବ ଜନାର୍ଦ୍ଦନ ନାମରେ ହଜାର ହଜାର ଭକ୍ତ ଗଣ ଭାବବିହ୍ୱଳ ହୋଇଥିଲେ। ଆଶ୍ରମର ମୁଖ୍ୟ ବାବାଜୀ ଦାମୋଦର ଦାଶଙ୍କ ଅଧ୍ୟକ୍ଷତାରେ ଧର୍ମ ସଭା ହୋଇଥିଲା । ଏଥିରେ ବହୁ ସଂଖ୍ୟାରେ ସାଧୁସନ୍ଥ ଓ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ହଜାର ହଜାର ଭକ୍ତମାନେ ଯୋଗ ଦେଇଥିଲେ ।

# କୋଚିଂ ବ୍ୟବସାୟରେ ମାତିଛନ୍ତି ସରକାରୀ ଶିକ୍ଷକ

### ଗାଁ'ରୁ ସହର ଛତୁ ଫୁଟିଲା ଭଳି କୋଚିଂ ସେଣ୍ଟର

### ସବୁ ଜାଣି ଶିକ୍ଷା ବିଭାଗ ନଜାଣିବାର ଅଭିନୟ କରୁଛି

ବାଲିଆପାଳ,୨୧।୪ (ସଂଚାର ବ୍ୟୁରୋ)ଃ କୋମଳମତି ଛାତ୍ରଛାତ୍ରୀ ମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଗଠନ ପାଇଁ ଗୁଣାତ୍ମକ ଶିକ୍ଷା ପ୍ରଦାନ ଉପରେ ସରକାର ଗୁରୁତ୍ୱ ଦେଉଥିବା ବେଳେ ଛାତ୍ରଛାତ୍ରୀମାନଙ୍କୁ ସରକାରୀ ବିଦ୍ୟାଳୟ ମୁହାଁ କରାଇବା ପାଇଁ ରାଜ୍ୟ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି। ଶିକ୍ଷକ ମାନଙ୍କୁ ମୋଟା ଅଙ୍କର ଦରମା ମଧ୍ୟ ପ୍ରଦାନ କରୁଛନ୍ତି। ସବୁ ଚେଷ୍ଟା ପରେ ମଧ୍ୟ ଘରୋଇ ବିଦ୍ୟାଳୟରେ ପିଲାମାନଙ୍କ ଉପସ୍ଥାପନ ବୃଦ୍ଧି ପାଇବାରେ ଲାଗିଛି। ସରକାରୀ ବିଦ୍ୟାଳୟ ମାନଙ୍କରେ ଥିବା କିଛି ଅସାଧୁ ଶିକ୍ଷକ ନିଜ ନିଜର କୋଚିଂ ବ୍ୟବସାୟକୁ ପ୍ରୋତ୍ସାହିତ କରିବାକୁ ଯାଇ ବିଦ୍ୟାଳୟର ଗୁଣାତ୍ମକ ଶିକ୍ଷାକୁ ଗୁରୁତ୍ୱ ଦେଉନଥିବା ଅଭିଯୋଗ ହୋଇଛି।

ସାରା ରାଜ୍ୟରେ ଏବେ କୋଚିଂ ବ୍ୟବସାୟ ଏକ ପ୍ରମୁଖ ରୋଜଗାରର ମାଧ୍ୟମ ପାଲଟିଛି। ସରକାରୀ ଶିକ୍ଷକମାନେ କୋଚିଂ ସେଣ୍ଟର ନ ଚଳାଇବା ପାଇଁ ସରକାରଙ୍କ କଡ଼ା ନିର୍ଦ୍ଦେଶ ଥିବା ବେଳେ ବାଲିଆପାଳ ବ୍ଲକରେ କିନ୍ତୁ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ପ୍ରତି ଶହେ ମିଟର ଦୂରତାରେ ଛତୁ ଫୁଟିଲା ପରି କୋଚିଂ ସେଣ୍ଟର ସବୁ ଗଢି ଉଠିଛି। ବାଲିଆପାଳ ବ୍ଲକରେ ତିନିଶହରୁ ଊର୍ଦ୍ଧ୍ୱ କୋଚିଂ ସେଣ୍ଟର ଥିବା ବେଳେ ୯୦ପ୍ରତିଶତ କୋଚିଂ ସେଣ୍ଟରରେ ସରକାରୀ ଶିକ୍ଷକମାନେ ନିଜ ନିଜର କୋଚିଂ ବ୍ୟବସାୟ ଚଳାଇଥିବା ଜଣାପଡ଼ିଛି। ଆଉ ସବୁଠାରୁ ଆଶ୍ଚର୍ଯ୍ୟଜନକ କଥା ହେଉଛି ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର ୫ଶହ ମିଟର ଦୂରତାରେ ଏକାଧିକ କୋଚିଂ ସେଣ୍ଟରରେ ସରକାରୀ ଶିକ୍ଷକ ତଥା ପ୍ରଧାନ ଶିକ୍ଷକ ମାନେ ମାତିଥିବା ବେଳେ ଶିକ୍ଷା ବିଭାଗର ନଜରକୁ ନ ଆସିବା ଅନେକ ପ୍ରଶ୍ନ ସୃଷ୍ଟି କରୁଛି।

ଏ ସମ୍ପର୍କରେ ବାଲିଆପାଳ ଗୋଷ୍ଠୀ ଶିକ୍ଷାଧିକାରୀ ଜଗବନ୍ଧୁ ଜେନାଙ୍କୁ ପଚାରିବାରୁ ସେ ଜାଣିନଥିବା କହି ସାମ୍ବାଦିକଙ୍କୁ କୋଚିଂ ସେଣ୍ଟର କେଉଁ କେଉଁ ସ୍ଥାନରେ ଅଛି ପ୍ରମାଣ ଦେବାକୁ କହିଛନ୍ତି। ତେବେ ଏଠାରେ ପ୍ରଶ୍ନ ଉଠୁଛି ଯେ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ଘର ଏହି ବ୍ଲକ ଅଧିନରେ ହୋଇଥିବା ବେଳେ ସେ ଦୀର୍ଘ ଦିନ ଧରି ଏହି ବ୍ଲକରେ ପ୍ରଧାନ ଶିକ୍ଷକ ଭାବରେ କାର୍ଯ୍ୟ କରିଛନ୍ତି ଏବଂ କୋଚିଂ ବ୍ୟବସାୟରେ ମାତିଥିବା ଶିକ୍ଷକ ମାନଙ୍କ ସହିତ ତାଙ୍କର ଉତ୍ତମ ସମ୍ପର୍କ ଥିବା ନେଇ କିଛି ଶିକ୍ଷକ ଅଭିଯୋଗ କରିଛନ୍ତି।

# ମଦ ବେପାରୀ ଗିରଫ



କଳିଙ୍ଗନଗର, ୨୧।୪ (ସଂଚାର ବ୍ୟୁରୋ)ଃ ଟମକା ପୁଲିସ ବେଆଇନ ମଦ କାରବାର କରୁଥିବ ଅଭିଯୋଗରେ ଟମକା ଥାନା ଅନ୍ତର୍ଗତ ଜେମାଦେଇପୁର ଶାସନ ଗ୍ରାମର ରବୀନ୍ଦ୍ର ପାତ୍ରଙ୍କୁ ଗିରଫ । ରବିବାର ସନ୍ଧ୍ୟା ସମୟରେ ଏଏସଆଇ ଅମିତା ପଣ୍ଡା ଟିମ୍ ସହ ପାଟ୍ରୋଲିଂ କରୁଥିଲା ବେଳେ ଗୋବର୍ଦ୍ଧନପୁର ଖେଳ ପଡ଼ିଆ ନିକଟରେ ରବୀନ୍ଦ୍ର ପାତ୍ର ବିକ୍ରି କରୁଥିବା ନେଇ ଖବର ପାଇଥିଲେ। ସେଠାରେ ଅତର୍କିତ ଚଢ଼ାଉ କରି ୨୪ଟି ବିଅର ବୋତଲ (ପ୍ରାୟ ୧୫ ଲିଟର ୬୦୦ ମିଲିଲିଟର) ଜବତ କରିଥିଲେ। କେସ ନଂ-୫୩/୨୬ ମାମଲା ରୁଜ୍ଜୁ କରି ଆଜି କୋର୍ଟ ଚାଲାଣ କରାଯାଇଛି।

## AFFIDAVIT

By virtue of an affidavit sworn before Executive Magistrate, Mahakalapara, dated 26.03.2026.

I, Debendra Sethi of Vill-Sahabajpur, Po-Bijayanagar, Ps-Mahakalapara, Dist-Kendrapara, Odisha, Pin-754224, declare that I have changed the name of my daughter from Miku Sethi (old name) to Mamuni Sethy (new name). Henceforth she shall be known as Mamuni Sethy (new name) for all purposes.

MAMUNI SETHY



## ମହାପ୍ରଭୁଙ୍କ ରତ୍ନଭଣ୍ଡାର ସମ୍ପୂର୍ଣ୍ଣ ସୁରକ୍ଷିତ

# ଭିତର ଭଣ୍ଡାରରେ ରହିଛି ୫୯୮ ପ୍ରକାର ଅଳଙ୍କାର

**ପୁରୀ,୨୧।୪(ସଂଚାର ବ୍ୟୁରୋ):** ମହାପ୍ରଭୁଙ୍କ ରତ୍ନଭଣ୍ଡାର ସମ୍ପୂର୍ଣ୍ଣ ସୁରକ୍ଷିତ ରହିଛି। ସମ୍ପ୍ରତି ଶ୍ରୀମନ୍ଦିର ରତ୍ନଭଣ୍ଡାର ଗଣତିମଣତି ଜାରି ରହିଛି। ଗତ ୨୫ ତାରିଖରେ ଚଳନ୍ତି ଭଣ୍ଡାର ଓ ବାହାର ରତ୍ନଭଣ୍ଡାର ଗଣତି କରାଯାଇଥିଲା। ଏଥିରେ ଭିତର ରତ୍ନଭଣ୍ଡାରରେ ପ୍ରାୟ ୫୯୮ ପ୍ରକାରର ଅଳଙ୍କାର ରହିଥିବା ଜଣାପଡ଼ିଥିଲା। ୧୯୭୮ ମସିହାରେ ପ୍ରସ୍ତୁତ ହୋଇଥିବା ରତ୍ନ ଅଳଙ୍କାର ସହ ସଦ୍ୟ ଗଣାହୋଇଥିବା ଅଳଙ୍କାରଗୁଡ଼ିକର ମେଳକ ହୋଇଛି। ଭିତର ଭଣ୍ଡାରରେ ଏପର୍ଯ୍ୟନ୍ତ ସମସ୍ତ ମେଳକ ଶତପ୍ରତିଶତ ସ୍ୱଚ୍ଛ ଓ ନିରବଚ୍ଛିନ୍ନ ହୋଇଥିବା ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ କହିଛନ୍ତି। ଶେଷ ଥର ପାଇଁ ଗତ ୧୯୭୮ରେ ରତ୍ନଭଣ୍ଡାରର ଗଣତିମଣତି ହୋଇଥିଲା। ଅଦ୍ୟାବଧି ଗଣତିମଣତିରେ ତାହାର ମେଳ କରାଯାଉଛି ଓ ଏଥିରେ କିଛି ବି ବ୍ୟତିକ୍ରମ ଦେଖାଦେଇନାହିଁ ବୋଲି ଡ. ପାଢ଼ୀ କହିଛନ୍ତି।

ପୂର୍ବ ତାଲିକା ଅନୁଯାୟୀ ମହାପ୍ରଭୁଙ୍କ ସ୍ୱର୍ଣ୍ଣ ରୌପ୍ୟ ଅଳଙ୍କାର ଓ ରତ୍ନ ସବୁ ମେଳ ଖାଉଛି। ପ୍ରଥମେ ଚଳନ୍ତି ଭଣ୍ଡାର ଓ ପରେ ବାହାର ରତ୍ନଭଣ୍ଡାରର ଅଳଙ୍କାର ଗଣତିମଣତି ସଫଳତାର ସହ ଶେଷ ହୋଇଛି। ଏବେ ଭିତର ରତ୍ନଭଣ୍ଡାରର ଗଣତି ପ୍ରକ୍ରିୟା ମଧ୍ୟ ସୁଚାରୁ ରୂପେ ଜାରି ରହିଛି। ସମଗ୍ର ପ୍ରକ୍ରିୟା ସହ ଅଳଙ୍କାରଗୁଡ଼ିକର ଫଟୋଗ୍ରାଫି, ଭିଡିଓଗ୍ରାଫି ଓ ଥ୍ରିଡି ମ୍ୟାପିଙ୍ଗ ବି କରାଯାଉଛି। ଗତ ୧୩ରୁ ଆରମ୍ଭ ହୋଇଥିବା ଭିତର ରତ୍ନଭଣ୍ଡାର ଗଣତିମଣତିରେ କେବଳ ଅଳଙ୍କାରର ଗଣତି କରାଯାଉଛି। ତେବେ ରତ୍ନଭଣ୍ଡାରର ଗଣତିମଣତିକୁ ଚନ୍ଦନ ଯାତ୍ରା ପାଇଁ ବନ୍ଦ ରଖାଯାଇଛି। ଯାତ୍ରା ସରିବା ପରେ ପୁଣି ଥରେ ଭିତର ରତ୍ନଭଣ୍ଡାରର ବଳକା ଅଳଙ୍କାର ଗଣତି ଆସନ୍ତା ମାସରେ କରାଯିବ ବୋଲି ମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଛି।

# ସରକାରୀ ଜମିକୁ ପ୍ଲଟିଂ କରି ଠକିଥିଲେ ମାଫିଆ

● ଭୂଦାନ ଜମି କହି ଲୋକଙ୍କ ସହ କରିଥିଲେ ଚୁକ୍ତି ● ଫର୍ଦ୍ଦାଫାସ ପରେ କ୍ଷତିଗ୍ରସ୍ତଙ୍କୁ ଦେଉଛନ୍ତି ହତ୍ୟା ଧମକ



**ଭୁବନେଶ୍ୱର,୨୧।୪(ସଂଚାର ବ୍ୟୁରୋ):** ଭୁବନେଶ୍ୱର ଉପକଣ୍ଠ ଶ୍ୟାମପୁର ମୌଜାରେ ଶହେ ଏକର ଜବରଦଖଲ ଜମି ଉପରେ ଗଢ଼ିଉଠିଥିବା ସମସ୍ତ ବେଆଇନ ନିର୍ମାଣକୁ ଆଜି ମାଟିରେ ମିଶାଇସାରିଛି ବିଡିଏ। ଜବରଦଖଲ ଉଚ୍ଛେଦ ପରେ ସବୁ ଜମିକୁ ସୀମା ନିର୍ଦ୍ଧାରଣ ସହ ଆଜି ଲଗାଇଛି ସରକାରୀ ଫଳକ। ବିଡିଏର ଏନଫୋର୍ସମେଣ୍ଟ ସ୍କ୍ୱାଡ୍ ପଇଁତରା ମାରିବା ସହ ଅନୁପ୍ରବେଶକାରୀଙ୍କୁ ସତର୍କ କରାଇଛି, ଆଉ ଯେମିତି କେହି ଭୁଲ୍ ନ କରନ୍ତୁ। ଏହାରି ଭିତରେ ବିଡିଏ ନଜର ପଡ଼ିଛି କୋର୍ଟଙ୍କ ରହିତାଦେଶ ବଳରେ ଏକର ଏକର ଜମି ମାଡ଼ି ବସିଥିବା ଲୋକଙ୍କ ବେଆଇନ ନିର୍ମାଣ ଉପରେ। ତେଣୁ ବେଆଇନ ନିର୍ମାଣର ମାପଚୁପ ସହ ବିଡିଏ କୋର୍ଟରେ ଏହା ବିରୋଧରେ ମାମଲା ରୁଜୁ ପାଇଁ ପ୍ରସ୍ତୁତ ହେଉଥିବା କହିଛନ୍ତି ବିଡିଏ ଅଧିକାରୀ। ବର୍ଷ ବର୍ଷ ଧରି ବେଆଇନ ଭାବେ ଗଢ଼ିଉଠିଥିବା ଜନବସତି ଉପରେ ଗତ ୪ ଦିନ ଧରି ବୁଲଡୋଜର ଲଗାଇ ସବୁକିଛିକୁ ଧୂଳିସାତ ପରେ ଏବେ ସାମ୍ନାକୁ ଆସିଛି ଦଲାଲଗିରିର ନମୂନା। ଭୂଦାନ ଜମି କହି ଖଟିଖିଆ ମଣିଷମାନଙ୍କୁ କେମିତି ଭଣ୍ଡେଇଥିଲେ ମାଫିଆ, ସାମ୍ନାକୁ ଆସିଛି ଏ ସଂକ୍ରାନ୍ତ ମାଳମାଳ ଚୁକ୍ତିପତ୍ର। ଶ୍ୟାମପୁର ମୌଜାର ଚକ୍ରଧର ନାୟକ ଓ ଗଦାଧର ନାୟକଙ୍କ ସହ ମାଲିୟା ମହାରଣା, ସ୍ୱର୍ଣ୍ଣଲତା ମହାରଣା, ରୀତା ବିଶ୍ୱାଳ, ସରସ୍ୱତୀ ବାରିକ, ନିନି ମହାରଣା, ଭାନୁ ମହାରଣା ଓ ଇତିଶ୍ରୀ ଦାସଙ୍କ ମଧ୍ୟରେ ହୋଇଛି ଚୁକ୍ତି। ସ୍ଥିତିବାନ ଜମି କିଣାବିକା ପରି ଅବିକଳ କୋର୍ଟ ପେପରରେ ଲେଖାପଢ଼ା ହୋଇଛି। କିନ୍ତୁ ତଞ୍ଚକତା କରି ଜମି ମାଲିକ ବୋଲାଉଥିବା ଚକ୍ରଧର ଓ ଗଦାଧର ଜମିକୁ ଦାନ ଦେଇଥିବା ଉଲ୍ଲେଖ କରିଛନ୍ତି। ଅସଲରେ କିନ୍ତୁ ଏହି ଜମି ବାବଦକୁ ସେମାନେ ନେଇଛନ୍ତି ଲକ୍ଷାଧିକ ଟଙ୍କା। ଏଭଳି ଭାବେ ଭୂଦାନ ଜମିକୁ ପ୍ଲଟିଂ କରି ୩୦ରୁ ଅଧିକ ଦଲାଲ ନିରିହ ଲୋକଙ୍କୁ ଠକିଛନ୍ତି। ଆଉ ଏବେ ସରକାର ଆକ୍ସନକୁ ଆସିବା ପରେ ଗାଏବ ହୋଇଯାଇଥିବା ଦଲାଲମାନେ ଲୋକଙ୍କୁ ହତ୍ୟା ଧମକ ଦେଉଥିବା ଅଭିଯୋଗ ହୋଇଛି। ଶ୍ୟାମପୁର ମୌଜାରେ ଉଚ୍ଛେଦ ପରେ ଅନେକ ପରିବାର ଏବେ ବେସାହାରା। କିଏ ଗଛ ଛାଇ ତଳେ ତ ଆଉ କିଏ ଅଟୋ ଭିତରେ ପରିବାର ସହ ଜୀବନ ବିତାଇବାକୁ ବାଧ୍ୟ ହେଉଛନ୍ତି। ଏସବୁ ଭିତରେ ଭୂଦାନ ସମିତିଠାରୁ ଦାନ ଆକାରରେ ଜମି ପାଇ ପରବର୍ତ୍ତୀ ସମୟରେ କୋର୍ଟରେ କେସ୍ ଲଢୁଥିବା ୧୯ ଜଣଙ୍କୁ ଭେଟିଛନ୍ତି ନବଗଠିତ ରାଜନୈତିକ ଦଳ ଓଡ଼ିଶା ଜନତା କଂଗ୍ରେସର ସଦସ୍ୟ। ଏଥିସହ ଆଇନଗତ ଲଢ଼େଇ ପାଇଁ ମଧ୍ୟ ସେ ପରାମର୍ଶ ଦେଇଛନ୍ତି।

## 'ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା' ଉତ୍ସବରେ କେନ୍ଦ୍ରମନ୍ତ୍ରୀଙ୍କ ବାର୍ତ୍ତା

# ମହିଳା ସଶକ୍ତିକରଣ ଡବଲ ଇଞ୍ଜିନ୍ ସରକାରଙ୍କ ପ୍ରାଥମିକତା



ସମ୍ବଲପୁର ଜିଲ୍ଲାର ୨୨ ନବଦମ୍ପତିଙ୍କୁ ଶୁଭେଚ୍ଛା ଜଣାଇଲେ

**ସମ୍ବଲପୁର,୨୧।୪(ସଂଚାର ବ୍ୟୁରୋ):** ସମ୍ବଲପୁର ଧନୁପାଲିସ୍ଥିତ ଆଦିତ୍ୟ କଲ୍ୟାଣ ମଣ୍ଡପଠାରେ ଆଜି 'ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା' ଅନ୍ତର୍ଗତ ଏକ ମାନବିକ ତଥା ପବିତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଅବସରରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ ଏକ ଭିଡିଓ ବାର୍ତ୍ତା ମାଧ୍ୟମରେ ନବଦମ୍ପତିଙ୍କୁ ଶୁଭେଚ୍ଛା ଜଣାଇବା ସହ ଯୋଜନାକୁ ସରକାରଙ୍କ ସମ୍ବେଦନଶୀଳତାର ପରିଚୟ ବୋଲି ଅଭିହିତ କରିଛନ୍ତି। ସମ୍ବଲପୁର ଜିଲ୍ଲାର ବିଭିନ୍ନ ବ୍ଲକ ଓ ମ୍ୟୁନିସିପାଲିଟି ଅଞ୍ଚଳର ୨୨ ନବଦମ୍ପତି ଆଜି ବିବାହ ବନ୍ଧନରେ ବାନ୍ଧି ହୋଇ ଏକ ନୂତନ ଜୀବନ ଆରମ୍ଭ କରିଛନ୍ତି। କେନ୍ଦ୍ର ମନ୍ତ୍ରୀ ଶ୍ରୀ ପ୍ରଧାନ ନିଜ ବାର୍ତ୍ତାରେ କହିଛନ୍ତି ଯେ ଏହା କେବଳ ଏକ ସରକାରୀ କାର୍ଯ୍ୟକ୍ରମ ନୁହେଁ, ବରଂ ଏହା ଆତ୍ମୀୟତା, ଭାବନା ଓ ଦାୟିତ୍ୱବୋଧର ଅନନ୍ୟ ନିଦର୍ଶନ। ଏହା ଏକ ସେବାକାରୀ ଶାସନ ବ୍ୟବସ୍ଥାର ପ୍ରମାଣ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଦେଶରେ ନାରୀ ସଶକ୍ତିକରଣ ପାଇଁ ଅନେକ ଯୋଜନା ପ୍ରଣୟନ କରାଯାଉଛି। ରାଜ୍ୟରେ 'ସୁଭଦ୍ରା' ଯୋଜନାରୁ ଆରମ୍ଭ କରି 'କନ୍ୟା ବିବାହ ଯୋଜନା' ପର୍ଯ୍ୟନ୍ତ ସମସ୍ତ ପଦକ୍ଷେପ ମହିଳାମାନଙ୍କୁ ସମାଜରେ ସ୍ୱାଭିମାନର ସହ ଆଗକୁ ବଢ଼ିବାରେ ସହାୟକ ହେବ। କେନ୍ଦ୍ର ମନ୍ତ୍ରୀ ଶ୍ରୀ ପ୍ରଧାନ ସମସ୍ତ ପରିବାରବର୍ଗଙ୍କୁ ଅଭିନନ୍ଦନ ଜଣାଇବା ସହ କାର୍ଯ୍ୟକ୍ରମର ସଫଳତା କାମନା କରିଛନ୍ତି। କାର୍ଯ୍ୟକ୍ରମରେ ପଞ୍ଚାୟତିରାଜ, ପାନୀୟ ଜଳ ଓ ଗ୍ରାମୀଣ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାୟକ ଓ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ଉପସ୍ଥିତ ରହି ନବଦମ୍ପତିଙ୍କୁ ଆଶୀର୍ବାଦ ଦେଇଥିଲେ।

# ଟ୍ରେନ୍‌ରୁ ଖସି ଦାଦନ ଶ୍ରମିକଙ୍କ ମୃତ୍ୟୁ



ସହାୟତା ଯୋଗାଇଦେବାକୁ ଦାବି

**ଦାରିଙ୍ଗବାଡ଼ି,୨୧।୪(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡ଼ି ଅଞ୍ଚଳରେ ପୁଣି ଜଣେ ଦାଦନ ଶ୍ରମିକଙ୍କ ଜୀବନ ଯାଇଛି। ଯୁବକ ଜଣଙ୍କ ହେଲେ କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡ଼ି ବ୍ଲକ ଅନ୍ତର୍ଗତ ଗୁମିକିୟା ପଞ୍ଚାୟତର ଅଲିମାହା ଗ୍ରାମର ସୁପାରିକିଆ ସାହି ନିବାସୀ ଜମେଶ୍ୱର ପ୍ରଧାନଙ୍କ ପୁଅ ସୋମ (୧୮) ବୋଲି ଜଣାପଡ଼ିଛି। ସେ ଗରିବ ଶ୍ରେଣୀର ହୋଇଥିବାରୁ ଗତ ଫେବ୍ରୁଆରୀରେ ରୋଜଗାର ପାଇଁ ତାଙ୍କ ସାଙ୍ଗସାଥୀମାନଙ୍କ ସହ କେରଳକୁ କାମ କରିବାକୁ ଯାଇଥିଲେ। କେରଳର ଆଲୁବା ସହରରେ ଏକ ଘରୋଇ କମ୍ପାନୀରେ ସେ ଲୋଡିଂ ଅନ୍‌ଲୋଡିଂ କାମ କରୁଥିଲେ। ତେବେ ଉକ୍ତ କମ୍ପାନୀରେ କାମ ଅଧିକ ଭିଡ଼ ଥିବାରୁ ଗତ ସୋମବାର ତାଙ୍କ ବନ୍ଧୁ ଫିଲିପ ପ୍ରଧାନଙ୍କ ସହ କୋଇକଡ଼ ଜିଲ୍ଲା ୱାଡ଼ାକାରାସ୍ଥିତ ୱାଡାୟମ ବ୍ଲୁ ମେଟାଲ୍ସ କମ୍ପାନୀକୁ ଯାଉଥିଲେ। ଫିଲିପ ପ୍ରଧାନଙ୍କ ସୂଚନାନୁଯାୟୀ, ଆଲୁବାରୁ ୱାଡାକାରାକୁ ସିଧା ଯିବା ସକାଶେ ଟ୍ରେନ ନ ମିଳିବାରୁ ସେମାନେ ତ୍ରିଶୁର ଷ୍ଟେସନରୁ ୱାଡାକାରାକୁ ଯିବା ସକାଶେ ଟ୍ରେନ୍‌ରେ ଚଢ଼ିଥିଲେ। ତେବେ ଟ୍ରେନ୍‌ର ପାହାଚ ନିକଟରେ ଛିଡ଼ା ହୋଇଥିବା ବେଳେ ଅସାବଧାନତାବଶତଃ ସର୍ଣ୍ଣୁର୍ ରେଳ ଷ୍ଟେସନ ନିକଟରେ ସୋମଙ୍କ ଗୋଡ଼ ଖସିଯାଇଥିଲା। ଫଳରେ ସେ ଟ୍ରେନ୍‌ରେ କଟିଯାଇଥିଲେ। ଖବର ପାଇ ତ୍ରିଶୁର୍ ରେଳବାଇ ପୁଲିସ ମୃତଦେହ ଜବତ କରି ଅଧିକ ତଦନ୍ତ କରିବା ପରେ ମୃତଦେହକୁ ପରିବାରକୁ ହସ୍ତାନ୍ତର କରିଛି। ତେବେ ସୋମଙ୍କ ମୃତଦେହକୁ ଓଡ଼ିଶା ଆଣିବା ସକାଶେ ସେଠାକାର ପ୍ରଶାସନ କୌଣସି ପ୍ରକାର ସହଯୋଗ ଦେଇନାହିଁ। ତେଣୁ ଫିଲିପ୍ ନିଜ ଖର୍ଚ୍ଚରେ ସୋମଙ୍କ ମୃତଦେହକୁ ଦାରିଙ୍ଗବାଡ଼ି ବ୍ଲକ୍‌ସ୍ଥିତ ଅଲିମାହା ଗ୍ରାମକୁ ଆଣୁଥିବା ଜଣାପଡ଼ିଛି। ଏକମାତ୍ର ରୋଜଗାରିଆ ପୁଅକୁ ହରାଇ ପରିବାର ଦୁଃଖରେ ଭାଙ୍ଗିପଡ଼ିଛି। ତେଣୁ ପରିବାରକୁ ସହାୟତା ଯୋଗାଇଦେବାକୁ ଦାବି ହେଉଛି।

## ମହିଳାଙ୍କୁ ଯୌନ ନିର୍ଯାତନା ଅଭିଯୋଗ ମାମଲା

# ପୁଲିସ୍ ମୁଖ୍ୟାଳୟକୁ ଏସ୍‌ଡିପିଓଙ୍କ ବଦଳି

**ନୟାଗଡ଼,୨୧।୪(ସଂଚାର ମିଶ୍ର):** ଜନୈକା ବିବାହିତା ମହିଳାଙ୍କୁ ଯୌନ ନିର୍ଯାତନା ଦେବା ଅଭିଯୋଗ ହେବା ପରେ ନୟାଗଡ଼ ଜିଲା ଖଣ୍ଡପଡ଼ା ସବ୍‌ଡିଭିଜନାଲ ପୁଲିସ ଅଫିସର (ଏସ୍‌ଡିପିଓ) ମଦନ ମୋହନ ପ୍ରଧାନଙ୍କ ବିରୋଧରେ ଆଜି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଶ୍ରୀ ପ୍ରଧାନଙ୍କୁ ପୁଲିସ୍ ମୁଖ୍ୟାଳୟକୁ ବଦଳି କରାଯାଇଥିବା ବେଳେ ନୂଆ ଏସ୍‌ଡିପିଓ ନ ଆସିବା ପର୍ଯ୍ୟନ୍ତ ପୁଲିସ ମୁଖ୍ୟାଳୟର ଡିଏସ୍‌ପି ସୁଦୀପ୍ତ କୁମାର ସାହୁ ଏସ୍‌ଡିପିଓ ଭାବେ କାମ କରିବେ ବୋଲି ନିର୍ଦ୍ଦେଶନାମା ଜାରି ହୋଇଛି।

ସୂଚନାନୁସାରେ, ଖଣ୍ଡପଡ଼ା ଏସ୍‌ଡିପିଓଙ୍କ ନାଁରେ ଯୌନ ନିର୍ଯାତନା ଓ ଧମକଚମକ ଦେବା ନେଇ ଅଭିଯୋଗ ଆସିଥିଲା। ଏନେଇ ଜଣେ ମହିଳା ଭୁବନେଶ୍ୱର ଡିଜିପିଙ୍କ କ୍ୟାମ୍ପ ଅଫିସ୍‌ରେ ଅଭିଯୋଗ କରିଥିଲେ। ଏସ୍‌ଡିପିଓ ତାଙ୍କୁ ଅଶ୍ଳୀଳ ଇଙ୍ଗିତ କରୁଥିବାର ଏକ ଅଡିଓ କ୍ଲିପ୍ ମଧ୍ୟ ମହିଳା ଜଣଙ୍କ ଦାଖଲ କରିଥିଲେ। ଉକ୍ତ ଅଡିଓରେ ଏସ୍‌ଡିପିଓ ଅଟୋରେ ଆସି ରାତିରେ ରହିବାକୁ କହୁଥିବା ଓ ଶାରୀରିକ ସମ୍ପର୍କ ରଖିଲେ କିଛି ଅସୁବିଧା ହେବ କି ବୋଲି ପ୍ରଶ୍ନ କରୁଥିବା ଶୁଣିବାକୁ ମିଳିଥିଲା। ଡିଜିପି ୱାଇବି ଖୁରାନିଆ ଏହି ଅଭିଯୋଗକୁ ଗ୍ରହଣ କରିବା ସହ ଘଟଣାର ତଦନ୍ତ କରିବା ସକାଶେ ଏସ୍‌ପିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରେ ପରେ ଏସ୍‌ପିଙ୍କ ନିର୍ଦ୍ଦେଶ କ୍ରମେ ଅତିରିକ୍ତ ଏସ୍‌ପି ସୁବାସ ଚନ୍ଦ୍ର ପଣ୍ଡା ତଦନ୍ତ କରିଥିଲେ। ଅନ୍ୟପକ୍ଷରେ ଫତେଗଡ଼ ଥାନାରେ ଏନେଇ ୧୨୦/୨୬ରେ ଏକ ମାମଲା ଗତକାଲି ରୁଜୁ ହୋଇଥିଲା।

ସୂଚନାଯୋଗ୍ୟ ଯେ ସମ୍ପୃକ୍ତ ଏସ୍‌ଡିପିଓ ଅଭିଯୋଗକାରିଣୀ ମହିଳାଙ୍କୁ ରାତି ୧୨ଟାରେ ଫୋନ୍ ଓ ମେସେଜ କରି କଥା ହେବାକୁ ବାଧ୍ୟ କରୁଥିଲେ। ଅଶ୍ଳୀଳ ଫଟୋ ମାଗିବା ସହ ଶାରୀରିକ ସମ୍ପର୍କ ରଖିବାକୁ ତାଙ୍କ ଉପରେ ଚାପ ପକାଇଥିଲେ। ଏପରିକି କଥା ନ ହେଲେ କି ଶାରୀରିକ ସମ୍ପର୍କ ନ ରଖିଲେ ମିଛ ମାମଲାରେ ଫସାଇ ସ୍ୱାମୀଙ୍କୁ ଗିରଫ କରିବାକୁ ସେ ଧମକ ଦେଇଥିଲେ। ତେବେ ସମ୍ପୃକ୍ତ ମହିଳା ଏହାକୁ ବାରମ୍ବାର ବିରୋଧ କରିବା ସହ ଏଡ଼ାଇ ଯିବାକୁ ଚେଷ୍ଟା କରୁଥିଲେ ବି ଏସ୍‌ଡିପିଓ ତାଙ୍କ ପିଛା ଛାଡୁ ନ ଥିଲେ। ଏସ୍‌ଡିପିଓଙ୍କ ନିର୍ଯାତନା ଅସହ୍ୟ ହେବାରୁ ଶେଷରେ ମହିଳା ଜଣଙ୍କ ସ୍ୱାମୀଙ୍କୁ ସବୁକଥା କହିଥିଲେ। ପରେ ବାହାରେ

# ଶ୍ୱଶୂରଘର ଗାଁରୁ ମିଳିଲା ଜ୍ୱାଇଁଙ୍କ ମୃତଦେହ



## ହତ୍ୟା ନା ଆତ୍ମହତ୍ୟା ନେଇ ସନ୍ଦେହ

**ଉଦଳା,୨୧।୪(ସଂଚାର ବ୍ୟୁରୋ):** ନିଜ ଶ୍ୱଶୂର ଘର ଗାଁରେ ଜନୈକ ଜ୍ୱାଇଁ ଆତ୍ମହତ୍ୟା କରିଛନ୍ତି। ଉକ୍ତ ଜ୍ୱାଇଁ ଜଣଙ୍କ ରାଜସ୍ଥାନୀ ହୋଇଥିଲେ ମଧ୍ୟ ବାହା ହୋଇଥିଲେ ମୟୂରଭଞ୍ଜ ଜିଲ୍ଲା ଉଦଳା ଅଞ୍ଚଳର ଜନୈକା ମହିଳାଙ୍କୁ ବିବାହ କରିଥିଲେ। ବାହାଘର ପରେ ସେ ଉଦଳା ଥାନା ଅନ୍ତର୍ଗତ କୋଚିଳାଡିହା କଇଁଫୁଲିଆ ଗ୍ରାମରେ ତାଙ୍କ ସ୍ତ୍ରୀଙ୍କ ସହ ରହିଆସୁଥିଲେ। ତେବେ ଆଜି ସକାଳେ ଉକ୍ତ ଯୁବକଙ୍କ ମୃତଦେହ ଏକ ଗଛରୁ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରାଯାଇଛି। ସକାଳେ ଗ୍ରାମବାସୀ ବିଲ ଭିତରେ ଥିବା ଏକ ଗଛରେ ଉକ୍ତ ରାଜସ୍ଥାନୀ ଯୁବକ ରଘୁବୀର ଗୁଜରଙ୍କ ମୃତଦେହ ଝୁଲୁଥିବା ଦେଖିବାକୁ ପାଇଥିଲେ। ସେମାନଙ୍କଠାରୁ ଖବର ପାଇ ଉଦଳା ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି। ମୃତକ ରଘୁବୀର ତାଙ୍କ ସ୍ତ୍ରୀ ପାନ ହାଁସଦାଙ୍କ ସହ କଇଁଫୁଲିଆ ଗ୍ରାମରେ ଦୀର୍ଘ ୫ ବର୍ଷରୁ ଅଧିକ ସମୟ ହେବ ରହିଆସୁଥିଲେ। ତେବେ ତାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହେବା ପରେ ଏହା ହତ୍ୟା ନା ଆତ୍ମହତ୍ୟା, ସେନେଇ କିଛି ବି ସ୍ପଷ୍ଟ ହୋଇପାରିନାହିଁ। ପୁଲିସ୍ ଏହା ଜାଣିବା ସକାଶେ ତଦନ୍ତ ଚଳାଇଛି। କିନ୍ତୁ ପାରିପାର୍ଶିକ ପରିସ୍ଥିତିରୁ ଘଟଣାକୁ ନେଇ ସନ୍ଦେହ ସୃଷ୍ଟି ହୋଇଥିବା ବେଳେ ପୁଲିସ ମୃତ ଯୁବକଙ୍କ ପରିବାର ଲୋକଙ୍କୁ ପଚରାଉଚରା କରୁଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସବୁକିଛି ସ୍ପଷ୍ଟ ହେବ ବୋଲି ପୁଲିସ୍ ପକ୍ଷରୁ କୁହାଯାଇଛି।

# ଦିଲ୍ଲୀରୁ ଫେରିଲେ ନବୀନ



**ଭୁବନେଶ୍ୱର,୨୧।୧(ସଂଚାର ବ୍ୟୁରୋ):** ଦୀର୍ଘ ୧୦ ଦିନ ଦିଲ୍ଲୀ ରହଣି ପରେ ଆଜି ଓଡ଼ିଶା ଫେରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ବଡ଼ ଭାଇ ପ୍ରେମ ପଟ୍ଟନାୟକଙ୍କ ଅସୁସ୍ଥତା ଯୋଗୁଁ ଗତ ୧୦ ତାରିଖରେ ନବୀନ ଦିଲ୍ଲୀ ଯାଇଥିଲେ। ବଡ଼ ଭାଇଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିବା ସହ ଲମ୍ବା ବ୍ୟବଧାନ ପରେ ନବୀନ ପରିବାର ସହ ସମୟ ବିତାଇଥିଲେ। ଦିଲ୍ଲୀରେ ଏହି ରହଣୀ ଭିତରେ ସଂସଦର ସ୍ୱତନ୍ତ୍ର ଅଧିବେଶନକୁ ନେଇ ରାଜନୀତି ଜମିଥିଲା। ସୀମା ନିର୍ଦ୍ଧାରଣ ସମ୍ପର୍କିତ ବିଲ୍‌ରେ ଓଡ଼ିଶା କ୍ଷତିଗ୍ରସ୍ତ ହେବ ବୋଲି ନବୀନ ବାରମ୍ବାର କହିଥିଲେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ରାଜ୍ୟର ସମସ୍ତ ସାଂସଦଙ୍କୁ ଚିଠି ଲେଖି ଓଡ଼ିଶା ପାଇଁ ସ୍ୱର ଉଠାଇବାକୁ ନବୀନ ନିବେଦନ କରିଥିଲେ। ନବୀନଙ୍କ ନିର୍ଦ୍ଦେଶ କ୍ରମେ ବିଜେଡି ସାଂସଦମାନେ ଏହି ବିଲ୍ ବିରୋଧରେ କଡ଼ା ଆଭିମୁଖ୍ୟ ପ୍ରଦର୍ଶନ କରିଥିଲେ। ଆଜି ନବୀନ ଦିଲ୍ଲୀରୁ ଆସି ଏଠାକାର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚିବା ପରେ ଦଳୀୟ ନେତା ଓ କର୍ମକର୍ତ୍ତାମାନେ ତାଙ୍କୁ ସ୍ୱାଗତ କରିଛନ୍ତି।

# ୩ ଜିଲ୍ଲାରେ ବଢ଼ିଲା ସ୍କୁଲ ଛୁଟି ଅବଧି

## ପ୍ରଚଣ୍ଡ ଗରମ ଯୋଗୁଁ ନିଷ୍ପତ୍ତି

**ଭୁବନେଶ୍ୱର,୨୧।୪(ସଂଚାର ବ୍ୟୁରୋ):** ସମ୍ପ୍ରତି ରାଜ୍ୟରେ ଭୀଷଣ ଗ୍ରୀଷ୍ମ ପ୍ରବାହ ଅନୁଭୂତ ହେଉଥିବା ବେଳେ ଏହାକୁ ଦୃଷ୍ଟିରେ ରଖି ଅଦ୍ୟାବଧି ୧୫ ଜିଲ୍ଲାରେ ସ୍କୁଲ୍, କଲେଜ, ଅଙ୍ଗନବାଡ଼ି ଆଦିକୁ ଛୁଟି ଘୋଷଣା କରାଯାଇଛି। ତେବେ ପଶ୍ଚିମ ଓଡ଼ିଶାରେ ଏବେ ବି ଭୀଷଣ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବାରୁ ଏଠାକାର ୩ ଜିଲ୍ଲାର ଜିଲ୍ଲାପାଳ ସ୍କୁଲ୍ ଛୁଟି ଅବଧିକୁ ଆହୁରି ୪ ଦିନ ବଢ଼ାଇ ଦେଇଛନ୍ତି। ଫଳତଃ ବଲାଙ୍ଗୀର, ମାଲକାନଗିରି ଓ ଗଜପତି ଜିଲ୍ଲାରେ ସ୍କୁଲ, କଲେଜ ଓ ଅଙ୍ଗନବାଡ଼ି କେନ୍ଦ୍ର ଆଦି ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ ଛୁଟି ରହିବ। ଅନ୍ୟପକ୍ଷରେ ୪୦ ଡିଗ୍ରୀ ଉପରେ ୧୪ ସହରର ତାପମାତ୍ରା ରହିଥିବା ରେକର୍ଡ କରାଯାଇଛି। ପଶ୍ଚିମ ଓ ଆଭ୍ୟନ୍ତରୀଣ ଓଡ଼ିଶାରେ ଅସହ୍ୟ ତାତି ଅନୁଭୂତ ହେଉଛି। ତେଣୁ ଏହାକୁ ଦୃଷ୍ଟିରେ ରଖି ମାଲକାନଗିରି ଜିଲ୍ଲାରେ ଆଜିଠାରୁ ୨୫ ତାରିଖ ସମସ୍ତ ସ୍କୁଲ, କଲେଜ ଓ ଅଙ୍ଗନବାଡ଼ି କେନ୍ଦ୍ର ବନ୍ଦ ରହିବ ବୋଲି ସେଠାକାର ଜିଲ୍ଲାପାଳ ଘୋଷଣା କରିଛନ୍ତି। ସେହିପରି ଗଜପତି ଜିଲ୍ଲାରେ ମଧ୍ୟ ୨୪ ତାରିଖ ପର୍ଯ୍ୟନ୍ତ ସ୍କୁଲ ଛୁଟି ଘୋଷଣା କରିଛନ୍ତି ଜିଲ୍ଲାପାଳ। ଆସନ୍ତା ଦୁଇରୁ ତିନି ଦିନରେ ସମ୍ପୃକ୍ତ ଜିଲ୍ଲାରେ ତାପମାତ୍ରା ୪୫ ଡିଗ୍ରୀରେ ପହଞ୍ଚିବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ଆସନ୍ତା ୫ ଦିନ ଯାଏଁ ଲାଗି ରହିବ ତାତିର ତାଡ। ସେହିପରି ଆସନ୍ତା କିଛି ଦିନ ପର୍ଯ୍ୟନ୍ତ ଓଡ଼ିଶାରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ସହ କେତେକ ସ୍ଥାନରେ କାଳବୈଶାଖୀ ହେବାର ସମ୍ଭାବନା ରହିଛି ବୋଲି ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ବଲାଙ୍ଗୀର ଜିଲ୍ଲାରେ ବି ସ୍କୁଲ, କଲେଜ ଓ ଅଙ୍ଗନବାଡି କେନ୍ଦ୍ରର ଛୁଟି ଅବଧିକୁ ୪ ଦିନ ବୃଦ୍ଧି କରାଯାଇଛି। ଏନେଇ ଆଜି ସେଠାକାର ଜିଲ୍ଲାପାଳ ଘୋଷଣା କରିଛନ୍ତି। ତେବେ ଉପରୋକ୍ତ ତିନି ଜିଲ୍ଲାରେ ପରୀକ୍ଷା ପୂର୍ବ ନିର୍ଦ୍ଧାରିତ ତାରିଖରେ ଜାରି ରହିବ। କିନ୍ତୁ କର୍ତ୍ତୃପକ୍ଷ ସକାଳେ ପରୀକ୍ଷା କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

# ବିଧାୟକ ଓ ସାଂସଦଙ୍କୁ ଧମକପୂର୍ଣ୍ଣ ମେସେଜ: ଯୁବକ ଗିରଫ



**ପୁରୀ,୨୧।୪(ସଂଚାର ବ୍ୟୁରୋ):** ପୁରୀ ବିଧାୟକ ଓ ସାଂସଦଙ୍କୁ ଧମକପୂର୍ଣ୍ଣ ମେସେଜ ପଠାଇ ଟଙ୍କା ଦାବି କରିବା ମାମଲାରେ ଆଜି ଅଭିଯୁକ୍ତକୁ ଗିରଫ କରାଯାଇଛି। ଉକ୍ତ ଯୁବକଙ୍କ ନାମ ପ୍ରତୀକ ମିଶ୍ର ହୋଇଥିବା ବେଳେ ତାଙ୍କୁ ଅନୁଗୁଳରୁ ଗିରଫ କରାଯାଇଛି। ତାଙ୍କ ନାମରେ ପୂର୍ବରୁ ପୁରୀ ଓ କେନ୍ଦ୍ରାପଡ଼ାର ବିଭିନ୍ନ ଥାନାରେ ମାମଲା ରହିଛି। ନିଜେ ଧମକ ଦେଇଥିବା ମେସେଜ ପ୍ରତୀକ ନିଜେ ଭାଇରାଲ କରୁଥିଲେ। ପୁଲିସକୁ ଚକମା ଦେବା ପାଇଁ ଅନ୍ୟ ନାଁରେ ସିମ୍ କାର୍ଡ ବ୍ୟବହାର କରୁଥିଲେ। ବିଧାୟକ ଓ ଏମପିଙ୍କ ସହ ପୁରୀର ବିଭିନ୍ନ ମଠ, ମନ୍ଦିରକୁ କ୍ଷତି ପହଞ୍ଚାଇବା ପାଇଁ ମଧ୍ୟ ସେ ଧମକ ଦେଇଥିଲେ। ବଲାଙ୍ଗୀର ଓ ଝାରସୁଗୁଡ଼ା ସହ ସ୍ଥାନ ବଦଳାଇ ଭିନ୍ନ ଭିନ୍ନ ସ୍ଥାନରୁ ସେ ମେସେଜ ପଠାଉଥିଲେ। ଅଲଗା ଅଲଗା ସିମ ଯୋଗେ ବିଭିନ୍ନ ଯୁବତୀଙ୍କ ନାଁ ବ୍ୟବହାର କରି ସେ ଏଭଳି ଧମକପୂର୍ଣ୍ଣ ମେସେଜ ଦେଉଥିଲେ। ଗତ ଜାନୁଆରୀ ୨୧ ତାରିଖରେ ଫେସବୁକରେ ଧମକପୂର୍ଣ୍ଣ ପୋଷ୍ଟର ଘଟଣାରେ ମଧ୍ୟ ଅଭିଯୁକ୍ତ ପ୍ରତୀକ ଗିରଫ ହୋଇଥିଲେ। ତାଙ୍କ ଘର ବାସେଳୀ ସାହି ଥାନା ଅନ୍ତର୍ଗତ ନୀଳାଦ୍ରି ବିହାରରେ ବୋଲି ଜଣାପଡ଼ିଛି।

ସେ ପୁଲିସ୍‌କୁ ଦେଇଥିବା ବୟାନ ଅନୁସାରେ, ଜୁଲି ରାଣୀ ପଣ୍ଡା ନାମକ ମହିଳାଙ୍କୁ ଏକତରଫା ପ୍ରେମ କରି ପ୍ରତୀକ ବିଫଳ ହୋଇଥିଲେ। ତେବେ ଏହାର ପ୍ରତିଶୋଧ ନେବା ସକାଶେ ସେ ଗତ ଜାନୁଆରୀ ୧୧ ତାରିଖରେ ତାଙ୍କ ନାଁରେ ଫେସବୁକରେ ଏକ ଫେକ୍ ଆକାଉଣ୍ଟ ଖୋଲି ଶ୍ରୀମନ୍ଦିରକୁ ବୋମାରେ ଉଡ଼ାଇ ଦେବାକୁ ଧମକ ଦେଇଥିଲେ। ପୁରୀ ଜଗନ୍ନାଥ ମନ୍ଦିରରେ ଖୁବ୍‌ଶୀଘ୍ର ବୋମା ପଡ଼ିବ ବୋଲି ଉକ୍ତ ଧମକପୂର୍ଣ୍ଣ ମେସେଜ୍‌ରେ ପ୍ରତୀକ କହିଥିଲେ। ଏଥିସହ ଖୁବ୍‌ଶୀଘ୍ର ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆକୁ ଗୁଳି ମାଡ଼ ହେବ ଓ ପୁରୀ ଗ୍ରାଣ୍ଡ ସେଣ୍ଟରରେ ଗୁଳି ଫୁଟିବ ବୋଲି ବି ସେ ଧମକପୂର୍ଣ୍ଣ ମେସେଜ ଦେଇଥିଲେ।


# ସହରାଞ୍ଚଳରେ ଫ୍ଲାଟ୍ ଯୋଗାଇ ଦେବେ ସରକାର



**ଭୁବନେଶ୍ୱର,୨୧।୪(ସଂଚାର ବ୍ୟୁରୋ):** ଆଗାମୀ ଦିନରେ ସହରାଞ୍ଚଳରେ ସୁଲଭ ଦରରେ ଫ୍ଲାଟ ଯୋଗାଇଦେବେ ସରକାର। ମହାରାଷ୍ଟ୍ର ଢାଞ୍ଚାରେ ପିପିପି ମୋଡ୍‌ରେ ହେବ ପ୍ରକଳ୍ପ। ଏନେଇ ନୂଆ ମୋଡାଲିଟି ପ୍ରସ୍ତୁତ କରୁଛି ନଗର ଉନ୍ନୟନ ଓ ରାଜସ୍ୱ ବିଭାଗ। ମହାରାଷ୍ଟ୍ର ମଡେଲରେ ପିପିପି ମୋଡ୍‌ରେ ଫ୍ଲାଟ ନିର୍ମାଣ କରିବା ପରେ ଜନସାଧାରଣଙ୍କୁ ସେଗୁଡ଼ିକୁ ଯୋଗାଇ ଦିଆଯିବ। ଅନ୍ୟ ରାଜ୍ୟ ମଡେଲ ବାବଦରେ ବି ଅଧ୍ୟୟନ କରାଯାଉଛି ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି। ଏଥିସକାଶେ ଉଦ୍ୟୋଗୀମାନଙ୍କୁ ସହରାଞ୍ଚଳରେ ଜମି ଯୋଗାଇ ଦିଆଯିବ। ଏହାଦ୍ୱାରା ରାଜଧାନୀରେ ନିଜର ଘର ଖଣ୍ଡେ ପାଇବାକୁ ସ୍ୱପ୍ନ ଦେଖିଥିବା ସାଧାରଣ ଲୋକଙ୍କ ଏହି ସ୍ୱପ୍ନ ସାକାର ହେବ ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି।

# ନିଲାମ ହେଲାନି ୧୬ ପାର୍କିଂ ସ୍ଥଳ, କମିଲା ଅଫସେଟ୍ ପ୍ରାଇସ୍

## କୋଟି କୋଟି ଟଙ୍କାର ରାଜସ୍ୱ ହରାଇବ ବିଏମ୍‌ସି



**ଭୁବନେଶ୍ୱର,୨୧।୪(ସଂଚାର ବ୍ୟୁରୋ):** ବିଏମ୍‌ସି ପକ୍ଷରୁ ଜନଗହଳିପୂର୍ଣ୍ଣ ଅଞ୍ଚଳରେ ପାର୍କିଂ ବ୍ୟବସ୍ଥା କରାଯାଇଛି। ହେଲେ ଏହି ସବୁ ପାର୍କିଂ ନିଲାମ ଯାଉନି। ଗୋଟିଏ କି ଦୁଇଟି ନୁହେଁ, ଏମିତି ଡଜନେରୁ ଅଧିକ ପାର୍କିଂସ୍ଥଳ ଚଳିତ ବର୍ଷ ନିଲାମରେ ଯାଇନାହିଁ। ତେଣୁ ବାଧ୍ୟ ହୋଇ ବିଏମ୍‌ସି ପୁଣି ୧୦ ପ୍ରତିଶତ କମ୍ ଅପସେଟ୍ ପ୍ରାଇସ୍‌ରେ ଟେଣ୍ଡର ଆହ୍ୱାନ କରିଛି। ଏହା ଫଳରେ ବିଏମ୍‌ସି ବାର୍ଷିକ କୋଟି କୋଟି ଟଙ୍କାର ରାଜସ୍ୱ ହରାଇବ। ବିଏମ୍‌ସି ପକ୍ଷରୁ ମୋଟ ୧୬ଟି ପାର୍କିଂ ପାଇଁ ଟେଣ୍ଡର ଆହ୍ୱାନ କରାଯାଇଥିଲା। ଦକ୍ଷିଣ-ପୂର୍ବ ଜୋନ୍‌ରେ ୯ଟି ଓ ଉତ୍ତର ଜୋନ୍‌ରେ ୭ଟି ପାର୍କିଂ ସ୍ଥଳ ରହିଛି। ଏହିସବୁ ପାର୍କିଂ ମଧ୍ୟରେ ଅନେକ ହାଇ ପ୍ରୋଫାଇଲ ପାର୍କିଂ ସ୍ଥଳ ବି ରହିଛି। ଶ୍ରୀଲିଙ୍ଗରାଜ ମନ୍ଦିର ପାଖରେ ୧୧,୩୩୧ ବର୍ଗଫୁଟର ପାର୍କିଂ ପାଇଁ ୨୨ ଲକ୍ଷ ୨୨ ହଜାର ୨୫୦ ଟଙ୍କାରେ ଟେଣ୍ଡର ଆହ୍ୱାନ କରାଯାଇଥିଲା। ହେଲେ ଏଠାରେ କେହି ବି ଏହି ପାର୍କିଂ ସ୍ଥଳକୁ ନିଲାମ ନେବା ସକାଶେ ଟେଣ୍ଡରରେ ଭାଗ ନେଇନାହାନ୍ତି। ଫଳରେ ବେସ୍ ପ୍ରାଇସ୍‌ରୁ ୧୦ ପ୍ରତିଶତ କମ୍‌ରେ ପୁଣିଥରେ ବିଏମ୍‌ସି ଟେଣ୍ଡର ଆହ୍ୱାନ କରିଛି। ସେହିପରି ୟୁନିଟ୍-୪ ମାଛ ମାର୍କେଟ ପାଖରେ ପାର୍କିଂସ୍ଥଳର ଟେଣ୍ଡର୍ ବି କେହି ନେଇନାହାନ୍ତି। ଆଶ୍ଚର୍ଯ୍ୟର ବିଷୟ ଆମିଷ ବାରିରେ ରାସ୍ତା ସାରା ଗାଡ଼ି ଛିଡ଼ା ହେଉଛି। କିନ୍ତୁ ସରକାରୀ ପାର୍କିଂ ନିଲାମ ନେବାକୁ କେହି ଆଗ୍ରହ ପ୍ରକାଶ କରୁନାହାନ୍ତି। ଏଥିସହ କର କ୍ଲିନିକ ସମ୍ମୁଖ ଭାଗ, ଝାରପଡ଼ା ପାଣି ଟାଙ୍କି, କେଶରୀ ହଲ ପାଖ, କପିଳପ୍ରସାଦ ହାଟ, ଆଇଜି ପାର୍କ ଓ ଆକାଶ ଇନ୍‌ଷ୍ଟିଚ୍ୟୁଟ୍ ଆଗରେ ଥିବା ପାର୍କିଂ ସ୍ଥଳର ବି ନିଲାମ ନେବାକୁ କେହି ବି ଆଗ୍ରହ ଦେଖାଇନାହାନ୍ତି। ଉତ୍ତର ଭୁବନେଶ୍ୱର ଡମଣା ହାଟରେ ବିଏମ୍‌ସିର ୨୯ ହଜାର ୫୧୭ ବର୍ଗଫୁଟ ଅଞ୍ଚଳର ପାର୍କିଂ ସ୍ଥଳ ରହିଛି। ଏଠାରେ ୧୮୨ଟି କାର୍ ପାର୍କିଂ ପାଇଁ ସୁବିଧା ରହିଛି। ହେଲେ ଏଠି ବି ସମାନ ସ୍ଥିତି। ଆପୋଲୋ ହସ୍ପିଟାଲ, ପଟିଆ ବିଗ୍ ବଜାର, ଚନ୍ଦ୍ରଶେଖରପୁର ଇଣ୍ଡିଆନ୍ ଅଏଲ, ସ୍ୟାଣ୍ଡି ଟାୱାର ହୋଟେଲ ସମ୍ମୁଖ ଭାଗ ପାର୍କିଂସ୍ଥଳ ଏଥର ନିଲାମରେ ଯାଇପାରିନାହିଁ। ସିଙ୍ଗଲ ବିଡ୍ ଟେଣ୍ଡର ଯୋଗୁଁ ବିଏମ୍‌ସି ବାଧ୍ୟ ହୋଇ ପୁଣି ଥରେ ଟେଣ୍ଡର ଆହ୍ୱାନ କରିଛି। ଏଥର ଅଫ୍‌ସେଟ୍ ପ୍ରାଇସ୍‌କୁ ୧୦ ପ୍ରତିଶତ ହ୍ରାସ କରାଯାଇଛି। ଫଳରେ ଏ ବାବଦରେ ବିଏମ୍‌ସି ଏଥର ପ୍ରାୟ କୋଟିଏରୁ ଅଧିକ ଟଙ୍କାର ରାଜସ୍ୱ ହରାଇବ। ତେବେ ବହୁ ହାଇ ପ୍ରୋଫାଇଲ୍ ଅଞ୍ଚଳରେ ପାର୍କିଂସ୍ଥଳର ନିଲାମ ହୋଇପାରୁନାହିଁ। ଏହା ସତ୍ତ୍ୱେ ବିଏମ୍‌ସି ଗଳିକନ୍ଦିରେ ପାର୍କିଂ କରିବା ଉପରେ ଜୋର୍ ଦେଉଛି, ଯାହାକି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରୁଛି।

# ବାଇକ୍‌କୁ ପିଟିଲା ପିକଅପ୍: ୨ ମୃତ



**ବୈପାରୀଗୁଡ଼ା,୨୧।୪(ସଂଚାର ବ୍ୟୁରୋ):** ଆଜି ସକାଳେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୨ ଜଣ ବାଇକ୍ ଆରୋହୀଙ୍କର ଶୋଚନୀୟ ମୃତ୍ୟୁ ଘଟିଛି। ଏକ ପିକ୍‌ଅପ ଭ୍ୟାନ୍ ବାଇକ୍‌କୁ ଖୁବ୍ ଜୋର୍‌ରେ ଧକ୍କା ଦେବା ଫଳରେ ଏଭଳି ଅଘଟଣ ଘଟିଛି।

ମିଳିଥିବା ସୂଚନାନୁସାରେ, ବୈପାରୀଗୁଡ଼ା ଥାନା ଅନ୍ତର୍ଗତ ଆଜି ସକାଳୁ ସ୍ଥାନୀୟ ବ୍ଲକ ଅନ୍ତର୍ଗତ ପେନ୍ଦାପଡ଼ା ପଞ୍ଚାୟତର କାନ୍ଦିଲିବେଡ଼ାର ମହେଶ୍ୱର ପେନ୍ଦାପାଡ଼ିଆ ଓ ହଳଦୀକୁଣ୍ଡ ଗ୍ରାମପଞ୍ଚାୟତ ଅଧୀନରେ ଥିବା ମଝାଗୁଡା ଗ୍ରାମର ରବିନନ୍ଦ ମସ୍ତି ନାମକ ଦୁଇଜଣ ବନ୍ଧୁ ଏକ ବାଇକରେ ଦଣ୍ଡବାଡିରୁ ବାହାରି ରାମଗିରି ଅଭିମୁଖେ ଆସୁଥିଲେ। ଏହି ସମୟରେ ଏକ ପିକଅପ ଭ୍ୟାନ ରାମଗିରିରୁ ଦଣ୍ଡାବାଡ଼ି ଅଭିମୁଖେ ଯାଉଥିଲା। ତେବେ କାଳିଆଝୋଲି ଗାଁ ପାଖ ଛକଠାରେ ଥିବା ଏକ ବୁଲାଣିରେ ଉକ୍ତ ପିକ୍‌ଅପ୍‌ଟି ବାଇକ୍‌କୁ ଧକ୍କା ଦେବା ଫଳରେ ଉଭୟ ବାଇକ୍ ଆରୋହୀ ଗୁରୁତର ଭାବେ ଆହତ ହୋଇଥିଲେ। ଏହି ଦୁର୍ଘଟଣାଟି ଏତେ ଭୟଙ୍କର ଥିଲା ଯେ ଘଟଣାସ୍ଥଳରେ ରାସ୍ତା ଏକରକମ ରକ୍ତରେ ଗାଧୋଇପଡ଼ିଥିବା ପରି ମନେ ହେଉଥିଲା। ସ୍ଥାନୀୟ ଲୋକଙ୍କ ସହଯୋଗରେ ଉଭୟ ଯୁବକଙ୍କୁ ଆମ୍ବୁଲାନ୍ସ ଯୋଗେ ଡାକ୍ତରଖାନାକୁ ଅଣାଯାଇଥିଲା। କିନ୍ତୁ ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ସ୍ଥାନୀୟ ଥାନାଧିକାରୀ ଘଟଣାସ୍ଥଳରେ ପହଞ୍ଚି ଉଭୟ ପିକଅପ୍ ଓ ବାଇକ୍‌କୁ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ତେବେ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ମୃତଦେହଦ୍ୱୟର ବ୍ୟବଚ୍ଛେଦ ହୋଇନଥିବା ଜଣାପଡ଼ିଛି।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar ସମ୍ପାଦକ: ହିମାଂଶୁ ଭୂଷଣ କର
Chief Editor: Ajit Kumar Dash ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ

# ଏ ବର୍ଷ ଭାରତର ଅଭିବୃଦ୍ଧି ୬.୪%, ମୁଦ୍ରାସ୍ଫୀତି ୪.୪% ରହିବ

**ଜାତିସଂଘ ରିପୋର୍ଟ**



ନୂଆଦିଲ୍ଲୀ, ୨୧।୪: ଭାରତର ଅର୍ଥନୀତି ୨୦୨୬ରେ ୬.୪ ପ୍ରତିଶତ ବଢ଼ିବ। ୨୦୨୭ରେ ଏହି ବୃଦ୍ଧି ୬.୭ ପ୍ରତିଶତ ରହିବ ବୋଲି ଏସିଆ ପ୍ରଶାନ୍ତ ମହାସାଗର ଅଞ୍ଚଳ ପାଇଁ ଜାତିସଂଘ ଅର୍ଥନୈତିକ ଓ ସାମାଜିକ କମିସନ (ଇଏସ୍‌ସିଏପି) ଏହାର ରିପୋର୍ଟରେ ଦର୍ଶାଇଛି। ୨୦୨୫ରେ ଦକ୍ଷିଣ ଏବଂ ଦକ୍ଷିଣ-ପଶ୍ଚିମ ଏସିଆର ଅର୍ଥନୀତି ୫.୪ ପ୍ରତିଶତ ହାରରେ ବଢ଼ିଥିଲା। ୨୦୨୪ରେ ଏହା ୫.୨ ପ୍ରତିଶତ ରହିଥିଲା। ଏହି ଅଞ୍ଚଳରେ ଯେଉଁ ଅଭିବୃଦ୍ଧି ଦେଖାଦେଇଛି ସେଥିରେ ଭାରତର ବଳିଷ୍ଠ ଯୋଗଦାନ ରହିଛି। ୨୦୨୫ରେ ଭାରତୀୟ ଅର୍ଥନୀତିର ଅଭିବୃଦ୍ଧି ୭.୪ ପ୍ରତିଶତ ରହିଥିଲା। ଜିଏସ୍‌ଟି ହ୍ରାସ ସମେତ ଖର୍ଚ୍ଚ ବୃଦ୍ଧି ଏବଂ ଆମେରିକାର ବର୍ଦ୍ଧିତ ଶୁଳ୍କ ଲାଗୁ ପୂର୍ବରୁ ଭାରତ ଆଗୁଆ କରିଥିବା ଅଧିକ ରପ୍ତାନି କାରଣରୁ ଏହା ହୋଇଥିଲା। ତେବେ ଗତବର୍ଷ ଅଗଷ୍ଟରେ ଆମେରିକା ଭାରତ ଉପରେ ୫୦ ପ୍ରତିଶତ ଶୁଳ୍କ ଲଗାଇବା କାରଣରୁ ଦ୍ୱିତୀୟାର୍ଦ୍ଧରେ ସେହି ଦେଶକୁ ନୂଆଦିଲ୍ଲୀର ରପ୍ତାନି ୨୫ ପ୍ରତିଶତ ହ୍ରାସ ପାଇଥିଲା। ଭାରତର ଅଭିବୃଦ୍ଧିରେ ସେବା କ୍ଷେତ୍ର ପ୍ରମୁଖ ଭୂମିକା ଗ୍ରହଣ କରିଥିଲା। ଭାରତର ମୁଦ୍ରାସ୍ଫୀତି ୨୦୨୬ରେ ୪.୪ ପ୍ରତିଶତ ଏବଂ ୨୦୨୭ରେ ୪.୩ ପ୍ରତିଶତ ରହିବ ବୋଲି ଜାତିସଂଘ ଆକଳନ କରିଛି। ୨୦୨୫ର ପ୍ରଥମ ତିନିଟି ତ୍ରୟମାସରେ ଏସିଆ ପ୍ରଶାନ୍ତ ମହାସାଗର ଅଞ୍ଚଳର ଯେଉଁସବୁ ଦେଶଗୁଡ଼ିକ ଅଧିକ ଗ୍ରିନଫିଲ୍ଡ ଏଫ୍‌ଡିଆଇ ଆକୃଷ୍ଟ କରିବାରେ ସକ୍ଷମ ହୋଇଛନ୍ତି ସେଥିରେ ଭାରତ ରହିଛି। ଭାରତ, ଅଷ୍ଟ୍ରେଲିଆ, କୋରିଆ ଏବଂ କାଜାଖସ୍ତାନ ପାଇଁ ଯଥାକ୍ରମେ ୫୦ ବିଲିଅନ ଡଲାର, ୩୦ ବିଲିଅନ ଡଲାର, ୨୫ ବିଲିଅନ ଡଲାର ଏବଂ ୨୧ ବିଲିଅନ ଡଲାର ଏଫ୍‌ଡିଆଇ ଘୋଷଣା ହୋଇଛି। ବିଦେଶରେ କାମ କରି ନିଜ ଦେଶକୁ ନାଗରିକମାନେ ଯେଉଁ ଅର୍ଥ ପଠାଇଛନ୍ତି ତାହାର ୪୦ ପ୍ରତିଶତ ଅର୍ଥକୁ ଭାରତ ଓ ଫିଲିପାଇନ୍ସ ଭଳି ଦେଶରେ ପରିବାରଗୁଡ଼ିକ ମୁଖ୍ୟତଃ ଜରୁରୀ ଆବଶ୍ୟକତା ପୂରଣ ଦିଗରେ ଖର୍ଚ୍ଚ କରିଛନ୍ତି। ସେଥିରେ ଚିକିତ୍ସା ଖର୍ଚ୍ଚ ସାମିଲ ରହିଛି। ରିମିଟାନ୍ସ ପାଇବା କ୍ଷେତ୍ରରେ ଭାରତ ପ୍ରାୟ ସବୁଠୁ ଆଗରେ ରହିଛି। ୨୦୨୪ରେ ଭାରତକୁ ଏ ବାବଦରେ ୧୩୭ ବିଲିଅନ ଡଲାର ରାଶି ଆସିଥିଲା। କିନ୍ତୁ ଆମେରିକା ରିମିଟାନ୍ସ ଉପରେ ୨୦୨୬ ଜାନୁଆରିରୁ ୧ ପ୍ରତିଶତ ଟିକସ ଲଗାଇଥିବାରୁ ଚଳିତବର୍ଷ ଏହା ପ୍ରଭାବିତ ହେବ ବୋଲି ରିପୋର୍ଟରେ କୁହାଯାଇଛି।

ଜନ୍ ଟେର୍ନସ ହେବେ ନୂଆ ସିଇଓ



# ସେପ୍ଟେମ୍ବରରେ ଆପଲ୍ ସିଇଓ ପଦରୁ ଓହରିବେ ଟିମ୍ କୁକ୍






ନୂଆଦିଲ୍ଲୀ, ୨୧।୪: ବିଶ୍ୱର ପ୍ରମୁଖ ଆଇଟି ସାମଗ୍ରୀ ନିର୍ମାତା ଆପଲ୍‌ର ସିଇଓ ପଦରୁ ଟିମ୍ କୁକ୍ ଆସନ୍ତା ସେପ୍ଟେମ୍ବର ପହିଲାରେ ଅବ୍ୟାହତି ନେବେ। ସେ କମ୍ପାନିର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ଦାୟିତ୍ୱ ସମ୍ଭାଳିବେ। ଜନ୍ ଟେର୍ନସ ଆପଲ୍‌ର ନୂଆ ସିଇଓ ହେବେ। ଆପଲ୍ ବୋର୍ଡର ନିର୍ଦ୍ଦେଶକ ମଣ୍ଡଳୀ ଏହି ପରିବର୍ତ୍ତନକୁ ମଞ୍ଜୁରି ଦେଇଛନ୍ତି। ଜନ୍ ଟେର୍ନସ ସଂପ୍ରତି କମ୍ପାନିର ହାର୍ଡଓୟାର ଇଞ୍ଜିନିୟରିଂ ବିଭାଗର ବରିଷ୍ଠ ଉପସଭାପତି ରହିଛନ୍ତି। ଆପଲ୍‌ର ପ୍ରମୁଖ ଉତ୍ପାଦ ବିକାଶ କରିବାରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରହିଛି। ଉଲ୍ଲେଖଯୋଗ୍ୟ, ଟିମ୍ କୁକ୍ ୧୯୯୮ ମସିହାରେ ଆପଲ୍‌ରେ ଯୋଗ ଦେଇଥିଲେ। ୨୦୧୧ ମସିହାରେ ସେ କମ୍ପାନିର ସିଇଓ ହୋଇଥିଲେ। ତାଙ୍କ ଅମଳରେ ଆପଲ୍‌ର ଏକାଧିକ ଉତ୍ପାଦ ବଜାରକୁ ଆସିଛି। ସେଗୁଡ଼ିକ ମଧ୍ୟରେ ଆପଲ୍ ଘଣ୍ଟା, ଏୟାରପଡ, ଆପଲ୍ ପ୍ରୋଭିଜନ ଆଦି ରହିଛି। କମ୍ପାନିର ଉତ୍ପାଦ ରେଞ୍ଜ ବୃଦ୍ଧି କରିବାରେ ତାଙ୍କର ଯଥେଷ୍ଟ ଯୋଗଦାନ ରହିଛି। ନୂଆ ସିଇଓ ହେବାକୁ ଯାଉଥିବା ଜନ୍ ଟେର୍ନସ ୨୦୦୧ ମସିହାରେ ଆପଲ୍‌ରେ ଯୋଗ ଦେଇଥିଲେ। ୨୦୧୩ରେ ସେ କମ୍ପାନିର ହାର୍ଡଓୟାର ଇଞ୍ଜିନିୟରିଂ ବିଭାଗର ଉପସଭାପତି ହୋଇଥିଲେ। ୨୦୨୧ରେ ତାଙ୍କୁ କମ୍ପାନିର କାର୍ଯ୍ୟନିର୍ବାହୀ ଟିମ୍‌ରେ ସାମିଲ କରାଯାଇଥିଲା। ଟିମ୍ କୁକ୍‌ଙ୍କୁ ସେ ରିପୋର୍ଟ କରୁଥିଲେ।

# ସେନସେକ୍ସରେ ୫୦୦ ଅଙ୍କ ବୃଦ୍ଧି

ନୂଆଦିଲ୍ଲୀ, ୨୧।୪:ମଙ୍ଗଳବାରରେ ସେୟାର ମାର୍କେଟରେ ଶୁଭ ମଙ୍ଗଳମ୍। ଭାରତ-ଆମେରିକା ଟ୍ରେଡ୍ ଡିଲ୍ ଚର୍ଚ୍ଚା ଭିତରେ ଝୁମିଲା ପୁଞ୍ଜି ବଜାର। ସେୟାର ମାର୍କେଟ୍ ଖୋଲିବା ମାତ୍ରେ ୫୦୦ ଅଙ୍କ ଉଠିଲା ସେନସେକ୍ସ। ନିଫ୍ଟିରେ ମଧ୍ୟ ଦ୍ରୁତ ବୃଦ୍ଧି ହୋଇଛି । ଆକ୍ସିସ୍ ବ୍ୟାଙ୍କ, ଆଦାନୀ ପୋର୍ଟ ଠାରୁ ନେଇ ଇଣ୍ଡିଗୋ ଯାଏଁ ସମସ୍ତଙ୍କ ସେୟାର ବଢ଼ିଛି। ବିଏସଇର ସେନସେକ୍ସ ଇଣ୍ଡେକ୍ସ ମଙ୍ଗଳବାର ସୋମବାର ବନ୍ଦ ୭୮,୫୨୦ ତୁଳନାରେ ୭୮ ହଜାର ୬୧୭ରେ ଖୋଲିଥିଲା। କାରବାରର କିଛି ମିନିଟ୍ ମଧ୍ୟରେ, ସେନସେକ୍ସ ୭୯ ହଜାର ଅତିକ୍ରମ କଲା ଏବଂ ୫୦୦ ପଏଣ୍ଟରୁ ଅଧିକ ବୃଦ୍ଧି ସହିତ ୭୨,୦୩୨ ରେ କାରବାର କରୁଛି। ସେହିପରି ନିଫ୍ଟି ସୋମବାର ବନ୍ଦ ୨୪,୩୬୪ ତୁଳନାରେ ୨୪ ହଜାର ୩୭୪ ଅଙ୍କରେ ଖୋଲିଥିଲା। ଏହାପରେ ୧୫୦ ଅଙ୍କ ବୃଦ୍ଧି ପାଇ ୨୪ ହଜାର ୫୦୦ ଅତିକ୍ରମ କରିଥିଲା। ସବୁଠାରୁ ଅଧିକ କାରବାର କରିଥିବା ଷ୍ଟକ୍ ମଧ୍ୟରେ, ବିଏସଇ ଲାର୍ଜକ୍ୟାପ୍ ବର୍ଗରେ ଏସିଆନ ପେଣ୍ଟସ୍ ସେୟାର (୨%), ଆକ୍ସିସ ବ୍ୟାଙ୍କ ସେୟାର (୨%), ଆଦାନି ପୋର୍ଟସ ସେୟାର (୧.୫୦%) ବୃଦ୍ଧି ସହିତ କାରବାର କରୁଥିଲେ। ଏହା ବ୍ୟତୀତ, ମିଡକ୍ୟାପ ବର୍ଗରେ ଅନ୍ତର୍ଭୁକ୍ତ ଏୟୁ ବ୍ୟାଙ୍କ ସେୟାର (୪%), ଗୋଦରେଜପ୍ରପର୍ଟିଜ ସେୟାର (୨.୫୦%), ଫୋଏନିକ୍ସ ସେୟାର (୨.୧୦%), ଭୋଲଟାସ୍ ସେୟାର (୧.୭୦%) ବୃଦ୍ଧି ସହିତ କାରବାର କରୁଥିଲେ। ପେଟିଏମ, ଡିକ୍ସନ, ଜେନଟେକ, ସୁଜଲୋନ ଭଳି ସେୟାର ମଧ୍ୟ ବୃଦ୍ଧି ସହିତ କାରବାର କରୁଥିବା ଦେଖାଯାଇଛି। ଭାରତ-ଆମେରିକା ଟ୍ରେଡ୍ ଡିଲ୍ ଚର୍ଚ୍ଚା ହେବାପରେ ସେୟାର ବଜାରରେ ଉତ୍ସାହ ଦେଖିବାକୁ ମିଳିଛି। ଏହି ଡିଲ୍ ରେ ଟାରିଫ୍ କୁ ନେଇ ଆଲୋଚନା ହୋଇପାରେ। କାରଣ ଆମେରିକା କୋର୍ଟ ଟାରିଫ୍ କୁ ବେଆଇନ କହି ରଦ୍ଦ କରିଦେଇଛନ୍ତି।



ଲେନ୍ସକାର୍ଟକୁ ମହଙ୍ଗା ପଡ଼ିଲା ବିନ୍ଦି-ତିଳକ ବିବାଦ

# ଶେୟାର ବଜାରରେ ଡୁବିଗଲା ୪୫୦୦ କୋଟି



ନୂଆଦିଲ୍ଲୀ, ୨୧।୪:ଲେନ୍ସକାର୍ଟ ଦେଶର ସବୁଠୁ ବଡ଼ ଚଷମା କମ୍ପାନି ମଧ୍ୟରୁ ଅନ୍ୟତମ ଲେନ୍ସକାର୍ଟକୁ ଟିକିଲି, ତିଳକ ସଂପର୍କିତ ବିବାଦ ବହୁତ ମହଙ୍ଗା ପଡ଼ିଛି। ଏହାର ସିଧାସଳଖ ପ୍ରଭାବ କମ୍ପାନିର କାରବାର ଉପରେ ପଡ଼ିଛି। ସୋମବାର ସେୟାର ବଜାରରେ କମ୍ପାନିର ସେୟାର ଅହେତୁକ ହ୍ରାସ ପାଇଥିବା ଦେଖିବାକୁ ମିଳିଛି। ବଜାରେ କମ୍ପାନିର ୪୫୦୦ କୋଟି ଟଙ୍କା ସ୍ୱାହା ହୋଇଛି। ନିକଟରେ କମ୍ପାନିର ଏକ ପୁରୁଣା ଇଣ୍ଟରନାଲ ଗ୍ରୁମିଂ ପଲିସି ଅନଲାଇନରେ ଭାଇରାଲ୍ ହୋଇଥିଲା। ଏହା ଦେଖି ସମଗ୍ର ଦେଶରେ କମ୍ପାନି ପ୍ରତି ଅସନ୍ତୋଷର ମାହୋଲ ସୃଷ୍ଟି ହୋଇଥିଲା। ନିଜର ଅଜବ ପଲିସକୁ ନେଇ ଲେନ୍ସକାର୍ଟକୁ ଚାରିଆଡୁ ସମାଲୋଚନାର ଶିକାର ହେବାକୁ ପଡ଼ିଥିଲା। ଶେଷରେ କମ୍ପାନିକୁ ଉକ୍ତ ପଲିସି ଉପରେ ରୋକ୍ ଲଗାଇବାକୁ ପଡ଼ିଛି।

ଅଭିଯୋଗ ଅନୁଯାୟୀ, ଏହି ପଲିସିରେ କର୍ମଚାରୀଙ୍କୁ ବିନ୍ଦି ଓ ତିଳକ ଲଗାଇବା ଉପରେ ରୋକ୍ ଲଗାଯାଇଥିଲା। କିନ୍ତୁ ହିଜାବ ପିନ୍ଧିବାକୁ ଅନୁମତି ଦେଇଥିଲା କମ୍ପାନି। ଏହି ଖବର ପ୍ରକାଶ ପାଇବା ପରେ ଲୋକଙ୍କ ମଧ୍ୟରେ କମ୍ପାନି ପ୍ରତି କ୍ରୋଧର ମାହୋଲ ଦେଖିବାକୁ ମିଳିଥିଲା। ସାଧାରଣରେ କମ୍ପାନିକୁ ବୟକଟ୍ କରିବା ଦାବି ଜୋର ଧରିଥିଲା। ସୋସିଆଲ ମିଡିଆରେ ଅନଲାଇନର ବିରୋଧର ମଧ୍ୟ ସାମ୍ନା କରିଛି କମ୍ପାନି। ପରିଣାମସ୍ୱରୂପ ସେୟାର ମାର୍କେଟରେ କମ୍ପାନିର ସେୟାର ମୂଲ୍ୟ ହ୍ରାସ ପାଇବାର ଲାଗିଛି। ବମ୍ବେ ଷ୍ଟକ ଏକ୍ସଚେଞ୍ଜରେ ଲେନ୍ସକାର୍ଟ ସଲ୍ୟୁସନର ସେୟାରରେ ୫ ପ୍ରତିଶତ ହ୍ରାସ ଦେଖିବାକୁ ମିଳିଛି। ଏହି କାରଣରୁ, ବ୍ୟବସାୟ ସମୟରେ କମ୍ପାନୀର ସେୟାର ମୂଲ୍ୟ ସର୍ବନିମ୍ନ ୫୦୮.୭୦ ଟଙ୍କାକୁ ଖସିଯାଇଛି। କମ୍ପାନୀର ସେୟାର ସକାଳେ ୫୩୦.୦୫ ଟଙ୍କାରେ ଖୋଲିଥିଲା ଏବଂ ଗତ ସପ୍ତାହର ଶେଷ ବ୍ୟବସାୟ ଦିନରେ ୫୩୪.୮୫ ଟଙ୍କାରେ ବନ୍ଦ ହୋଇଥିଲା। କିନ୍ତୁ ଅପରାହ୍ନ ପ୍ରାୟ ୩ଟାରେ, କମ୍ପାନୀର ସେୟାର ମୂଲ୍ୟ ପ୍ରାୟ ୧ ପ୍ରତିଶତ ହ୍ରାସ ପାଇ ୫୩୦.୬୦ ଟଙ୍କାରେ କାରବାର ହେଉଥିଲା।

କମ୍ପାନୀର କ୍ଷତି ଉପରେ ନଜର ପକାଇଲେ କାରବାର ସମୟରେ କମ୍ପାନି ୪,୫୦୦ କୋଟି (ପ୍ରାୟ ୧.୫ ବିଲିୟନ ଡଲାର) ରୁ ଅଧିକ କ୍ଷତି ହୋଇଛି। ତଥ୍ୟ ଅନୁସାରେ, ଯେତେବେଳେ କମ୍ପାନୀର ଷ୍ଟକ୍ ଦିନର ସର୍ବନିମ୍ନ ସ୍ତରକୁ ପହଞ୍ଚିଥିଲା, ସେତେବେଳେ ଏହାର ଭେଲ୍ୟୁଏସନ ୮୮,୩୩୧.୪୮ କୋଟି (ପ୍ରାୟ ୧.୫ ବିଲିୟନ ଡଲାର) କୁ ହ୍ରାସ ପାଇଥିଲା। ଗତ ସପ୍ତାହର କାରବାର ସମୟରେ, କମ୍ପାନୀର ଭେଲ୍ୟୁଏସନ ୯୨,୮୭୨.୨୦ କୋଟି (ପ୍ରାୟ ୧.୫ ବିଲିୟନ ଡଲାର) ଥିଲା। ଏହାର ଅର୍ଥ ହେଉଛି କମ୍ପାନୀର ଭେଲ୍ୟୁଏସନ ୪,୫୪୦.୭୨ କୋଟି ହ୍ରାସ ପାଇଛି। ହେଲେ ପୂରା ବିବାଦ ଉପରେ କ୍ଷମା ମାଗିବା ପରେ କମ୍ପାନିର ସେୟାର ସ୍ଥିତିରେ ସୁଧାର ଦେଖିବାକୁ ମିଳିଛି।

# ଓଡ଼ିଶା ଜଳ ବିଦ୍ୟୁତ ନିଗମର ୩୧ତମ ପ୍ରତିଷ୍ଠା ଦିବସ




ଭୁବନେଶ୍ୱର, ୨୧।୪ (ସଂଚାର ବ୍ୟୁରୋ):ମଙ୍ଗଳବାର ଓଡ଼ିଶା ଜଳ ବିଦ୍ୟୁତ ନିଗମର ୩୧ତମ ପ୍ରତିଷ୍ଠା ଦିବସ ଭୁବନେଶ୍ୱରସ୍ଥିତ ଆଇଏମଏମଟି ପ୍ରେକ୍ଷାଳୟରେ ପାଳିତ ହୋଇଯାଇଛି। ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଅତିରିକ୍ତ ମୁଖ୍ୟ ସଚିବ ବିଶାଳ କୁମାର ଦେବ କାର୍ଯ୍ୟକ୍ରମର ଅଧ୍ୟକ୍ଷତା କରିଥିଲେ। ନିର୍ଦ୍ଦେଶକ (ବିତ୍ତ) ପ୍ରଣବ କୁମାର ମହାନ୍ତି, ନିର୍ଦ୍ଦେଶକ (ମାନବ ସମ୍ବଳ) ସନ୍ଦୀପ ପଟ୍ଟନାୟକ, ନିର୍ଦ୍ଦେଶକ (ସଂଚାଳନ) ଅମିୟ କୁମାର ମହାନ୍ତି ଏବଂ ନିର୍ଦ୍ଦେଶକ (ପ୍ରକଳ୍ପ) ରାଜୀବ ଲୋଚନ ପଣ୍ଡା ପ୍ରମୁଖ ଏହି ଅବସରରେ ଉପସ୍ଥିତ ଥିଲେ। ନିର୍ଦ୍ଦେଶକ (ମାନବ ସମ୍ବଳ) ସନ୍ଦୀପ ପଟ୍ଟନାୟକ ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ଓଏଚପିସିର ଥିମ୍ ସଙ୍ଗୀତର ଉନ୍ମୋଚନ ହୋଇଥିବା ବେଳେ ନବୀକୃତ ଆଧିକାରିକ ୱେବସାଇଟର ଶୁଭାରମ୍ଭ କରାଯାଇଥିଲା। ୨୦୨୫-୨୦୨୬ ପାଇଁ ଉତ୍କୃଷ୍ଟ କାର୍ଯ୍ୟଦକ୍ଷତା ପାଇଁ ଓଏଚପିସିର ବିଭିନ୍ନ ୟୁନିଟମାନଙ୍କୁ ସମ୍ମାନିତ କରାଯାଇଥିଲା। ରେଙ୍ଗାଲି ଜଳବିଦ୍ୟୁତ ପ୍ରକଳ୍ପ, ରେଙ୍ଗାଲି ଶ୍ରେଷ୍ଠ ପ୍ରଦର୍ଶନକାରୀ ୟୁନିଟ ଭାବେ ପୁରସ୍କୃତ ହୋଇଥିଲା ବେଳେ ଦ୍ୱିତୀୟ ଶ୍ରେଷ୍ଠ ପ୍ରଦର୍ଶନକାରୀ ୟୁନିଟ ଭାବରେ ମୁଖୀଗୁଡ଼ାର ଅପର ଇନ୍ଦ୍ରାବତୀ ଜଳବିଦ୍ୟୁତ ପ୍ରକଳ୍ପକୁ ସମ୍ମାନୀତ କରାଯାଇଥିଲା। ଆହୁରି ମଧ୍ୟ ଶ୍ରେଷ୍ଠ ହାଉସ କିପିଙ୍ଗ ୟୁନିଟ ଭାବେ ବୁର୍ଲାର ହୀରାକୁଦ ଜଳବିଦ୍ୟୁତ ପ୍ରକଳ୍ପକୁ ପୁରସ୍କୃତ କରାଯାଇଥିଲା। ନିର୍ଦ୍ଦେଶକ (ପ୍ରକଳ୍ପ) ରାଜୀବ ଲୋଚନ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଭାରତୀୟ ରେଡ୍ କ୍ରସ ସମିତି ସହଯୋଗରେ ଆୟୋଜିତ ରକ୍ତଦାନ ଶିବିରରେ ପ୍ରାୟ ୪୦ ଲିଟର ରକ୍ତ ସଂଗ୍ରହ କରାଯାଇଥିଲା।



# ଆଜିର ସୁନା ଦର

ବର୍ତ୍ତମାନ ରୁପା ଦର ଏକ କେଜି ପିଛା ୧୦ ହଜାର ବଢ଼ି ହୋଇଛି ୨ ଲକ୍ଷ ୬୫ ହଜାର ଟଙ୍କା। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୫୩,୮୨୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୪୧,୦୦୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୫୩,୮୨୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୧,୪୧,୦୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧,୫୩,୮୨୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୧,୪୧,୦୦୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୫୩,୯୭୦ ଟଙ୍କା ଓ ୨୨ କ୍ୟାରେଟ୍ ୧,୪୧,୧୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୫୪,୯୧୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୪୨,୦୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୫୩,୮୨୦ ୧,୪୧,୦୦୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୫୦,୦୦୦ ଟଙ୍କା ହୋଇଛି।



# ଆଜିର ପେଟ୍ରୋଲ, ଡିଜେଲ୍ ଦର

ଗାଡ଼ିରେ ପେଟ୍ରୋଲ କିମ୍ବା ଡିଜେଲ ପକାଇବା ପୂର୍ବରୁ ଜାଣି ନିଅନ୍ତୁ ଦର। ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ। ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧.୧୯ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୭୭ ପଇସା ରହିଛି। ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୪ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫.୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୪୮ ପଇସା ରହିଛି।

## ନବବିବାହିତାଙ୍କ ସନ୍ଦେହଜନକ ମୃତ୍ୟୁ
## ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ



**ଡେରାବିଶ,୨୧।୪(ସଂଚାର ବ୍ୟୁରୋ):** ଡେରାବିଶ ବ୍ଲକ ଖମୋଳ ପଞ୍ଚାୟତ ଖମୋଳ ଗ୍ରାମରେ ଜଣେ ନବବିବାହିତାଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ଶାଶୂଘର ପରିବାର ଏହାକୁ ଆତ୍ମହତ୍ୟା କହୁଥିବା ବେଳେ ବାପଘର ପକ୍ଷରୁ ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ଅଭିଯୋଗ କରାଯାଇଛି । ଅଭିଯୋଗରୁ ପ୍ରକାଶ; ଖମୋଳ ଗ୍ରାମର ରଜନୀକାନ୍ତ ମୁଦୁଲିଙ୍କ ପୁଅ ସୁଦର୍ଶନ ପ୍ରାୟ ୭ ମାସ ହେବ ଯାଜପୁରର ଅଭିମନ୍ୟୁ ସାହୁଙ୍କ ଝିଅ ଲିପା ସାହୁ (୨୪) ଙ୍କୁ ବିବାହ କରିଥିଲେ। ସୁଦର୍ଶନ ବିଦେଶରେ କାମ କରୁଥିବାରୁ ବିବାହର ଦୁଇମାସ ପରେ ଚାଲିଯାଇଥିଲେ । ମାତ୍ର ଅପରାହ୍ନରେ ଲିପା ନିଜ ଶୋଇବା ଘରର ଫ୍ୟାନରେ ଝୁଲି ପଡ଼ିଥିବା ଶାଶୂଘର ଲୋକ ଦେଖି ବାପଘରକୁ ଖବର ଦେଇଥିଲେ। ଲିପାଙ୍କ ବାପା ଅଭିମନ୍ୟୁ ସାହୁ ଝିଅକୁ ଶାଶୂଘର ଲୋକ ନିର୍ଯାତନା ଦେଇ ହତ୍ୟା କରିଥିବା ଡେରାବିଶ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଖବରପାଇ ସନ୍ଧ୍ୟାରେ ଡେରାବିଶ ଥାନା ପୁଲିସ ମାଜିଷ୍ଟ୍ରେଟ ତଥା ଡେରାବିଶ ତହସିଲଦାର ସରୋଜକାନ୍ତ ନାୟକଙ୍କ ଉପସ୍ଥିତିରେ ଲିପାଙ୍କ ମୃତଦେହ ଜବତ କରିବା ସହିତ ବ୍ୟବଚ୍ଛେଦ ନିମନ୍ତେ କେନ୍ଦ୍ରାପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଏ ସମ୍ପର୍କରେ ଡେରାବିଶ ଥାନାରେ ଏକ ୯୦/୨୬ମାମଲା ରୁଜୁ କରାଯିବା ସହ ଅଧିକ ଅନୁସନ୍ଧାନ ଜାରି ରହିଛି। ତେବେ ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ଡେରାବିଶ ଥାନା ଅଧିକାରୀ ଅମ୍ବିକା ପ୍ରସାଦ ଦାସ କହିଛନ୍ତି ।

### ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା
# ବିବାହ ବନ୍ଧନରେ ଆବଦ୍ଧ ହେଲେ ୫୭ ଯୋଡ଼ି



**ବାରିପଦା,୨୧।୪ (ସଂଚାର ବ୍ୟୁରୋ):** ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ପକ୍ଷରୁ ଆଜି ଗଣ ବିବାହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ଅଧୀନରେ ୫୭ ଯୋଡ଼ି ବର ଓ ବଧୂ ପାରମ୍ପରିକ ରୀତିନୀତିରେ ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି। ମୁଖ୍ୟ ଅତିଥି ଭାବେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ଏବଂ ସାଧାରଣ ଉଦ୍ୟୋଗ ବିଭାଗ ମନ୍ତ୍ରୀ ଡ଼. କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇ ନବ ଦମ୍ପତ୍ତିଙ୍କୁ ଆଶୀର୍ବାଦ ଦେଇ ସମସ୍ତଙ୍କ ସୁଖିମୟ ଜୀବନ କାମନା କରିଛନ୍ତି।

ଏହି ଅବସରରେ ମନ୍ତ୍ରୀ ଡ. ମହାପାତ୍ର କହିଛନ୍ତି ଯେ ଏହା ଏକ ସାଧାରଣ କାର୍ଯ୍ୟକ୍ରମ ନୁହେଁ ବରଂ ଏହା ଏକ ଉତ୍ସବ। ଏପରି ଅନନ୍ୟ କାର୍ଯ୍ୟକ୍ରମ ରାଜ୍ୟ ସରକାର ସାମାଜିକ ଦାୟିତ୍ୱବୋଧତାର ଏକ ଉଜ୍ଜ୍ୱଳ ଉଦାହରଣ। ଏହା ମାଧ୍ୟମରେ ସମସ୍ତ ବର୍ଗର ଲୋକଙ୍କ ବିବାହ ସ୍ୱପ୍ନ ସାକାର ହେଉଛି ଓ ସମାଜରେ ଆର୍ଥିକ ଅସମାନତା କମେଇବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି। ସରକାର ସର୍ବଦା ଗରିବ ଅଧିବାସୀ ଓ ଆର୍ଥିକ ଅନଗ୍ରସର ବର୍ଗଙ୍କ ପାଇଁ ପ୍ରାଥମିକତା ଭିତ୍ତିରେ କାର୍ଯ୍ୟ କରୁଛନ୍ତି। ସମ୍ମାନିତ ଅତିଥି ଭାବେ ବାଙ୍ଗିରିପୋଷି ବିଧାୟିକା ସଞ୍ଜଲୀ ମୁର୍ମୁ ଯୋଗଦେଇ କହିଛନ୍ତି ଯେ ଗ୍ରାମାଞ୍ଚଳର ଦୁର୍ବଳ ପରିବାର ପାଇଁ ଏହା ଏକ ବଡ଼ ସହାୟତା। ଏହା ସହ ନାରୀ ସଶକ୍ତିକରଣରେ ମଧ୍ୟ ଏକ ମାଇଲଖୁଣ୍ଟର ସ୍ୱାକ୍ଷର ବହନ କରିବ। ଏହାସହ ସେ ନବଦମ୍ପତ୍ତିଙ୍କୁ ସୁଖମୟ ଓ ସମୃଦ୍ଧ ଜୀବନ ପାଇଁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି।

ସେହିପରି ବାରିପଦା ବିଧାୟକ ପ୍ରକାଶ ସୋରେନ ତାଙ୍କ ଅଭିଭାଷଣରେ ଏହି ଯୋଜନାକୁ ସମାଜ ପାଇଁ ଏକ ଦୃଷ୍ଟାନ୍ତମୂଳକ ପଦକ୍ଷେପ ବୋଲି ବର୍ଣ୍ଣନା କରି ସମୂହ ବିବାହ ପ୍ରଥା ଦ୍ୱାରା ଅନାବଶ୍ୟକ ଖର୍ଚ୍ଚ କମିଥାଏ ଓ ସମାଜରେ ସାମାଜିକ ସମାନତା ବୃଦ୍ଧି ପାଏ ବୋଲି କହିଛନ୍ତି।

ଆଜିର ଏହି ବିବାହ ବନ୍ଧନରେ ଆବଦ୍ଧ ହୋଇଥିବା ଦମ୍ପତିଙ୍କୁ "ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା" ଅନୁସାରେ ପ୍ରତ୍ୟେକ କନ୍ୟାଙ୍କୁ ସରକାର ପକ୍ଷରୁ ୬୦,୦୦୦ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଉଛି। ଏଥିରୁ ୪୫,୦୦୦ ଟଙ୍କା ଡିବିଟି ମାଧ୍ୟମରେ ସିଧାସଳଖ ଭାବରେ କନ୍ୟାଙ୍କ ବ୍ୟାଙ୍କ ଖାତାରେ ଜମା ହେଉଛି ଓ ଅବଶିଷ୍ଟ ୧୫,୦୦୦ ଟଙ୍କା ବିବାହ ସମ୍ପର୍କିତ ଆନୁସଙ୍ଗିକ ବ୍ୟବସ୍ଥା ପାଇଁ ଆର୍.ଡି.ଏ.ସିକୁ ପ୍ରଦାନ କରାଯାଉଛି ।

## ନବରଙ୍ଗପୁରରେ ୨୮ ଜଣ ଦମ୍ପତିଙ୍କ ସାମୂହିକ ବିବାହ ସମ୍ପନ୍ନ




**ନବରଙ୍ଗପୁର,୨୧।୪ (ସଂଚାର ବ୍ୟୁରୋ):** ଜିଲ୍ଲା ପ୍ରଶାସନ ଏବଂ ମହିଳା ଓ ଶିଶୁ ବିକାଶ ବିଭାଗ ଆନୁକୂଲ୍ୟରେ ଆଜି ନବରଙ୍ଗପୁର ସହର ସ୍ଥିତ ଡଲଫିନ ରିଶୋର୍ଟ ଠାରେ 'ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା' ଅନ୍ତର୍ଗତ ସାମୂହିକ ବିବାହ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ୨୮ ଜଣ ବର ବଧୂଙ୍କ ଶୁଭ ବିବାହ ସମ୍ପନ୍ନ ହୋଇଛି । ଓଡିଆ ରୀତିନୀତି ଏବଂ ଗାୟତ୍ରୀ ମନ୍ତ୍ର ଉଚ୍ଚାରଣ ଅନୁଯାୟୀ ଆୟୋଜିତ ଏହି ପବିତ୍ର କାର୍ଯ୍ୟକ୍ରମରେ ଜିଲ୍ଲାର ଆର୍ଥିକ ଦୁର୍ବଳ ଶ୍ରେଣୀର ଯୋଗ୍ୟ ଦମ୍ପତିମାନେ ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି।

କାର୍ଯ୍ୟକ୍ରମରେ ମାନ୍ୟବର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନବ ଦମ୍ପତ୍ତିଙ୍କୁ ଆଶୀର୍ବାଦ କରିଥିଲେ ଏବଂ ୪୫୦୦୦ ଟଙ୍କା ସହାୟତା ରାଶି ଚେକ୍ ମାଧ୍ୟମରେ ପ୍ରଦାନ କରିଥିଲେ। ଏହି ବିବାହ ଉତ୍ସବରେ ମାନ୍ୟବର ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଗୌରୀ ଶଙ୍କର ମାଝୀ ଜିଲ୍ଲାପାଳ ଡ ମହେଶ୍ୱର ସ୍ୱାଇଁ,ଆରକ୍ଷୀ ଅଧିକ୍ଷକ ମଡକର ସନ୍ଦୀପ ସମ୍ପଦ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ )ତପନ କୁମାର ଖୁଣ୍ଟିଆ,ପୌରପାଳିକା ଅଧ୍ୟକ୍ଷ କୁନୁ ନାୟକ, ମୁଖ୍ୟ ଉନ୍ନୟନ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋଜ ବେହେରା, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସୁରେଶ ପଟ୍ଟନାୟକ, ବୁଦ୍ଧିଜୀବୀ, ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଓଗଣମାଧ୍ୟମ ପ୍ରତିନିଧିମାନେ ଯୋଗଦାନ କରି ବିବାହ ଉତ୍ସବକୁ ସାଫଲ୍ୟମଣ୍ଡିତ କରିଥିଲେ।

## ଜିଲ୍ଲାସ୍ତରୀୟ କୃଷକ ଦିବସ ସମାରୋହ ପାଳନ




**ଡେରାବିଶ,୨୧।୪(ସଂଚାର ବ୍ୟୁରୋ):** ପବିତ୍ର ଅକ୍ଷୟତୃତୀୟ ତିଥି ଅବସରରେ ଡେରାବିଶ ବ୍ଲକ ଚାଟରାଚକଡ଼ା ପଞ୍ଚାୟତ ଅନ୍ତର୍ଗତ ଛତା ସ୍ଥିତ କୃଷକଭବନ ଠାରେ କେନ୍ଦ୍ରାପଡ଼ା ଜିଲ୍ଲା ଚାଷୀ ଶ୍ରମିକ ସଂଘ ପକ୍ଷରୁ ଆଜି କୃଷକ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ପୂର୍ବାହ୍ନରେ ସଂଘ କାର୍ଯ୍ୟାଳୟ ପରିସରରୁ ଅକ୍ଷିମୁଠୀକୁ ସଂକୀର୍ତ୍ତନ ଶୋଭାଯାତ୍ରାରେ ଛତାବଟ ମହାପୁରୁଷଙ୍କ ନିକଟକୁ ନିଆଯାଇ ପୂଜାର୍ଚ୍ଚନା କରାଯାଇଥିଲା। ପରେ ଏହି ପବିତ୍ର ଅକ୍ଷିମୁଠୀକୁ ସଂକୀର୍ତ୍ତନ ଶୋଭାଯାତ୍ରାରେ କ୍ଷେତକୁ ନିଆଯାଇ ଅକ୍ଷୟ ବୀଜକୁ ବପନ କରାଯାଇଥିଲା। ଏହି ଅବସରରେ ସଂଘର ସଭାପତି ପଣ୍ଡିତ ଶରତ ଚନ୍ଦ୍ର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ସଂଘର ମୁଖ୍ୟ ଉପଦେଷ୍ଟା ଇଂ କୁଳମଣି ପରିଡ଼ା, ମୁଖ୍ୟବକ୍ତା ଭାବେ ଡେରାବିଶ ବ୍ଲକର ପୂର୍ବତନ ଅଧ୍ୟକ୍ଷ ସରୋଜକାନ୍ତ ସାହୁ, ସମ୍ମାନିତ ଅତିଥିଭାବେ ଡେରାବିଶ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରଭାତି ମଳିକ, ଚାଟରାଚକଡ଼ା ସରପଞ୍ଚ ମମତା ରାଉତ, ଡେରାବିଶ ତହସିଲଦାର ସରୋଜକାନ୍ତ ନାୟକ ଯୋଗଦେଇ ଅକ୍ଷୟ ତୃତୀୟା ପର୍ବ ଉପରେ ଆଲୋକପାତ କରିବା ସହ କୃଷି ଓ କୃଷକଙ୍କ ପାଇଁ ଆଜିର ଦିନଟି ଏକ ମହତ୍ୱପୂର୍ଣ୍ଣ ଥିବା ଉପରେ ନିଜ ନିଜର ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୋନାଶିଷ ଜେନା, ଅଞ୍ଜନ ପଲେଇ, ବସନ୍ତ ପଲେଇ, ସମବାୟବିତ୍ ଗୌରାଙ୍ଗ ପ୍ରଧାନ, କମଳଲୋଚନ ମହାନ୍ତି, ମଦନମୋହନ ମହାନ୍ତି, ବିପିନ ବିହାରୀ ସାହୁ, ମଦନ ମୋହନ ମହାନ୍ତି, ମରୁତ କୁମାର ସାହୁ, ଅଭିମନ୍ୟୁ ରାଉତଙ୍କ ସମେତ ବହୁ ଚାଷୀ ଆଜି ଦିବସ ଉପରେ ନିଜ ନିଜର ବକ୍ତବ୍ୟ ରଖିଥିଲେ। ପ୍ରାରମ୍ଭରେ ସଂଘର ସମ୍ପାଦକ କୃତିବାସ ଦାସ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ବେଳେ ଲକ୍ଷ୍ମୀକାନ୍ତ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ୧୫ତମ ବାର୍ଷିକ ବାଦୀପାଲା ଉଦ୍‌ଘାଟିତ




**ମାର୍ଶାଘାଇ,୨୧।୪(ସଂଚାର ବ୍ୟୁରୋ):** ମାର୍ଶାଘାଇ ବ୍ଲକ ମଙ୍ଗରାଜପୁର ପଞ୍ଚାୟତ ଅନ୍ତର୍ଗତ ପୋତାରୀ ତ୍ରିନାଥଦେବଙ୍କ ମଣ୍ଡପରେ ତ୍ରିନାଥବଜାର ଆନୁକୂଲ୍ୟରେ ୧୫ତମ ବାର୍ଷିକ ବାଦୀପାଲା ପ୍ରତିବର୍ଷ ଭଳି ଅକ୍ଷୟତୃତୀୟାରେ ଉଦଘାଟିତ ହୋଇଯାଇଛି । ସୋମବାର ଉଦଘାଟନ ସଂନ୍ଧ୍ୟାରେ କଟକ ଜିଲ୍ଲା ତିଗିରିଆ ଅଂଚଳର ପ୍ରସିଦ୍ଧ ପାଲାଗାୟିକା ମନ୍ଦାକିନୀ ଝିନିରାଣୀ ରାଉତ ଓ ସାଥି ଏବଂ ଯାଜପୁର ଜିଲ୍ଲା ଖଡ଼ିଅଙ୍ଗ ମହାଦେଇପୁରର ପ୍ରସିଦ୍ଧ ଗାୟିକା ଗୁଣସାଗର ସୁଶ୍ରୀ କନକଲତା ସାମଲ ଏବଂ ସାଥି ରାମାୟଣର ବିଷୟବସ୍ତୁ ଉପରେ ପାଲା ପରିବେଷଣ କରିଥିଲେ । ନିକଟସ୍ଥ ପୋତାରୀ, ରତନପୁର, ମଧୁସୂଦନପୁର, ନଛିପଡା, ବଟିରା, ରାମଚନ୍ଦ୍ରପୁର, ଧନିଆପଡା, ନୂଆଗାଁ ଆଦି ଗ୍ରାମର ଶତାଧିକ ଦର୍ଶକ ଏବଂ ଶ୍ରୋତାମାନେ ଉପସ୍ଥିତ ରହି ପାଲା ଉପଭୋଗ କରିଥିଲେ। ତିନିରାତ୍ର ବ୍ୟାପି ଏହି ବାଦୀପାଲା ପରିବେଷଣ କରାଯାଇ ବୁଧବାର ରାତ୍ରିରେ ଉଦଯାପିତ ହେବାର କାର୍ଯ୍ୟକ୍ରମ ରହିଥିବା ତ୍ରିନାଥବଜାର କମିଟି ପକ୍ଷରୁ ସୂଚନା ମିଳିଛି ।

## କେନ୍ଦ୍ର ସରକାରଙ୍କ ପେନସନ ମାରଣ ନୀତି ବିରୋଧରେ ଦାବିପତ୍ର



**ମାହାଙ୍ଗା,୨୧।୪ (ସଂଚାର ବ୍ୟୁରୋ):** ଜାତୀୟ ଦାବୀ ଦିବସ ଅବସରରେ କେନ୍ଦ୍ର ସରକାରଙ୍କ ପେନସନର ମାରଣ ନୀତିକୁ ବିରୋଧ କରି ଅଖିଳ ଭାରତ ରାଜ୍ୟ ସରକାରୀ ପେନସନର ମହାସଂଘ ଆହ୍ୱାନ କ୍ରମେ ଓ ଓଡ଼ିଶା ରାଜ୍ୟ ଅବସରପ୍ରାପ୍ତ କର୍ମଚାରୀ ମହାସଂଘଙ୍କ ନିଷ୍ପତି କ୍ରମେ ଆଜି ମାହାଙ୍ଗା ମଣ୍ଡଳ ଅଧିନ ଅବସରପ୍ରାପ୍ତ କର୍ମଚାରୀ ସଂଘ ପକ୍ଷରୁ ମାହାଙ୍ଗା ବିଡିଓଙ୍କ ଜରିଆରେ ଭାରତର ପ୍ରଧାନମନ୍ତ୍ରୀ ଓ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କୁ ୧୦ ଦଫା ଦାବୀ ସମ୍ବଳିତ ଦାବୀ ପତ୍ର ପ୍ରଦାନ କରାଯାଇଛି। ଶିକ୍ଷାବିତ କୈଳାସ ଚନ୍ଦ୍ର ବଳବନ୍ତରାୟ ଓ ଶିକ୍ଷାବିତ ମାଧବ ଚନ୍ଦ୍ର ପଣ୍ଡାଙ୍କ ନେତୃତ୍ୱରେ ବହୁ ଅବସରପ୍ରାପ୍ତ କର୍ମଚାରୀ କୁଆଁପାଳ ବଜାର ସ୍ଥିତ ମା ତାରିଣୀ ଛକଠାରୁ ଏକ ଶୋଭାଯାତ୍ରାରେ ବାହାରି ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ବିଡିଓ ତିଲୋତମା ପୃଷ୍ଟିଙ୍କୁ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବୀ ପତ୍ର ପ୍ରଦାନ କରିଥିଲେ। ବିଶେଷ କରି ସ୍ୱାସ୍ଥ୍ୟ ଭତା, ୬୫ ବର୍ଷ ପୂରଣରେ ଅତିରିକ୍ତ ଭତା, ଅଷ୍ଟମ ବେତନର ଦରମା ସମୀକରଣର ପୁନଃ ନିର୍ଦ୍ଧାରଣ, କମ୍ୟୁଟେସନର ଅବଧି ୧୫ ବର୍ଷ ପରିବର୍ତ୍ତେ ୧୦ ବର୍ଷ ୮ ମାସ କରାଯାଉ, ନୂତନ ପେନସନ ଯୋଜନା ପରିବର୍ତ୍ତେ ପୁରାତନ ପେନସନ କାର୍ଯ୍ୟକାରୀ କରାଯାଉ, ସର୍ବନିମ୍ନ ପେନସନ ୯ ହଜାରରୁ ଅଧିକ, କରୋନା ସମୟରେ ୧୮ ମାସର ବକେୟା ବର୍ଦ୍ଧିତ ଭତା ଆଦି ଦାବୀ ପତ୍ର ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅଜୟ କୁମାର ସେନାପତି, ହୃଷିକେଶ ବେହେରା, ଅକ୍ଷୟ ସାହୁ, ପରମାନନ୍ଦ ସାହୁ, ଧରଣୀଧର ବେହେରା, ଉମେଶ ରାଉତ, ଜୀବନାନନ୍ଦ ଜେନା, ଭକ୍ତ ନାରାୟଣ ସାହୁ, କେଶବ ବେହୁରା, ଅଜୟ କୁମାର ସ୍ୱାଇଁ, କୃପାସିନ୍ଧୁ ମହାନ୍ତି, ପୂର୍ଣ୍ଣଚନ୍ଦ୍ର ନାୟକ, ରବୀନ୍ଦ୍ର ନାଥ ମହାପାତ୍ର, ଅଲେଖ ଚନ୍ଦ୍ର ଦାସ, ଦେବେନ୍ଦ୍ର ନାଥ ମହାନ୍ତି, ଅନନ୍ତ ଚରଣ ସାହୁଙ୍କ ସମେତ ବହୁ ଅବସରପ୍ରାପ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## ଜନଗଣନା କାର୍ଯ୍ୟର ପରିଦର୍ଶନ କଲେ ନିର୍ଦ୍ଦେଶକ ନିଖିଲ ପବନ କଲ୍ୟାଣ



**ଢେଙ୍କାନାଳ, ୨୧।୪ (ସଂଚାର ବ୍ୟୁରୋ):** ଓଡ଼ିଶା ଜନଗଣନା ବିଭାଗର ନିର୍ଦ୍ଦେଶକ ଶ୍ରୀଯୁକ୍ତ ନିଖିଳ ପବନ କଲ୍ୟାଣ ଢେଙ୍କାନାଳ ଜିଲ୍ଲାରେ ଜନଗଣନା କାର୍ଯ୍ୟକ୍ରମର ଅଗ୍ରଗତି ଅନୁଧ୍ୟାନ କରିବା ପାଇଁ ପରିଦର୍ଶନରେ ଆସିଥିଲେ। ଜନଗଣନା କାର୍ଯ୍ୟ କିପରି ସୁଚାରୁରୂପେ ଚାଲିଛି, ତାହା ପରଖିବା ସହ କ୍ଷେତ୍ରସ୍ତରରେ କାର୍ଯ୍ୟରତ ଅଧିକାରୀଙ୍କ ସହ ସେ ଆଲୋଚନା କରିଥିଲେ।

ଏହି ପରିଦର୍ଶନ ସମୟରେ ନିର୍ଦ୍ଦେଶକଙ୍କ ସହିତ ଢେଙ୍କାନାଳର ଅତିରିକ୍ତ ଜିଲ୍ଲାପାଳ ସାଧାରଣ ଶ୍ରୀ ରମେଶ ଚନ୍ଦ୍ର ସେଠି ସଦର ଉପାଜିଲ୍ଲାପାଳ ଶ୍ରୀ ବିବୁଧ ଗଡ଼ନାୟକ , ଡେପୁଟି କଲେକ୍ଟର (ସେନସସ୍) ଶ୍ରୀ ପ୍ରସନ୍ନ କୁମାର ପଣ୍ଡା ଏବଂ ସଦର ତହସିଲଦାର ଶ୍ରୀ ସ୍ୱାଧୀନ କୁମାର ବେହେରା ପ୍ରମୁଖ ଉପସ୍ଥିତ ରହିଥିଲେ। ଏଥିସହ ରାଜ୍ୟ ଜନଗଣନା ବିଭାଗର ଦୁଇ ପ୍ରତିନିଧି ପରିଦର୍ଶନରେ ସାମିଲ ହୋଇଥିଲେ।

ନିର୍ଦ୍ଦେଶକ ଶ୍ରୀ କଲ୍ୟାଣ ଜିଲ୍ଲାର ବିଭିନ୍ନ ସ୍ଥାନରେ ଘର ଘର ବୁଲି ଜନଗଣନା କାର୍ଯ୍ୟକୁ ଅତି ନିକଟରୁ ଦେଖିଥିଲେ। ଏହି ଅବସରରେ ସେ କାର୍ଯ୍ୟରତ ଏନୁମେରେଟର ଏବଂ ସୁପରଭାଇଜର ମାନଙ୍କ ସହିତ ସିଧାସଳଖ କଥାବାର୍ତ୍ତା କରିଥିଲେ ଏବଂ ସେମାନଙ୍କ ଅନୁଭୂତି ତଥା ସମସ୍ୟା ବିଷୟରେ ପଚାରି ବୁଝିଥିଲେ। ଜନଗଣନା କାର୍ଯ୍ୟକୁ ଠିକ୍ ସମୟରେ ଓ ନିର୍ଭୁଲ ଭାବେ ସମାପ୍ତ କରିବା ପାଇଁ ସେ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ।

## ଯୁବକଙ୍କ ମୃତଦେହ ଉଦ୍ଧାର



**ସୁନ୍ଦରଗଡ଼, ୨୧।୪ (ସଂଚାର ବ୍ୟୁରୋ):** ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ଥାନା ଅନ୍ତର୍ଗତ ଚୁନିପଡା କିନାଲି ଟୁଙ୍ଗରି ଅଞ୍ଚଳରେ ଆଜି ସକାଳେ ଏକ ରହସ୍ୟମୟ ମୃତ୍ୟୁ ଘଟଣା ସମଗ୍ର ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। କୁତ୍ରା ଗ୍ରାମର ବାବୁଲି ଟପ୍ପୋଙ୍କ ୨୫ ବର୍ଷୀୟ ପୁଅ ସୁମିତ ଟପ୍ପୋଙ୍କ ମୃତଦେହ ଏକ ମହୁଲ ଗଛ ମୂଳରୁ କୁତ୍ରା ପୁଲିସ୍ ଉଦ୍ଧାର କରିଛି। ସୁମିତଙ୍କ ମୃତ୍ୟୁକୁ ନେଇ ଏବେ ଅନେକ ପ୍ରଶ୍ନ ଉଠିଛି। ଗତକାଲି ରାତିରେ ଅଞ୍ଚଳରେ ବଜ୍ରପାତ ସହ ବର୍ଷା ହୋଇଥିବାରୁ କେହି କହୁଛନ୍ତି ଯେ ବଜ୍ରାଘାତରେ ସୁମିତଙ୍କ ମୃତ୍ୟୁ ଘଟିଛି। କିନ୍ତୁ ଅନ୍ୟପଟେ ଘଟଣାସ୍ଥଳର ପରିସ୍ଥିତି ହତ୍ୟା ସନ୍ଦେହ ସୃଷ୍ଟି କରୁଛି। ମୃତଦେହର ମୁଣ୍ଡରେ ଆଘାତ ଚିହ୍ନ ଥିବା ସହ ରକ୍ତ ବାହାରିଥିବା ଦେଖାଯାଇଛି। ସେଥିସହିତ ତାଙ୍କ ସାର୍ଟ ଓ ଜୋତା ଖୋଲା ଅବସ୍ଥାରେ ପଡ଼ିଥିଲା ଏବଂ ମୋବାଇଲ ଫୋନ୍‌ଟି ଭାଙ୍ଗି ଘଟଣାସ୍ଥଳରେ ମିଳିଥିଲା। ଏହି ସବୁ ପରିସ୍ଥିତି ଦେଖି ସ୍ଥାନୀୟ ଲୋକମାନେ ଏହାକୁ ହତ୍ୟା ଘଟଣା ବୋଲି ସନ୍ଦେହ କରୁଛନ୍ତି।

ସବୁଠାରୁ ବଡ଼ ପ୍ରଶ୍ନ ହେଉଛି ସୁମିତ ରାତିରେ କାହିଁକି ଏହି ନିର୍ଜନ ସ୍ଥାନକୁ ଯାଇଥିଲେ? ତାଙ୍କ ସହ ଆଉ କେହି ଥିଲେ କି? ଏହା ପ୍ରକୃତରେ ବଜ୍ରଘାତ ଜନିତ ମୃତ୍ୟୁ ନା କୌଣସି ଯୋଜନାବଦ୍ଧ ହତ୍ୟା ତାହା ପୋଷ୍ଟମର୍ଟମ୍ ରିପୋର୍ଟ ପରେ ସ୍ପଷ୍ଟ ହେବ। ଘଟଣା ସମ୍ପର୍କରେ ଖବର ପାଇ କୁତ୍ରା ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ଶବକୁ ଜବତ କରିଥିବା ସହ ତଦନ୍ତ ଆରମ୍ଭ କରିଛି। ପୋଲିସ୍‌ର ତଦନ୍ତ ପରେ ଘଟଣାର ପ୍ରକୃତ କାରଣ ସାମ୍ନାକୁ ଆସିବ ବୋଲି ଆଶା କରାଯାଉଛି।

# ସାକ୍ଷୀ ଗୋପୀନାଥଙ୍କ ଚନ୍ଦନ ଯାତ୍ରା ଆରମ୍ଭ



**ସତ୍ୟବାଦୀ, ୨୧।୪ (ସଂଚାର ବ୍ୟୁରୋ):** ପବିତ୍ର ଅକ୍ଷୟ ତୃତୀୟା ଆବସରରେ ସାକ୍ଷୀଗୋପାଳ ଠାକୁରଙ୍କ ୨୧ ଦିନବ୍ୟାପି ଚନ୍ଦନ ଯାତ୍ରା ଶୁକ୍ରବାର ଆରମ୍ଭ ହୋଇଛି। ଦୈନନ୍ଦିନ ଦେବନୀତି ସହିତ ସାକ୍ଷୀଗୋପାଳ ଠାକୁରଙ୍କ ଚନ୍ଦନ ଚର୍ଚ୍ଚିତ ବେଶରେ ଦର୍ଶନ ଦେଇଥିଲେ। ଚନ୍ଦନ ବେଢ଼ା, ଆଲଟଲାଗି, ପଣାଭୋଗ, ଜାତ ଭୋଗ, ଉପଚାର ପରେ ବିଜେ ପ୍ରତିମା ମଦନ ମୋହନ ବିମାନକୁ ବିଜେ କରିଥିଲେ। ଚନ୍ଦନ ମଣ୍ଡପରେ ସଂସ୍କାର ହୋମ କରାଯାଇଥିଲା। ଛତି, ତ୍ରାସ, ଓ୍ୱୈରେଖ, ଘଣ୍ଟ କାହାଳୀ, ତେଲିଙ୍ଗି ବାଜା ବଜାଇ ହରିରାମ ସଂକୀର୍ତ୍ତନ ସହ ବିଜେ ପ୍ରତିମା ମଦନମୋହନଙ୍କୁ ବିମାନ ରେ ଚନ୍ଦନ ମଣ୍ଡପ କୁ ଅଣାଯାଇଥିଲା। ମଣିଜଳ ଲାଗି ନୀତି କରାଯାଇ ମଦନ ମୋହନଙ୍କୁ ପୁଜାପଣ୍ଡା ଓ ସିଂହାରୀ ସେବକ ଚାପକୁ ବିଜେ କରିବା ପରେ ଦିନ ଚାପଖେଳ ଅପରାହ୍ନ ପରିବର୍ତ୍ତେ ନୀତି ବିଳମ୍ବ ଯୋଗୁଁ ଦିନ ଚାପ ସନ୍ଧ୍ୟାରେ ଅନୁଷ୍ଠିତ ହୋଇଥିଲା।

ଚନ୍ଦନସ୍ନାନ, ବେଶ, ଟାହିଆ ଲାଗି, ଜାତଭୋଗ ସହିତ ପରମ୍ପରା କ୍ରମେ ସନ୍ଧ୍ୟାରେ ଗୋଟିପୁଅ ନୃତ୍ୟ ପରିବେଷଣ କରାଯାଇଥିଲା। ରାତି ଚାପଖେଳ ସରିବା ପରେ ପନ୍ତିଭୋଗ ଓ ପଟୁଆଳରେ ଠାକୁର ମନ୍ଦିର କୁ ଫେରିଥିଲେ। ଏଥିପାଇଁ ମନ୍ଦିର ପ୍ରଶାସନ ପକ୍ଷରୁ ବିଜେ ଦାଣ୍ଡରେ ଛାମୁଣ୍ଡିଆ, ଚନ୍ଦନ ପୋଖରୀ ରେ ଚାପ ଡଙ୍ଗା ପ୍ରସ୍ତୁତ, ସଫେଇ କାମ ସହ ବିମାନ, ଚାପ ମଣ୍ଡଳୀ ଓ ରୁପା ପାରା, କଳସ, ଚକ୍ର ନୂଆ କରାଯାଇଛି। ରଙ୍ଗ ବେରଙ୍ଗ ଫୁଲ ହାର ରେ ବିମାନ ଓ ଚାପ ଆକର୍ଷଣୀୟ ଭାବରେ ସଜ୍ଜିତ କରାଯାଇଥିଲା।

# ସାମୂହିକ ବ୍ରତୋପନୟନ ମହାଡ଼ମ୍ବରରେ ଅନୁଷ୍ଠିତ



**ସୁନ୍ଦରଗଡ଼, ୨୧।୪ (ସଂଚାର ବ୍ୟୁରୋ):** ଜିଲ୍ଲାରେ ରାଜପତ କ୍ଷତ୍ରିୟ ସମାଜ ପକ୍ଷରୁ ଏକ ଭବ୍ୟ ସାମୂହିକ ବ୍ରତୋପନୟନ କାର୍ଯ୍ୟକ୍ରମ ଧାର୍ମିକ ମାହୋଲ ମଧ୍ୟରେ ଧୁମଧାମରେ ଅନୁଷ୍ଠିତ ହୋଇଯାଇଛି। ସୁନାରିପଡା ସ୍ଥିତ ଭାଗବତ ମନ୍ଦିର ପରିସରରେ ଆୟୋଜିତ ଏହି ପବିତ୍ର ଅବସରରେ ପାରମ୍ପରିକ ରୀତିନୀତି ଓ ବୈଦିକ ପଦ୍ଧତିରେ ବ୍ରତୋପନୟନ ସଂସ୍କାର ସମ୍ପନ୍ନ କରାଯାଇଥିଲା। ସମାଜର ସଭାପତି ରାଜୁ ଠାକୁରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୧୨ ଜଣ କୁମାରଙ୍କୁ ବୈଦିକ ମନ୍ତ୍ରୋଚ୍ଚାରଣ ମଧ୍ୟରେ ବ୍ରତୋପନୟନ କରାଯାଇଥିଲା। କାର୍ଯ୍ୟକ୍ରମରେ ସମାଜର ବହୁ ସଦସ୍ୟ, ଅଭିଭାବକ ଓ ସ୍ଥାନୀୟ ଶ୍ରଦ୍ଧାଳୁମାନେ ବିଯୋଗଦେଇ ନବଦୀକ୍ଷିତ ମାନଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ।

ଏହି ଅବସରରେ ସୁନ୍ଦରଗଡ଼ ରାଜା ଭାରତେନ୍ଦ୍ର ଶେଖର ଦେଓ ଓ ତାଙ୍କ ଧର୍ମପତ୍ନୀ, ସଦର ବିଧାୟକ ଯୋଗେଶ କୁମାର ସିଂ, ଜିଲ୍ଲା କଂଗ୍ରେସ ସଭାପତି ନିର୍ମଳ ନାଏକ ସହିତ ଅନେକ ଗଣମାନ୍ୟ ବ୍ୟକ୍ତି ଯୋଗଦେଇଥିଲେ। ସେମାନେ ଏହି ପରମ୍ପରାଗତ କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରି ସମାଜର ଏକତା ଓ ସଂସ୍କୃତିକ ମୂଲ୍ୟବୋଧକୁ ଆଗକୁ ନେବାରେ ଏହାର ଭୂମିକାକୁ ଉଲ୍ଲେଖ କରିଥିଲେ।

ସମାଜର ସଭାପତିଙ୍କ କହିବାନୁସାରେ, ଏହି ପରି ସାମୁହିକ ବ୍ରତୋପନୟନ ମାଧ୍ୟମରେ ନୂତନ ପିଢ଼ୀକୁ ପରମ୍ପରା ଓ ସଂସ୍କୃତି ସହିତ ଯୋଡ଼ି ରଖାଯାଇ ପାରିବ। ଆଗାମୀ ଦିନରେ ସମାଜ ପକ୍ଷରୁ ଏହିପରି ଅନେକ ସାମାଜିକ ଓ ଧାର୍ମିକ କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି ସେ କହିଛନ୍ତି।

# ମୟୂର ସାହିତ୍ୟ ସଂସଦର ସ୍ୱନକ୍ଷତ୍ର ଦିବସ ପାଳିତ



**ବେତନଟୀ,୨୧।୪ (ସଂଚାର ବ୍ୟୁରୋ):** ପବିତ୍ର ଅକ୍ଷୟ ତୃତୀୟା ଅବସରରେ ମୟୂରଭଞ୍ଜର ଅଗ୍ରଣୀ ସାରସ୍ୱତ ସଂଗଠନ ମୟୂର ସାହିତ୍ୟ ସଂସଦ, ବେତନଟୀର ୩୧ତମ ସ୍ୱନକ୍ଷତ୍ର ଦିବସ ସ୍ଥାନୀୟ ଧର୍ମଶାଳା ପରିସରରେ ସଂସଦର ସଭାପତି କବି ଭାସ୍କର ଦ୍ୱିବେଦୀଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇ ଯାଇଛି। ଏହି ଉଦ୍ଦେଶ୍ୟରେ ଆୟୋଜିତ ସଭାର ପ୍ରାରମ୍ଭରେ ସଂସଦର ସଂପାଦକ ଯତୀନ୍ଦ୍ରନାଥ ସାହୁ ଅତିଥିମାନଙ୍କୁ ସ୍ୱାଗତ କରିବା ସହିତ ଅଦ୍ୟ ଦିବସ। ସଭାପତି ଭାସ୍କର ଦ୍ୱିବେଦୀ ଅକ୍ଷୟ ତୃତୀୟାରେ ଜନ୍ମ ନେଇଥିବା ମୟୂର ସାହିତ୍ୟ ସଂସଦ କିପରି କାଳଜୟୀ ଭୂମିକା ଗ୍ରହଣ କରୁଛି ତାହା ପ୍ରକାଶ କରିଥିଲେ। ପତ୍ରିକା ସଂପାଦକ ନୀରଦ ସୁନ୍ଦର ଜେନା କାର୍ଯ୍ୟକ୍ରମ ପରିଚାଳନା କରିବା ସହିତ ସଂସଦର କିଛି ସମସ୍ୟା ଉପରେ ଆଲୋକପାତ କରିଥିଲେ ।

ମୁଖ୍ୟ ଅତିଥି ରୂପେ ଅବସରପ୍ରାପ୍ତ ପ୍ରାଧ୍ୟାପିକା ଉଷା ଶତପଥି ଯୋଗଦାନ କରି ବେତନଟୀ ଅଞ୍ଚଳର ସାରସ୍ୱତ ଗୌରବ ବୃଦ୍ଧିରେ ସଂସଦର ଭୂମିକା ଉପରେ ଆଲୋକପାତ କରିଥିଲେ । ମୁଖ୍ୟ ବକ୍ତା କଇଁଫୁଲ ଶିଶୁ ପତ୍ରିକାର ସଂପାଦକ ପର୍ଶୁରାମ ସାହୁ ସଂସଦ ଦୀର୍ଘ ୩୦ ବର୍ଷ ମଧ୍ୟରେ ସମଗ୍ର ଓଡ଼ିଶାରେ କିପରି ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି ତାହା ନିଜର ଅନୁଭୂତି ମାଧ୍ୟମରେ ଉପସ୍ଥାପନ କରିଥିଲେ । ସଂସଦର ପୂର୍ବତନ ସଭାପତି କବି ସଙ୍ଗମର ଅଧ୍ୟକ୍ଷ ବାସୁଦେବ ନାପିତ ସଂସଦର ଜନ୍ମ ବୃତାନ୍ତ ସଂପର୍କରେ ବକ୍ତବ୍ୟ ରଖିଥିଲା ବେଳେ ପୂର୍ବତନ ସଂପାଦକ ବିଜୟ କୁମାର ଦ୍ୱିବେଦୀ ସଂସଦର ଅତୀତ କାର୍ଯ୍ୟକ୍ରମ ମାନଙ୍କର ଗୌରବମୟ ସ୍ମୃତି ଉପସ୍ଥାପନ କରିଥିଲେ। ସଂସଦର ଉପସଭାପତି ଗୌତମଚନ୍ଦ୍ର ବେହେରା ଏବଂ ସହଦେବ ଗିରି ଅକ୍ଷୟ ତୃତୀୟାର ମହତ୍ତ୍ୱ ବର୍ଣ୍ଣନା କରିଥିଲେ ।

ଅନ୍ୟମାନଙ୍କ ମଧ୍ୟରେ ଦୀଘାରୁ ଆସିଥିବା ଯୁବକବି ସତ୍ୟ ସୁନ୍ଦର ସାମନ୍ତ, କବି ପ୍ରଭାକର ସାହୁ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। କବୟିତ୍ରୀ ସୌଦାମିନୀ ପଣ୍ଡା, ପ୍ରଗତିବାଦୀର ସାମ୍ବାଦିକ ହରିଶ୍ଚନ୍ଦ୍ର ନନ୍ଦ ଗୋସ୍ୱାମୀ, ଦୁର୍ଯ୍ୟୋଧନ ସିଂ ଆଲୋଚନାରେ ଅଂଶ ଗ୍ରହଣ କରିଥିଲା ବେଳେ କମଳ ଲୋଚନ କର ବିଶେଷ ସହଯୋଗ କରିଥିଲେ ।

# ସିଏମ୍ ଟ୍ରଫି ଫୁଟବଲ୍ ଉଦ୍‌ଘାଟିତ




**ଯାଜପୁର ରୋଡ୍,୨୧।୪(ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲା ଆଥଲେଟିକ୍ ଆସୋସିଏସନ୍ ଆନୁକୂଲ୍ୟରେ ଓଡ଼ିଶା ସରକାର ଏବଂ ଫାଓ ସହଯୋଗରେ ଅନ୍ତ କ୍ଲବ୍ ସ୍ତରୀୟ ୧୪ ବର୍ଷରୁ କମ୍ ସି.ଏମ୍ ଟ୍ରଫି ଫୁଟବଲର ଦ୍ୱିତୀୟ ସଂସ୍କରଣ ବ୍ୟାସନଗର ଷ୍ଟାଡ଼ିୟମ ଠାରେ ଚଳିତ ମାସ ୨୦ ତାରିଖରୁ ଉଦଘାଟିତ ହୋଇଅଛି । ଉଦଘାଟନୀ ଉତ୍ସବରେ ବ୍ୟାସନଗର ମ୍ୟୁନିସିପାଲିଟିର ଭାରପ୍ରାପ୍ତ ନଗରପାଳ ଶ୍ରୀ ସୁବାସ ବଳ ଏବଂ ଜିଲ୍ଲା କ୍ରୀଡ଼ା ଅଧିକାରୀ ଶ୍ରୀ ଫକିର ମୋହନ ଟୁଡୁ ଉପସ୍ଥିତ ରହି କ୍ଲବ୍ ମାନଙ୍କୁ କିଟ୍ ପ୍ରଦାନ କରିବା ସହିତ ଖେଳକୁ ଶୁଭାରମ୍ଭ କରିଥିଲେ ।

ପ୍ରଥମ ମ୍ୟାଚ୍‌ରେ ବାଘୁଆପାଳ ଫୁଟବଲ କ୍ଲବ୍ ୪-୦ ଗୋଲରେ ସୁକିନ୍ଦା ଫୁଟବଲ ପରାସ୍ତ କରିଥିବା ବେଳେ, ଦ୍ୱିତୀୟ ମ୍ୟାଚ୍‌ରେ ଦକ୍ଷିଣ ପଶି ଏଫ.ସି, ୨-୧ ଗୋଲରେ ତ୍ରିଜଙ୍ଗା ଏଫ.ସି.କୁ ପରାସ୍ତ କରିଥିଲେ । ରେଫରୀ ଭାବରେ ଫାଓ ରେଫରୀ ଶିବ ଡ଼ାଙ୍ଗିଲ, ମୁନ୍ ମୁନ୍ ସାମାଡ଼, ଲିଟୁ ହେମ୍ବ୍ରମ, ଉପେନ୍ଦ୍ର ଡ଼ାଙ୍ଗିଲ, ରାମ ବାଲାଇ ବେଶ୍ରା ମ୍ୟାଚ୍ ପରିଚାଳନା କରିଥିବା ବେଳେ ବୁଦ୍ଧିରାମ କେରାଇ ମ୍ୟାଚ୍ କମିଶନର ଭାବେ ଦାୟିତ୍ୱ ତୁଲାଇଥିଲେ। କ୍ରୀଡ଼ା ସଂସଦର ସଦସ୍ୟଗଣଙ୍କ ସହିତ ବନ୍ଧୁ ସାମାଡ଼, ଶଙ୍କର ହେମ୍ବ୍ରମ୍ , ବୁଟଲୁ ବଦରା, ରାମ, ଗୁରୁ ହେମ୍ବ୍ରମ୍ ସହଯୋଗ କରିଥିବାର ନେଇ ସାଧାରଣ ସମ୍ପାଦକ ସମ୍ବିତ ମହାନ୍ତି ସୂଚନା ପ୍ରଦାନ କରଛନ୍ତି ।





# ଗ୍ରୀଷ୍ମ ଋତୁରେ ଜ୍ୱର ଓ ପେଟ ଯନ୍ତ୍ରଣାରେ ଚିନ୍ତିତ କି ?



ବର୍ଷର ଏହି ସମୟରେ ଖାଦ୍ୟ ଏବଂ ଜଳଜନିତ ରୋଗ ଦ୍ରୁତ ଗତିରେ ବୃଦ୍ଧି ପାଏ। ଏଥିରେ ପାଗ ଏକ ପ୍ରମୁଖ ଭୂମିକା ଗ୍ରହଣ କରେ। ଡକ୍ଟର ସୌରଦୀପଙ୍କ ଅନୁସାରେ ଗରମ ଏବଂ ଆର୍ଦ୍ରତାର ମିଶ୍ରଣ ବ୍ୟାକ୍ଟେରିଆ ଓ ଭାଇରସ ପାଇଁ ସବୁଠାରୁ ଅନୁକୂଳ ପରିବେଶ ସୃଷ୍ଟି କରେ। ଏହାର ଅର୍ଥ ହେଉଛି ଆମେ ଯେଉଁ ପାଗକୁ ଅସହଜ ମନେ କରୁ ତାହା ସେମାନଙ୍କର ବୃଦ୍ଧି ପାଇଁ ଉପଯୁକ୍ତ। ସେମାନେ ଶରୀରରେ ପ୍ରବେଶ କରିବା ମାତ୍ରେ ଆପଣଙ୍କର ପାଚନ ପ୍ରଣାଳୀ ପ୍ରଥମେ ପ୍ରଭାବିତ ହୁଏ। ଏହା ପେଟରୁ ଆରମ୍ଭ ହୁଏ, ଏବଂ ବାନ୍ତି, ବାନ୍ତି, ପେଟ ଦରଜ, ଝାଡ଼ା, ଗ୍ୟାସ୍ ଏବଂ ଫୁଲିବା ଭଳି ସମସ୍ୟା ଦେଖାଦିଏ। ଏହି ଅବସ୍ଥା ବହୁତ କଷ୍ଟଦାୟକ ଏବଂ ଏହାକୁ ଅଣଦେଖା କରିବା ଉଚିତ୍ ନୁହେଁ। ପ୍ରକୃତ ସମସ୍ୟା ସେତେବେଳେ ଉପୁଜେ ଯେତେବେଳେ ବାନ୍ତି ଏବଂ ଝାଡ଼ା ଶରୀରରୁ ଦ୍ରୁତ ଜଳ ହ୍ରାସ ପାଏ, ଯାହା ଫଳରେ ନିର୍ଜଳନ ହୁଏ। ଡିହାଇଡ୍ରେସନ୍ କେବଳ ଶୋଷ ନୁହେଁ, ଏହା ଶରୀରର ସାମଗ୍ରିକ ସନ୍ତୁଳନକୁ ବ୍ୟାହତ କରେ। ଏହା ଜ୍ୱର ଓ ମୁଣ୍ଡବିନ୍ଧା ସୃଷ୍ଟି କରିପାରେ। ଶରୀର ସଂକ୍ରମଣ ସହିତ ଲଢ଼ିବାକୁ ଚେଷ୍ଟା କରେ କିନ୍ତୁ ଯେତେବେଳେ ପାଣି ଓ ଇଲେକ୍ଟ୍ରୋଲାଇଟ୍ସ ହ୍ରାସ ପାଏ ସେତେବେଳେ ସୁସ୍ଥ ହେବା ଅଧିକ କଷ୍ଟକର ହୋଇଯାଏ। ମୁଣ୍ଡବିନ୍ଧା ଅଧିକ ସମୟ ପର୍ଯ୍ୟନ୍ତ ରହିପାରେ ଏବଂ ଦୁର୍ବଳତା ଆହୁରି ବଢ଼ିପାରେ। ଏହି ସମୟରେ କିଛି ଲୋକ ଅଧିକ ବିପଦରେ ଥାଆନ୍ତି। ପିଲା, ବୃଦ୍ଧ ଏବଂ ଦୁର୍ବଳ ପ୍ରତିରକ୍ଷା ପ୍ରଣାଳୀ ଥିବା ବ୍ୟକ୍ତିମାନଙ୍କୁ ବିଶେଷ ସତର୍କତା ଅବଲମ୍ବନ କରିବାକୁ ପଡିବ। ଏହା ବ୍ୟତୀତ, ଯେଉଁମାନେ ବାହାରେ ଖାଆନ୍ତି, ବାରମ୍ବାର ଯାତ୍ରା କରନ୍ତି କିମ୍ବା ପରିଷ୍କାର ପାଣି ପିଅନ୍ତି ନାହିଁ ସେମାନଙ୍କ ମଧ୍ୟରେ ସଂକ୍ରମଣର ଆଶଙ୍କା ଅଧିକ ଥାଏ। ଯଦି ଶରୀର ପୂର୍ବରୁ ଜଳୀୟ ଅଂଶ କିମ୍ବା ଦୁର୍ବଳ ହୋଇଯାଏ, ତେବେ ଅସୁସ୍ଥତା ଶୀଘ୍ର ବିକଶିତ ହୋଇପାରେ।  ନିବାରଣ ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ପାଣି ଏବଂ ଖାଦ୍ୟ ପ୍ରତି କଠୋର ହେବା। ସର୍ବଦା ଫୁଟା କିମ୍ବା ଫିଲ୍ଟର ପାଣି ପିଅ। ବାହାରୁ କଞ୍ଚା କିମ୍ବା ଖୋଲା ଖାଦ୍ୟ ଖାଇବାରୁ ଦୂରେଇ ରୁହ, ତାହା ଯେତେ ସ୍ୱାଦିଷ୍ଟ ଦେଖାଯାଉ ନା କାହିଁକି। ସର୍ବଦା ତାଜା ଏବଂ ଗରମ ଖାଦ୍ୟ ଖାଅ, କାରଣ ଗରମ ଅଧିକାଂଶ ଜୀବାଣୁକୁ ମାରିଦିଏ। ହାତ ଧୋଇବା ଏକ ସରଳ କିନ୍ତୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଭ୍ୟାସ। ଖାଇବା ପୂର୍ବରୁ ଏବଂ ଶୌଚାଳୟ ବ୍ୟବହାର କରିବା ପରେ ସର୍ବଦା ହାତ ଧୋଇବା। ଏହି ଛୋଟ ଅଭ୍ୟାସ ଆପଣଙ୍କୁ ଅନେକ ରୋଗରୁ ରକ୍ଷା କରିପାରିବ। ଯଦି ଆପଣ ଅସୁସ୍ଥ ହୁଅନ୍ତି, ତେବେ ହାଇଡ୍ରେସନ୍ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଯାଏ। ଶରୀରକୁ ଆବଶ୍ୟକୀୟ ଇଲେକ୍ଟ୍ରୋଲାଇଟ୍ସ ଯୋଗାଇବା ପାଇଁ କେବଳ ପାଣି ନୁହେଁ, ଓଆରଏସ କିମ୍ବା ନଡ଼ିଆ ପାଣି ଭଳି ତରଳ ପଦାର୍ଥ ପିଅନ୍ତୁ।

# ଖରାଦିନେ ଖାଆନ୍ତୁ କଞ୍ଚା ଆମ୍ବ

ଗ୍ରୀଷ୍ମ ଋତୁ ଆସିବା ମାତ୍ରେ ଆମ୍ବ ପ୍ରେମୀମାନେ ଖୁସି ହୋଇଯାନ୍ତି। ଫଳର ରାଜା ଅର୍ଥାତ ଆମ୍ବକୁ ଲୋକମାନେ ବର୍ଷସାରା ଉତ୍ସାହର ସହିତ ଅପେକ୍ଷା କରନ୍ତି। ଏପ୍ରିଲ୍ ମାସରେ କଞ୍ଚା ଆମ୍ବ ପ୍ରଚୁର ପରିମାଣରେ ଉପଲବ୍ଧ ହୁଏ। ପାଚିଲା ଆମ୍ବ ଆସିବା ପର୍ଯ୍ୟନ୍ତ, ଲୋକମାନେ କେବଳ କଞ୍ଚା ଆମ୍ବ ବ୍ୟବହାର କରନ୍ତି। ଏହି କଞ୍ଚା ଆମ୍ବ ବହୁତ ସ୍ୱାଦିଷ୍ଟ। କଞ୍ଚା ଆମ୍ବର ନାଁ ଶୁଣିଲେ ହିଁ ପାଟିରେ ଲାଳ ଆସିଯାଏ। ଆମ୍ବ ପଣା, ଆମ୍ବ ଚଟନି ଆଦି କଞ୍ଚା ଆମ୍ବରୁ ତିଆରି। କିନ୍ତୁ କଣ ଆପଣ ଜାଣିଛନ୍ତି କଞ୍ଚା ଆମ୍ବ ଆମ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଲାଭଦାୟକ ହୋଇଥାଏ। ତେବେ ଆସନ୍ତୁ ଜାଣିବା କଞ୍ଚା ଆମ୍ବ ଖାଇବାର ଲାଭ କ'ଣ ? କଞ୍ଚା ଆମ୍ବ ଅନେକ ପୋଷକ ତତ୍ତ୍ୱର ଭଣ୍ଡାର ଅଟେ। ଏଥିରେ ଭିଟାମିନ୍ ଏ, ଭିଟାମିନ୍ ସି, ଭିଟାମିନ୍ ଇ, କ୍ୟାଲସିୟମ୍, ଆଇରନ୍, ଫାଇବର, ମ୍ୟାଗ୍ନେସିୟମ୍ ଏବଂ ଫସଫରସ୍ ଭଳି ପୋଷକ ତତ୍ତ୍ୱ ଭରପୂର ମାତ୍ରାରେ ରହିଥାଏ। କଞ୍ଚା ଆମ୍ବ ଗ୍ରୀଷ୍ମ ଋତୁରେ ଉତ୍ତାପରୁ ରକ୍ଷା କରିବାରେ ଏବଂ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବାରେ ସାହାଯ୍ୟ କରେ। ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇଥାଏ- କଞ୍ଚା ଆମ୍ବ ଖାଇବା ଶରୀରକୁ ଭିଟାମିନ୍ ସି ଯୋଗାଇଥାଏ। ଏହା ରୋଗ ପ୍ରତିରୋଧକ ଶକ୍ତିକୁ ମଜବୁତ କରିଥାଏ ଏବଂ ଶରୀରକୁ ରୋଗରୁ ଦୂରେଇ ରଖେ। ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବା ପାଇଁ କଞ୍ଚା ଆମ୍ବ ଖାଇବା ଉଚିତ୍। ଏହା ସହିତ ଗ୍ରୀଷ୍ମଋତୁ ସମୟରେ ଘଟୁଥିବା ଅନେକ ରୋଗକୁ ରୋକାଯାଇପାରିବ। ହଜମ ପ୍ରକ୍ରିୟାରେ ଉନ୍ନତି ଆଣେ- ଯେଉଁମାନେ କଞ୍ଚା ଆମ୍ବ ଖାଆନ୍ତି, ହଜମ ପ୍ରକ୍ରିୟାରେ କମ୍ ସମସ୍ୟା ଥାଏ। କଞ୍ଚା ଆମ୍ବ ଖାଇବା ଦ୍ୱାରା ଶରୀରକୁ ପ୍ରଚୁର ପରିମାଣରେ ଫାଇବର ମିଳିଥାଏ। ଯେଉଁ କାରଣରୁ କୋଷ୍ଠକାଠିନ୍ୟ ଦୂର ହୁଏ। କଞ୍ଚା ଆମ୍ବର ଗ୍ୟାଷ୍ଟ୍ରୋପ୍ରୋଟେକ୍ଟିଭ୍ ଇଫେକ୍ଟ ଅଛି ଯାହା ଏସିଡ଼ିଟି ସମସ୍ୟାକୁ ମଧ୍ୟ ହ୍ରାସ କରିଥାଏ। କଞ୍ଚା ଆମ୍ବ ଖାଇବା ଦ୍ୱାରା ବଦହଜମି ଏବଂ ଗ୍ୟାସରୁ ମୁକ୍ତି ମିଳିଥାଏ। ଲୁ' ପ୍ରଭାବରୁ ରକ୍ଷା ପାଇବା ପାଇଁ କଞ୍ଚା ଆମ୍ବ ପଣା ପିଇବା ଉଚିତ। କଞ୍ଚା ଆମ୍ବ ଖାଇବା ଦ୍ୱାରା ଲୁ' ଲାଗିବାର ଆଶଙ୍କା କମିଯାଏ। ଏହା ଶରୀରକୁ ହାଇଡ୍ରେଟ୍ ରଖେ ଏବଂ ଥଣ୍ଡାକୁ ବଜାୟ ରଖେ। ତେଣୁ ଗ୍ରୀଷ୍ମ ଋତୁରେ କଞ୍ଚା ଆମ୍ବ ଖାଇବା ଅତ୍ୟନ୍ତ ଆବଶ୍ୟକ। କଞ୍ଚା ଆମ୍ବରେ କ୍ୟାଲସିୟମ୍ ମଧ୍ୟ ମିଳିଥାଏ। ଯେଉଁ କାରଣରୁ ହାଡ ଶକ୍ତିଶାଳୀ ହୁଏ। ତେଣୁ, ଗ୍ରୀଷ୍ମ ସମୟରେ ଆପଣଙ୍କ ଖାଦ୍ୟରେ କଞ୍ଚା ଆମ୍ବ ଅନ୍ତର୍ଭୁକ୍ତ କରନ୍ତୁ। ଆପଣ ପିଲାମାନଙ୍କୁ ଆମ୍ବ ପଣା କିମ୍ବା ଚଟନି ମଧ୍ୟ ଦେଇପାରିବେ। କଞ୍ଚା ଆମ୍ବରେ ଆଣ୍ଟି-ଡାଇବେଟିକ ପ୍ରଭାବ ଦେଖିବାକୁ ମିଳିଛି। ଯେଉଁ କାରଣରୁ ରକ୍ତରେ ସୁଗାର ଲେବଲ ନିୟନ୍ତ୍ରଣ କରାଯାଇପାରିବ। ଏହାର ଅର୍ଥ କଞ୍ଚା ଆମ୍ବ ଖାଇବା ଡାଇବେଟିସ ରୋଗୀଙ୍କ ପାଇଁ ମଧ୍ୟ ଲାଭଦାୟକ ହୋଇଥାଏ। ତଥାପି, ନିଶ୍ଚିତ ଭାବରେ ଥରେ ଡାକ୍ତରଙ୍କ ସହିତ ପରାମର୍ଶ କରନ୍ତୁ।



# ଶକ୍ତି ବଢ଼ାଇବାକୁ ଅଶ୍ୱଗନ୍ଧା ଖାଉଛନ୍ତି କି ?



ଆୟୁର୍ବେଦିକ ଗ୍ରନ୍ଥ ଅନୁସାରେ, ଅଶ୍ୱଗନ୍ଧା ମୂଳ ବା ଚେର ସ୍ୱାସ୍ଥ୍ୟ ପାଇଁ ବେଶ ଲାଭଦାୟକ । ଏହାକୁ ସଠିକ ପରିମାଣରେ ସେବନ କରିବା ଦ୍ୱାରା ଅନେକ ସ୍ୱାସ୍ଥ୍ୟ ସମସ୍ୟାରୁ ମୁକ୍ତି ମିଳିପାରିବ। ଅଶ୍ୱଗନ୍ଧାକୁ ଏକ ଔଷଧ ଭାବରେ ସେବନ କରାଯାଏ, ଯାହା ଶରୀରର ଶକ୍ତି ବୃଦ୍ଧି କରିବା ସହ ଚାପ କମାଏ ଏବଂ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ସାହାଯ୍ୟ କରେ। କିନ୍ତୁ ଅଶ୍ୱଗନ୍ଧା ସେବନକୁ ନେଇ ଭାରତୀୟ ଖାଦ୍ୟ ସୁରକ୍ଷା ଓ ମାନକ ପ୍ରାଧିକରଣ (FS-SAI) ନୂଆ ଚେତାବନୀ ଜାରି କରିଛି । ଅଶ୍ୱଗନ୍ଧା ପତ୍ର ବ୍ୟବହାରକୁ ନିଷେଧ କରିଛି ଏଫଏସଏସଆଇ । ଖାଦ୍ୟ କିମ୍ବା ଅନ୍ୟ ଉତ୍ପାଦରେ ଅଶ୍ୱଗନ୍ଧାର ଚେର ବ୍ୟବହର ପାଇଁ ଅନୁମତି ରହିଛି । ହେଲେ କିଛି କମ୍ପାନୀ ସେମାନଙ୍କ ଖାଦ୍ୟ ଉତ୍ପାଦରେ ଅଶ୍ୱଗନ୍ଧାର ପତ୍ର ବ୍ୟବହାର କରୁଛନ୍ତି । ତେଣୁ ଭାରତୀୟ ଖାଦ୍ୟ ସୁରକ୍ଷା ଓ ମାନକ ପ୍ରାଧିକରଣ ପତ୍ରର ବ୍ୟବହାର ଉପରେ ବ୍ୟାନ ଲଗାଇ ଦେଇଛି । କୌଣସି ଖାଦ୍ୟ ଉତ୍ପାଦରେ ଅଶ୍ୱଗନ୍ଧାର ପତ୍ର ବ୍ୟବହାର ହୋଇପାରିବ ନାହିଁ । ଆୟୁଷ ମନ୍ତ୍ରଣାଳୟ ମଧ୍ୟ, ଅଶ୍ୱଗନ୍ଧାର ଚେର ବ୍ୟବହାରକୁ ଅନୁମତି ଦେଇଥିବା ବେଳେ, ପତ୍ର ବ୍ୟବହାର ଉପରେ ରୋକ ଲଗାଇଛି । ସେପଟେ ଆୟୁର୍ବେଦିକ ବିଶେଷଜ୍ଞଙ୍କ ଅନୁସାରେ, ପୁରାତନ ଗ୍ରନ୍ଥରେ ଅଶ୍ୱଗନ୍ଧାର ଚେର ସେବନ ସଂପର୍କରେ ଉଲ୍ଲେଖ ରହିଛି । ହେଲେ ଏହା ପତ୍ରରେ ଔଷଧୀୟ ଗୁଣ ରହିଛି। କିନ୍ତୁ ଏଥିରେ ବିଭିନ୍ନ ଉପାଦାନ ଅସନ୍ତୁଳିତ ଉପାୟରେ ଥାଇପାରେ । ଅଶ୍ୱଗନ୍ଧାର ଚେରକୁ ଔଷଧୀୟ ଉତ୍ପାଦ ଭାବରେ ସେବନ କରାଯାଇପାରିବ, କିନ୍ତୁ ଏହାର ପତ୍ର ସେବନ କରିବା ଠିକ୍ ନୁହେଁ । ଏହି ପତ୍ର ଶରୀରରେ ଟକ୍ସିସିଟି ବଢ଼ାଇପାରେ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି । ଯଦିଓ ଅଶ୍ୱଗନ୍ଧା ଚେର ଶରୀର ପାଇଁ ଭଲ, କିନ୍ତୁ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ପରାମର୍ଶ ବିନା ଏହାକୁ ସେବନ କରିବା ଅନୁଚିତ । ଅଶ୍ୱଗନ୍ଧାର ବୈଜ୍ଞାନିକ ନାମ 'Withania somnifera' । ଅଶ୍ୱଗନ୍ଧା ଦୁଇଟି ସଂସ୍କୃତ ଶବ୍ଦ 'ଅଶ୍ୱ' ଏବଂ 'ଗନ୍ଧ'ରୁ ସୃଷ୍ଟି । ଏହାର ଚେରରୁ ଅଶ୍ୱର ସ୍ୱେଦ ଭଳି ଗନ୍ଧ ବାହାରେ । କୁହାଯାଏ, ଅଶ୍ୱଗନ୍ଧାର ଚେର ସେବନ କଲେ, ବ୍ୟକ୍ତିକୁ ଘୋଡ଼ା ଭଳି ଶକ୍ତି ମିଳେ । ରିପୋର୍ଟ ଅନୁସାରେ, ଅଶ୍ୱଗନ୍ଧା ଶରୀରରେ କର୍ଟିସୋଲ (Cortisol)ର ମାତ୍ରାକୁ କମ୍ କରେ, ଏହା ଏକ ଷ୍ଟ୍ରେସ୍ ହରମୋନ୍ । ଅଶ୍ୱଗନ୍ଧା ମସ୍ତିଷ୍କକୁ ଥଣ୍ଡା ରଖିବାରେ ବି ସାହାଯ୍ୟ କରେ । ଆଥଲେଟ୍ ଏବଂ ଜିମ୍ କରୁଥିବା ଲୋକେ, ମାଂଶପେସୀର ଶକ୍ତି ଏବଂ ଷ୍ଟାମିନା ବଢ଼ାଇବାକୁ ଏହାର ସେବନ କରନ୍ତି ।

# ପେନ୍ କିଲର ଖାଇଲେ ତୁରନ୍ତ କିପରି ଯନ୍ତ୍ରଣାରୁ ମିଳେ ମୁକ୍ତି ?

ଯେତେବେଳେ ଶରୀରରେ କୌଣସି ପ୍ରକାରର ଯନ୍ତ୍ରଣା ହୋଇଥାଏ, ଲୋକମାନେ ପ୍ରାୟତଃ ପେନ କିଲର ଖାଇଥାନ୍ତି। ଖାସ କଥା ହେଉଛି ଏହି ଔଷଧ ଗ୍ରହଣ କରିବାର କିଛି ସମୟ ପରେ ଯନ୍ତ୍ରଣା କମ୍ ହୋଇଥାଏ। ତେବେ ଏହା କିପରି ସମ୍ଭବ ହୋଇଥାଏ। ଶରୀରରେ ଯନ୍ତ୍ରଣା ହେବା ମାତ୍ରେ ଏକ ପ୍ରକାର ସଙ୍କେତ ମିଳିଥାଏ ଯେ କୌଣସି ସ୍ଥାନରେ କିଛି ସମସ୍ୟା, ଆଘାତ କିମ୍ବା ପ୍ରଦାହ ହୋଇଛି। ଯେତେବେଳେ ଏହି ଯନ୍ତ୍ରଣା ହୁଏ, ସେତେବେଳେ ଶରୀରରେ ପ୍ରୋଷ୍ଟାଗ୍ଲାଣ୍ଡିୟସ୍ ନାମକ ରାସାୟନିକ ପଦାର୍ଥ ଉତ୍ପାଦିତ ହୁଏ, ଯାହା ମସ୍ତିଷ୍କକୁ ଯନ୍ତ୍ରଣାର ସ୍ଥାନ ବିଷୟରେ ସ୍ନାୟୁ ମାଧ୍ୟମରେ ସଙ୍କେତ ଦିଏ। ଅଧିକାଂଶ ପେନ୍ କିଲର୍, ଯେପରିକି ପାରାସିଟାମଲ୍ ଏବଂ ଆଇବୁପ୍ରୋଫେନ୍, ଶରୀରରେ ଯନ୍ତ୍ରଣା ସୃଷ୍ଟିକାରୀ ରାସାୟନିକ ପଦାର୍ଥର ଉତ୍ପାଦନ ହ୍ରାସ କରିବାରେ ସାହାଯ୍ୟ କରନ୍ତି। ଏହି ଔଷଧଗୁଡ଼ିକ ପ୍ରୋଷ୍ଟାଗ୍ଲାଣ୍ଡିୟସ୍ ଉତ୍ପାଦନକୁ ଅବରୋଧ କରିବାରେ ସାହାଯ୍ୟ କରନ୍ତି। ଯେତେବେଳେ ଏହି ରାସାୟନିକ ପଦାର୍ଥଗୁଡ଼ିକ କମ୍ ଉତ୍ପାଦିତ ହୁଏ, ସେତେବେଳେ ଯନ୍ତ୍ରଣା ସଙ୍କେତଗୁଡ଼ିକ ସ୍ନାୟୁକୁ କମ୍ ସଂଚାରିତ ହୁଏ। ଫଳସ୍ୱରୂପ, ଆମେ ଯନ୍ତ୍ରଣାରୁ ମୁକ୍ତି ଅନୁଭବ କରୁ। ଏହି ଔଷଧଗୁଡ଼ିକ ପେଟରେ ପ୍ରବେଶ କରିବା ପରେ ରକ୍ତରେ ଶୀଘ୍ର ମିଶିଯାଏ। ଏହା ପରେ ରକ୍ତପ୍ରବାହ ମାଧ୍ୟମରେ ସାରା ଶରୀରରେ ଦ୍ରୁତ ଗତିରେ ଖୋଳେଇ ହୋଇଥାଏ, ବିଶେଷକରି ମସ୍ତିଷ୍କ ଏବଂ ଯନ୍ତ୍ରଣା ହେଉଥିବା ସ୍ଥାନକୁ ପ୍ରଭାବିତ କରେ। ସାଧାରଣତଃ, ଅଧିକାଂଶ ପେନ୍ କିଲର ୨୦ ରୁ ୩୦ ମିନିଟ୍ ମଧ୍ୟରେ କାମ କରିବା ଆରମ୍ଭ କରନ୍ତି। ବିଭିନ୍ନ ପ୍ରକାରର ପେନ୍ କିଲର୍ ଅଛି, ଏବଂ ସେମାନଙ୍କର କାର୍ଯ୍ୟ କରିବାର ପଦ୍ଧତି ମଧ୍ୟ ଭିନ୍ନ। ପାରାସିଟାମଲ୍ ପରି ସାଧାରଣ ପେନ୍ କିଲର୍ ଜ୍ୱର କମାଇଥାଏ, କିନ୍ତୁ ପ୍ରଦାହ ଉପରେ ଏଗୁଡ଼ିକର ବିଶେଷ ପ୍ରଭାବ ପଡ଼ିନଥାଏ। ଆଇବୁପ୍ରୋଫେନ୍ ଭଳି ଔଷଧ, ଯାହା ପ୍ରଦାହ ସହିତ ଯନ୍ତ୍ରଣା ଉପରେ ମଧ୍ୟ କାମ କରେ। ଏଗୁଡ଼ିକ ଯନ୍ତ୍ରଣା ଅନିୟନ୍ତ୍ରିତ ହେଲେ ଦିଆଯାଏ, କାରଣ ଏଗୁଡ଼ିକ ସିଧାସଳଖ ମସ୍ତିଷ୍କକୁ ପ୍ରଭାବିତ କରେ। ତଥାପି, ଡାକ୍ତରଙ୍କ ପରାମର୍ଶ ବିନା ଏଗୁଡ଼ିକୁ ନେବା କ୍ଷତିକାରକ ହୋଇପାରେ।



